Postal Reg. No.GDP-40/2017-2019

بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 3

ସଂଖ୍ୟା 1-2

ସାପ୍ତାହିକ ବଦର

The Weekly କାଦିଆନ

BADAR Qadian

ODIA

ବାର୍ଷିକ ଦେୟ: ୩୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

4-11 ଜାନୁଆରୀ 2018    4-11 ସୁଲାହ୍ 1397 ହି.ଶ    16-23 ରବିଉଲ୍ ସାନି 1439 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥

**ହେ ୟୁରୋପ୍ ତୁ ମଧ୍ୟ ଶାନ୍ତିରେ ନାହୁଁ ଏବଂ ହେ ଏସିଆ ତୁ ମଧ୍ୟ ସୁରକ୍ଷିତ ନୁହଁ । ଏବଂ ହେ ଦ୍ୱୀପପୁଞ୍ଜ ମାନଙ୍କରେ ବାସ କରୁଥିବା ଲୋକେ ! କୌଣସି କୃତ୍ରିମ ଖୁଦା ତୁମକୁ ସାହାଯ୍ୟ କରିବେ ନାହିଁ । ମୁଁ ସହର ଗୁଡିକୁ ତଳିତଳାନ୍ତ ହୋଇଯିବାର ଦେଖୁଅଛି ଓ (ସେଥିରେ) ବସବାସ କରୁଥିବା ଲୋକଙ୍କୁ ଜନଶୂନ୍ୟ ଦେଖୁଛି ।**

**ଖୁଦାଙ୍କ କ୍ରୋଧ ଶିଘ୍ର ହୁଏ ନାହିଁ । ତେଣୁ ତୌବା କରିନିଅ ଫଳତଃ (ସେ) ତୁମ ଉପରେ ଦୟା କରିବେ । ଯିଏ ଖୁଦାଙ୍କୁ ପରିତ୍ୟାଗ କରେ ସେ ମଣିଷ ନୁହେଁ, ଗୋଟିଏ ପୋକ ।**

**ଏବଂ ଯିଏ ତାଙ୍କୁ ଭୟ କରୁନାହିଁ ସେ ହେଉଛି ମୃତ ଜୀବିତ ନୁହେଁ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

୧୦୫-ଶହେ ପାଂଚତମ ନିଦର୍ଶନ - ଥରେ ମୋ ଭାଇ ମିର୍ଜା ଗୁଲାମ୍ କାଦିର୍ ସାହେବ୍ ମର୍‌ହୁମ୍‌ଙ୍କ ବିଷୟରେ ମୋତେ ସ୍ୱପ୍ନରେ ଦେଖାଇ ଦିଆଗଲା କି ତାଙ୍କ ଜୀବନର ଆଉ ଅଳ୍ପ ଦିନ ବାକି ଅଛି । ଯାହା ଅଧିକରୁ ଅଧିକ ପନ୍ଦର ଦିନ ହେବ । ଏହା ପରେ ସେ ଅଚାନକ ଭୀଷଣ ବିମାର ପଡ଼ିଗଲେ । ଏପରିକି  ଦେହରେ କେବଳ ହାଡ ବାକି ରହିଗଲା । ଫଳତଃ ଏତେ ଦୁର୍ବଳ ହୋଇଗଲେ ଯେ ଖଟିଆରେ ବସିଥିବା ସମୟରେ ଜଣାପଡ଼ିନଥିଲା ଯେ ଏଥିରେ କିଏ ବସିଛି ବା ଖାଲି ଖଟିଆ ପଡ଼ିଛି । ଝାଡ଼ା ପରିଶ୍ରା ବୋହି ପଡୁଥିଲା ଓ ବେହୋସ/ଅଚେତନ ଅବସ୍ଥାରେ ରହୁଥିଲେ । ମୋ ବାପା ମିର୍ଜା ଗୁଲାମ୍ ମୁର୍‌ତଜା ସାହେବ୍ ଜଣେ ବଡ଼ ଦକ୍ଷ ବୈଦ୍ୟ ଥିଲେ, ସେ କହିଲେ ଯେ ବର୍ତ୍ତମାନ ଅବସ୍ଥା ନିରାଶଜନକ ଅଟେ । କେବଳ ଅଳ୍ପଦିନର କଥା । ସେ ସମୟରେ ମୋଠାରେ ଯୌବନର ଶକ୍ତି ଭରପୂର ଥିଲା । ଏବଂ କାର୍ଯ୍ୟ କରିବାର ସାମର୍ଥ୍ୟ ଥିଲା ସ ମୋ ପ୍ରକୃତିରେ ଏକଥା ନିହିତ ଅଛି ଯେ ମୁଁ ପ୍ରତ୍ୟେକ କଥା ଉପରେ ଖୁଦାଙ୍କୁ ଶକ୍ତିଶାଳୀ ରୂପେ ଜାଣେ । ଓ ବାସ୍ତବରେ ତା ଅପାର ଶକ୍ତିକୁ କିଏ କଳନା କରିପାରେ । ଓ ତା ପାଇଁ କୌଣସି କଥା ଅସମ୍ଭବ ନୁହେଁ, କେବଳ ସେହି ବିଷୟରେ ଯାହା ତା ପ୍ରତିଶୃତିର ଖିଲାଫ୍ ବା ତାର ପବିତ୍ର ମହିମା ଓ ତା ଏକେଶ୍ୱରବାଦର ବିରୋଧ ହୁଏ । ତେଣୁ ମୁଁ ଏପରି ଅବସ୍ଥାରେ ମଧ୍ୟ ତାଙ୍କ ପାଇଁ ଦୁଆ କରିବା ଆରମ୍ଭ କରିଦେଲି । ଓ ମୁଁ ଏହି ଦୁଆ ମାଧ୍ୟମରେ ତିନୋଟି ଜ୍ଞାନ ଅର୍ଜନ କରିବା ପାଇଁ ମନରେ ନିଶ୍ଚିତ କରିଦେଇଥିଲି ।

ପ୍ରଥମତଃ ମୁଁ ଏହା ଦେଖିବା ପାଇଁ ଚାହୁଁଥିଲି ଯେ କଣ ମୁଁ ଅଲ୍ଲାଃଙ୍କ ନିକଟରେ ଯୋଗ୍ୟ ଅଟେ ଯେ ମୋର ଦୁଆ ଗ୍ରହଣୀୟ ହେବ । ଦ୍ୱିତୀୟତଃ କଣ ଯେଉଁ ସ୍ୱପ୍ନ ଓ ଏଲ୍‌ହାମ୍ ଚେତାବନୀ ସ୍ୱରୂପ ହୋଇଥାଏ ସେଗୁଡିକ ବିଳମ୍ବ ହୋଇପାରିବ ବା ନୁହେଁ । ତୃତୀୟତଃ କଣ ଏପରି ରୋଗୀ ଯାହାଙ୍କ କେବଳ ହାଡ ବାକି ରହିଯାଇଛି, ସେ ଦୁଆ ଦ୍ୱାରା ଆରୋଗ୍ୟ ଲାଭ କରିପାରିବ ବା ନୁହେଁ । ସୁତରାଂ ମୁଁ ଏହି ଆଧାରରେ ଦୁଆ କରିବା ଆରମ୍ଭ କରିଦେଲି । ମୁଁ ତା'ରାଣ ଖାଇ କହୁଛି ଯା ହାତରେ ମୋ ଜୀବନ ଅଛି । ଦୁଆ କରିବା ସଙ୍ଗେ ସଙ୍ଗେ ଅବସ୍ଥାରେ ପରିବର୍ତ୍ତନ ହୋଇଚାଲିଲା । ଏହି ସମୟରେ ଆଉ ଗୋଟିଏ ସ୍ୱପ୍ନ ମୁଁ ଦେଖିଲି ଯେ ସେ ନିଜ ଅଗଣାରେ ନିଜ ପାଦରେ ଚାଲିଛନ୍ତି ଓ ତାଙ୍କୁ ଆଉ ଜଣେ ବ୍ୟକ୍ତି କଡ ଲେଉଟାଇ ଦେଇଛନ୍ତି । ଯେବେ ଦୁଆ କରିବାର ପନ୍ଦର ଦିନ ବିତିଗଲାଣି । ସେତେବେଳେ ତାଙ୍କ ନିକଟରେ ସ୍ୱାସ୍ଥ୍ୟବାନ ହେବାର ପ୍ରକାଶ୍ୟ ଲକ୍ଷଣ ଦୃଶ୍ୟମାନ ହେଲା । ଓ ସେ ଇଛାବ୍ୟକ୍ତ କଲେ କି, ମୋ ମନ ଚାହୁଁଛି ଯେ କିଛି ପାଦ ଚାଲିବି । ସୁତରାଂ ସେ କିଛିଟା ସାହାଯ୍ୟ ନେଇ ଉଠିଲେ ଓ ଆଶାବାଡି ସାହାଯ୍ୟରେ ଚାଲିବା ଆରମ୍ଭ କଲେ, ପୁଣି ଆଶାବାଡ଼ି ମଧ୍ୟ ଛାଡ଼ିଦେଲେ ଏହିପରି କିଛି ଦିନ ଭିତର ସମ୍ପୂର୍ଣ୍ଣ ଆରୋଗ୍ୟ ହେଲେ । ଏହାପରେ ସେ ପନ୍ଦର ବର୍ଷ ଜୀବିତ ରହିଲେ ଓ ପୁଣି ମୃତ୍ୟୁ ବରଣ କଲେ । ଯେଉଁଥିରୁ ଜଣାପଡ଼ିଲା ଯେ ଖୁଦା ତାଙ୍କର ଜୀବନର ପନ୍ଦର ଦିନକୁ ପନ୍ଦର ବର୍ଷରେ ପରିବର୍ତ୍ତନ କରିଦେଲେ । ଏ ହେଉଛନ୍ତି ଆମ ଖୁଦା ଯିଏ ନିଜର ପେଶ୍‌ଗୋଇ (ଦୈବିବାଣୀ) କୁ ବଦଳାଇ ନେବା ପାଇଁ ମଧ୍ୟ ସମର୍ଥ କିନ୍ତୁ ଆମ ବିରୋଧିମାନେ କହୁଛନ୍ତି ଯେ ସେ ସମର୍ଥ ନୁହେଁ ।

୧୦୬-ଶହେଛଅତମ ନିଦର୍ଶନ - ଥରେ ମୋର ଅଲ୍ଲାଃଙ୍କ ସହିତ ସାକ୍ଷାତ୍‌କାର ହେଲା (ଏହି ସାକ୍ଷାତ୍ ସ୍ୱପ୍ନରେ ହୋଇଥିଲା) । ଓ ମୁଁ ମୋ ହାତରେ ଅନେକ ପେଶ୍‌ଗୋଇ ଲେଖିଥିଲି, ଯାହାର ଅର୍ଥ ହେଉଛି ଏହିପରି ଘଟଣା ଗୁଡିକ ହେବା ଉଚିତ୍ । ପୁଣି ମୁଁ ସେହି କାଗଜଗୁଡିକୁ ଦସ୍ତଖତ କରାଇବା ନିମନ୍ତେ ଖୁଦାଙ୍କ ସମ୍ମୁଖରେ ଉପସ୍ଥାପନ କଲି । ଖୁଦାତାଲା ବିନା ବିଳମ୍ବରେ ଲାଲ୍ କଲମରେ ତା ଉପରେ ଦସ୍ତଖତ କରିଦେଲେ । ଦସ୍ତଖତ କରିବା ସମୟରେ କଲମ ଛିଂଚାଡ଼ିଲେ ଯେପରି କଲମକୁ ଅଧିକ କାଳୀ ହେବା ଯୋଗୁଁ ଛିଂଚଡ଼ାଯାଏ । ସେହିପରି ଛିଂଚାଡ଼ିଦେଇ ଦସ୍ତଖତ କରିଦେଲେ । ସେତେବେଳେ ମୁଁ ବହୁତ ଭାବବିହୋଳ ଅବସ୍ଥାରେ ଥିଲି ଯେ ଅଲ୍ଲାଃତାଲାଙ୍କର ଏତେ କରୁଣା ଓ ଦୟା ମୋ ଉପରେ ଯେ ମୁଁ ଯାହାକିଛି ଉପସ୍ଥାପନ କଲି ତା ଉପରେ ଅଲ୍ଲାଃ ଅବିଳମ୍ବେ ଦସ୍ତଖତ କରିଦେଲେ । ପୁଣି ମୋ ଆଖି ଖୋଲିଗଲା ଓ ସେ ସମୟରେ ମିଆଁ ଅବ୍‌ଦୁଲ୍‌ଲ୍ଲାଃ ସନ୍‌ଓ୍ୱାରୀ ମସ୍‌ଜିଦ୍‌ର ହୁଜ୍‌ରା (ଛୋଟଘର) ଭିତରେ ମୋ ଗୋଡ଼ ଦବାଉଥିଲେ ଓ ତାଙ୍କ ସମ୍ମୁଖରେ ଗଏବ୍ (ଅଦୃଷ୍ଟ) ରୁ ଲାଲ୍ ରଙ୍ଗର ଠୋପା ବିନ୍ଦୁ ମୋ କୁର୍ତ୍ତା (ଜାମା) ଓ ତାଙ୍କ ଟୋପି ଉପରେ ମଧ୍ୟ ପଡ଼ିଲା । ଓ ଆଶ୍ଚର୍ଯ୍ୟର କଥା ଏହା ଯେ ସେହି ଲାଲ୍ ରଙ୍ଗର ଠୋପା ପଡ଼ିବା ଓ କଲମ ଛିଂଚାଡିବାର ସମୟ ଏକ ଥିଲା । ଗୋଟିଏ ସେକେଣ୍ଡର ବ୍ୟବଧାନ ନଥିଲା । ଜଣେ ବାହାର ଲୋକ ଏକଥାକୁ ବୁଝିପାରିବ ନାହିଁ, ସେ ସନ୍ଦେହ କରିବ । କାରଣ ତାକୁ କେବଳ ଏହା ଗୋଟିଏ ସ୍ୱପ୍ନବୋଲି ଅନୁଭବ ହେବ । କିନ୍ତୁ ଯାହା ପାଖରେ ଆଧାତ୍ମିକ ଜ୍ଞାନ ଥିବ ସେ ଏ ବିଷୟରେ ସନ୍ଦେହ କରିପାରିବ ନାହିଁ ଯେ ଏହିପରି ଖୁଦା ନେସ୍ତ୍ (ନଥିବା) ରୁ ହସ୍ତ୍ (ଥିବା) କରିପାରେ । ସୁତରାଂ ମୁଁ ଏହି ସମସ୍ତ କାହାଣୀ ମିଆଁ ଅବ୍‌ଦୁଲ୍ଲାଃଙ୍କୁ ଶୁଣାଇଲି ଓ ସେ ସମୟରେ ମୋ ଆଖିରୁ ଅଶ୍ରୁ ବହୁଥିଲା । ଅବ୍‌ଦୁଲ୍ଲାଃ ଯିଏ ଗୋଟିଏ ଦୃଶ୍ୟର ସାକ୍ଷୀଥିଲେ । ତା ଉପରେ ବହୁତ ପ୍ରଭାବ ପଡ଼ିଲା ଓ ସେ ମୋ କୁର୍ତ୍ତା (ଜାମା) କୁ ପ୍ରସାଦ ସ୍ୱରୂପ ନିଜ ପାଖରେ ରଖିଲେ ଓ ତାହା ଏପର୍ଯ୍ୟନ୍ତ ତାଙ୍କ ପାଖରେ ଅଛି ।

୧୦୭-ଶହେସାତତମ ନିଦର୍ଶନ - ଅନେକ ଥର ଭୂମିକମ୍ପ ପୂର୍ବରୁ ଖବରକାଗଜ ଗୁଡିକରେ ମୋ ତରଫରୁ ଏହା ଛପା ସରିଛି ଯେ ଦୁନିଆରେ ବଡ଼ ବଡ଼ ଭୂମିକମ୍ପ ଆସିବ ଏପରିକି ଏ ମାଟି ତଳ ଉପର ହୋଇଯିବ । ସୁତରାଂ ଯେଉଁ ଭୂମିକମ୍ପ ସାନ୍ ଫ୍ରାନ୍‌ସ୍‌କୋ ଓ ଫାର୍‌ମୁସା ଇତ୍ୟାଦି ସ୍ଥାନରେ ମୋ ପେଶ୍‌ଗୋଇ ମୁତାବକ ଆସିଲା ତାହା ତ ସମସ୍ତେ ଜାଣିଛନ୍ତି

*ଅବଶିଷ୍ଟାଂଶ ପୃଷ୍ଠା-୬ ରେ ଦେଖନ୍ତୁ.......*

ପ୍ରିନ୍ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

**ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତିଙ୍କ ନିମନ୍ତେ ପାଂଚବେଳା ନମାଜ ପଢ଼ିବା ଜୀବନର ଉଦ୍ଦେଶ୍ୟ ହେବା ଉଚିତ୍ ।**

**ଯୁବକ ଖୁଦ୍ଦାମ୍ ଓ ବୟସ୍କ ଅତ୍‌ଫାଲ୍‌ମାନଙ୍କୁ ସର୍ବଦା ଭଲ ସାଙ୍ଗ ଓ ଉତମ ସଂଗତରେ ରହିବା ଉଚିତ୍ ।**

**ଗଜ୍ଜେ ବସର ଅନୁସାରେ ଆଖି ତଳକୁ କରନ୍ତୁ ଓ ମନ ଓ ବୁଦ୍ଧିକୁ କୁଭାବନା ଓ କୁଇଚ୍ଛାଠାରୁ ପବିତ୍ର ରଖନ୍ତୁ ।**

**ମନେରଖ ପବିତ୍ରତା ହେଉଛି ଜଣେ ଖାଦିମ୍ (ସେବକ)ଙ୍କ ଚାରିତ୍ରିକ ସୁଗୁଣ ।**
**ଏହାଦ୍ୱାରା ଆପଣ ଆଧ୍ୟାତ୍ମିକ ଉନ୍ନତି ହାସଲ କରିପାରିବେ ।**

**ପୁଣି ପ୍ରତ୍ୟେକ ଓ୍ୱହ୍‌ଦାଦାରଙ୍କୁ ନିଜ ଭିତରେ ବାସ୍ତବିକ ବିନମ୍ରତାର ଆତ୍ମା ସୃଷ୍ଟି କରିବା ଉଚିତ୍ । କୌଣସି ଅହେମଦୀଙ୍କୁ ଅହଂକାରୀ, କଳିକାଣ୍ଡୁଆ ଓ କ୍ରୋଧି ହେବା ଉଚିତ୍ ନୁହେଁ ।**

ଲଣ୍ଡନ

MA- 21-09-2017

ଭାରତର ପ୍ରୀୟ ଖୁଦ୍ଦାମ୍ ଓ ଅତ୍‌ଫାଲ୍ !

ଅସ୍‌ସଲାମୋ ଆଲୈକୁମ୍ ଓ୍ୱ ରହ୍‌ମତୁଲ୍ଲାହି ଓ୍ୱ ବରକାତୁହୁ ।

ମୋ ପାଇଁ ବହୁତ ଖୁସିର ଅବସର ଯେ ଆପଣମାନଙ୍କୁ ଏବର୍ଷ ମଧ୍ୟ ନିଜର ବାର୍ଷିକ ଇଯ୍‌ତିମା ପାଳନ କରିବା ପାଇଁ ସୌଭାଗ୍ୟ ମିଳୁଅଛି । ଅଲ୍ଲାଃତାଲା ଏହାକୁ ପ୍ରତ୍ୟେକ କ୍ଷେତ୍ରରୁ ବାବରକତ କରନ୍ତୁ । ଓ ଯୋଗ ଦେଇଥିବା ସମସ୍ତ ଲୋକଙ୍କ ଉପରେ ଏହାର ସୁପ୍ରଭାବ ହେଉ । (ଆମିନ୍)

ମୋ ନିକଟରୁ ଏ ଅବସରରେ ବାର୍ତା ପ୍ରେରଣ ନିମନ୍ତେ ଆବେଦନ କରାଯାଇଛି । ମୁଁ ଏ ଅବସରରେ ଆପଣମାନଙ୍କୁ କିଛି ଉପଦେଶ ଦେବାକୁ ଚାହୁଁଛି । ଅଲ୍ଲାଃତାଲା ପବିତ୍ର କୋରାନ୍‌ର ସୁରା ଅଲ୍‌ମୁମିନିନ୍‌ରେ ସଫଳ ମୋମିନ୍‌ଙ୍କ ନିମନ୍ତେ କିଛି ବିଶେଷ ଗୁଣର ଚର୍ଚ୍ଚା କରିଛି ଯେ ସେମାନେ ନିଜର ନମାଜକୁ ବିନମ୍ରତାର ସହିତ ପାଠ କରିଥାନ୍ତି । ନିରର୍ଥକ କଥାରୁ ଦୂରେଇ ରହନ୍ତି । ନିଜ ଗୁପ୍ତାଙ୍ଗକୁ ସୁରକ୍ଷିତ ରଖିଥାନ୍ତି । ନିଜ ଅମାନତ ଓ ପ୍ରତିଶୃତିର ଧ୍ୟାନ ରଖନ୍ତି ଓ ନିଜର ନମାଜ ସମୟାନୁସାରେ ପାଠ କରିଥାନ୍ତି ।

ମନେରଖ ଯେ ଆପଣ ସମସ୍ତେ ହେଉଛନ୍ତି ଅହେମଦୀ ଖୁଦ୍ଦାମ୍ । ଆପଣମାନେ ନିଜର ଇଯ୍‌ଲାସ୍ ଓ ଇଯ୍‌ତିମା ଇତ୍ୟାଦି ଅବସରରେ ଏହି ଅହଦ୍ (ପ୍ରତିଶୃତି) କୁ ଦୋହରାଉଛନ୍ତି ଯେ ଦୀନ୍ (ଧର୍ମ) କୁ ସଂସାର ଉପରେ ଅଗ୍ରାଧିକାର ଦେବେ । ସେଥିପାଇଁ ପ୍ରତ୍ୟେକ ବ୍ୟକ୍ତି ପବିତ୍ର କୁରଆନ୍‌କୁ ନିୟମିତ ପାଠ କରିବା ଉଚିତ୍ । କାରଣ ଏହା ସେହି ଆଧ୍ୟାତ୍ମିକ ଜ୍ୟୋତି ଅଟେ ଯାହା ଆମକୁ ବାସ୍ତବିକ ରୂପେ ଦୀନ୍‌କୁ ଦୁନିଆ ଉପରେ ପ୍ରାଥମିକତା ଦେବାପାଇଁ ଶିକ୍ଷା ଦେଇଥାଏ । ପବିତ୍ର କୁରଆନ୍ ଆମକୁ ଏ ଶିକ୍ଷା ଦେଇଥାଏ ଯେ ସଫଳ ମୋମିନ୍ (ବିଶ୍ୱାସକାରୀ) ନମାଜକୁ ମଗ୍ନ ହୋଇ ବ୍ୟାକୁଳତାର ସହିତ ପାଠ କରିଥାଏ । ସେଥିପାଇଁ ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତିଙ୍କ ନିମନ୍ତେ ପାଂଚବେଳା ନମାଜ ପଢ଼ିବା ଜୀବନର ଉଦ୍ଦେଶ୍ୟ ହେବା ଉଚିତ୍ । ଓ ଯେତେଦୂର ସମ୍ଭବ ନମାଜକୁ ବାଯମାତ୍ ପଢ଼ିବା ଉଚିତ୍ କାରଣ ବାଯମାତ୍ ନମାଜର ସଓ୍ୱାବ (ପୁଣ୍ୟ) ଏକା ଏକା ନମାଜ ପଢ଼ିବାଠାରୁ ଅଧିକ । ବାଯମାତ୍ ନମାଜ ଏକତାର ପ୍ରତିକ ଅଟେ । ଓ ମୋମିନ୍‌ମାନଙ୍କର ଏକତ୍ରିକରଣକୁ ଶକ୍ତି ପ୍ରଦାନ କରିଥାଏ ।

ପୁଣି ଆପଣଙ୍କର ଏହି ସବୁ ଇଯ୍‌ତିମା ଗୁଡିକ ପୁଣ୍ୟ ଓ ନିଷ୍ଠାପରତାରେ ଏକ ଆରେକଠାରୁ ବଳିକରି ହେବା ଉଚିତ୍ । ଯୁବକ ଖୁଦ୍ଦାମ୍ ଓ ବୟସ୍କ ଅତ୍‌ଫାଲ୍‌ମାନେ ସର୍ବଦା ଭଲ ସାଙ୍ଗସାଥି ଓ ଉତମ ସଂଗତ ଗ୍ରହଣ କରିବା ଉଚିତ୍ । ଇଂଟରନେଟ୍ ଓ ସୋସିଆଲ୍ ମିଡ଼ିଆର କୁବ୍ୟବହାର ବର୍ତମାନ ସର୍ବସାଧାରଣ ହେଉଅଛି । ଯଦି କୌଣସି ଜିନିଷ ବା କାର୍ଯ୍ୟର କ୍ଷତିକାରକ ପ୍ରଭାବ ମୁଣ୍ଡରେ ପଡ଼େ ତେବେ ପବିତ୍ର କୋରାନ୍ ମୁତାବକ ତାହା ଲଗୁ (ବ୍ୟର୍ଥ ଓ ନିରର୍ଥକ) କାର୍ଯ୍ୟ ରୂପେ ବିବେଚିତ ହୋଇଥାଏ । ଲଗୁ ଅର୍ଥାତ୍ ବ୍ୟର୍ଥ ଓ ନିରର୍ଥକ କାର୍ଯ୍ୟରୁ ବଂଚି ରହିବା ହେଉଛି ମୋମିନ୍‌ଙ୍କର ବିଶେଷ ଗୁଣ । ସେହିପରି ନିଜର ସଂଯମତା ରକ୍ଷା କରିବା ଓ ଲଜ୍ଜାଶୀଳ ହେବା ମଧ୍ୟ ମୋମିନ୍‌ଙ୍କର କର୍ତବ୍ୟ ଅଟେ । ସେମାନଙ୍କୁ ଏ ନିର୍ଦ୍ଦେଶ ଦିଆଯାଇଛି ଯେ ଗଜ୍ଜେ ବସର୍ ଦ୍ୱାରା କାମ ନେଇ ନିଜ ଆଖିକୁ ତଳକୁ କରି ଦେଖନ୍ତୁ ଓ ହୃଦୟ ଓ ବୁଦ୍ଧିକୁ କୁଭାବନା ଓ କୁ ଇଚ୍ଛାଠାରୁ ପବିତ୍ର ରଖନ୍ତୁ । ଇସ୍‌ଲାମ୍‌ର ପ୍ରତ୍ୟେକ ନିୟମ ଅତ୍ୟନ୍ତ ଯୁକ୍ତିଯୁକ୍ତ ଓ ସୁଦୃଢ଼ ମୂଳଦୁଆ ଉପରେ ପର୍ଯ୍ୟବେଶିତ । ଗଜ୍ଜେ ବସର (ଅର୍ଥାତ୍ ନିଜ ଆଖିକୁ ନିଚା କରି ରଖିବା ଓ ଏଣେ ତେଣେ ନ ଦେଖିବା) ଦ୍ୱାରା କିପରି ସଂଯମତା ରକ୍ଷା କରାଯାଇପାରିବ, ଏହା ଇସ୍‌ଲାମ୍ ଆମକୁ ଶିକ୍ଷା ଦେଉଛି । ତେଣୁ ମନେରଖନ୍ତୁ! ସଂଯମୀ ହେବା ହେଉଛି ତ ଜଣେ ଖାଦିମ୍ (ସେବକ)ର ବିଶେଷ ଚରିତ୍ର । ଏହାଦ୍ୱାରା ଆପଣ ଆଧ୍ୟାତ୍ମିକ ଉନ୍ନତି ହାସଲ କରିପାରିବେ ।

ପୁଣି ପ୍ରତ୍ୟେକ ଓ୍ୱହ୍‌ଦାଦାର୍ ନିଜ ଭିତରେ ବାସ୍ତବିକ ବିନମ୍ରତାକୁ ସୃଷ୍ଟି କରିବା ଉଚିତ୍ । କୌଣସି ଅହେମଦୀ ଅହଂକାରୀ କଳିକାଣ୍ଡୁଆ ଓ କ୍ରୋଧି ହେବା ଉଚିତ୍ ନୁହେଁ । ଅହେମଦୀ ଖୁଦ୍ଦାମ୍ ଆମ ଆଧ୍ୟାତ୍ମିକ ସେନାର ଦ୍ୱିତୀୟ ଧାଡ଼ିରେ ଛିଡ଼ା ହୋଇଛନ୍ତି । ଦିନେ ଆପଣମାନେ ପ୍ରଥମ ଧାଡ଼ିକୁ ଆସିବେ । ତେଣୁ ଆପଣମାନଙ୍କୁ ବଡ଼ ବଡ଼ ଦାୟିତ୍ୱ ବହନ କରିବା ପାଇଁ ପ୍ରସ୍ତୁତ ରହିବାକୁ ହେବ । ଯମାତ୍‌ର କୌଣସି ସେବାକୁ ମଧ୍ୟ ମାମୁଲି ବୋଲି ଭାବନ୍ତୁ ନାହିଁ । ବରଂ ଏହାକୁ ଏ ମହାନ୍ ସୌଭାଗ୍ୟ ଓ ଅଲ୍ଲାଃଙ୍କ କୃପାବୋଲି ଭାବନ୍ତୁ । ଅନ୍ୟମାନଙ୍କ ନିମନ୍ତେ ଉଦାହରଣ ସୃଷ୍ଟି କରନ୍ତୁ । ଏହିପରି ପ୍ରତ୍ୟେକ ମଯ୍‌ଲିସ୍‌ରେ ଏପରି ତତ୍ପର ଲୋକେ ସୃଷ୍ଟି ହୋଇଯିବେ, ଯେଉଁମାନେ ନିଜର ସମୟ, ଧନ ଓ ସମ୍ମାନକୁ ଉତ୍ସର୍ଗ କରିବା ନିମନ୍ତେ ସର୍ବଦା ପ୍ରସ୍ତୁତ ରହିବେ । ତେଣୁ ଆପଣମାନେ ନିଜର ଦାୟିତ୍ୱଗୁଡିକ ଅତ୍ୟନ୍ତ ପରିଶ୍ରମ, ନିଷ୍ଠା ଓ ବିଶ୍ୱାସର ସହିତ ତୁଲାଇବାକୁ ଚେଷ୍ଟା କରିବା ଉଚିତ୍ । ଯାହା ଫଳରେ ଭାଇଚାରାର ସମ୍ପର୍କ ସୁଦୃଢ଼ ହୋଇଚାଲିବ । ପ୍ରତ୍ୟେକ କାଏଦ୍ ଓ ନାଜିମ୍ ମାନଙ୍କର ଖୁଦ୍ଦାମ୍ ଓ ଅତ୍‌ଫାଲ୍‌ଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କ ରହିବା ଉଚିତ୍ । ସେମାନଙ୍କୁ ସାହାଯ୍ୟ କରିବା ଓ ମାର୍ଗ ଦର୍ଶନ କରାଇବା ନିମନ୍ତେ ଉପଲବ୍ଧ ରହିବା ଉଚିତ୍ ଓ ସେମାନଙ୍କୁ ଯମାତ୍‌ର ନିକଟତର କରାଇବା ଉଚିତ୍ ।

ସୁତରାଂ ସମସ୍ତ ଖୁଦ୍ଦାମ୍ ଓ ଅତ୍‌ଫାଲମାନଙ୍କୁ ମନେରଖିବା ଉଚିତ୍ ଯେ ସେ ସବୁପ୍ରକାରର ପୁଣ୍ୟକାର୍ଯ୍ୟ କରିବା ପାଇଁ ଆଗକୁ ବଢ଼ନ୍ତୁ । ଅଲ୍ଲାଃତାଲା ଆପଣ ସମସ୍ତଙ୍କୁ ଏହା କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ଓ୍ୱସ୍‌ସଲାମ୍ ଖାକସାର
ମିର୍ଜା ମସ୍‌ରୁର୍ ଅହେମଦ୍
ଖଲିଫତୁଲ୍ ମସିହିଲ୍ ଖାମିସ୍

**ତହ୍‌ରିକେ ଯଦିଦ୍‌ରେ ସାମିଲ୍ ହୋଇଥିବା ଲୋକମାନଙ୍କ ନିମନ୍ତେ ସୟଦ୍‌ନା ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସ୍ନେହପୂର୍ଣ୍ଣ ଦୁଆ ଓ ପ୍ରେମଭରା ସଲାମ୍ ।**

ସୟଦ୍‌ନା ହଜରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବଙ୍କ ସେବାରେ ଓ୍ୱକାଲତେ ତହ୍‌ରିକ୍ ଯଦିଦ୍‌ଙ୍କ ତରଫରୁ ବାର୍ଷିକ ରିପୋର୍ଟ ୨୦୧୬-୧୭ ଉପସ୍ଥାପନ ହେବାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଅତି ସ୍ନେହର ସହିତ ନିମ୍ନଲିଖିତ ଦୁଆଇଆ କଲେମାତ (ପ୍ରାର୍ଥନା ବାଣୀ) ପ୍ରଦାନ କରିଛନ୍ତି ।

"ଅଲ୍ଲାଃତାଲା ଚାନ୍ଦା ଦେଇଥିବା ସମସ୍ତ ଲୋକଙ୍କୁ ଇବାଦତ୍ (ଉପାସନା) ଓ ନେକି (ପୁଣ୍ୟ) କାର୍ଯ୍ୟରେ ଜଣେ ଅନ୍ୟଜଣଙ୍କ ଠାରୁ ଆଗକୁ ବଢ଼ିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ତକ୍‌ଓ୍ୱା (ନିଷ୍ଠା) ଓ ବିନମ୍ରତାରେ ବଢ଼ାଇଚାଲନ୍ତୁ ତତ୍ ସହିତ ଦୀନ୍ ଓ ଦୁନିଆର ସୌନ୍ଦର୍ଯ୍ୟର ଉତରାଧିକାରୀ କରନ୍ତୁ । ଅଲ୍ଲାଃତାଲା ଯମାତ୍‌ର ଏହି ଲୋକମାନଙ୍କ ଧନ ଓ ଜନରେ ଅନୁପମ ବରକତ୍ ପ୍ରଦାନ କରନ୍ତୁ । (ଆମିନ୍) ତହ୍‌ରିକେ ଯଦିଦ୍‌ର ସମସ୍ତ କର୍ମୀମାନଙ୍କୁ ମୋର ପ୍ରେମଭରା ସଲାମ୍ ପହଂଚାଇ ଦିଅନ୍ତୁ ।

ଚାନ୍ଦା ତହ୍‌ରିକେ ଯଦିଦ୍‌ରେ ସାମିଲ୍ ହୋଇଥିବା ସମସ୍ତ ଲୋକଙ୍କୁ ଅଲ୍ଲାଃତାଲା ହଜୁର୍ ଅନୁଓ୍ୱର୍‌ଙ୍କ ଉକ୍ତ ସ୍ନେହପୂର୍ଣ୍ଣ ଦୁଆ (ପ୍ରାର୍ଥନା)ର ଉତରାଧିକାରୀ ବନାନ୍ତୁ (ଆମିନ୍)

(ଓ୍ୱକିଲୁଲ୍ ମାଲ୍ ତହ୍‌ରିକ୍-ଏ-ଯଦିଦ୍ କାଦିଆନ୍)

# ଖୁତ୍‌ବା ଜୁମା

★ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ କହିଲେ- ହଜରତ ମସିହ ମଉଦ ଆ.ସ ନିଜର ଏକ ପଙ୍କ୍ତିଂରେ କହିଛନ୍ତି- ଓ୍ୱକ୍ତ ଥା ଓ୍ୱକ୍ତେ ମସିହା ନା କିସି ଅଓର କା ଓ୍ୱକ୍ତ, ମେଁ ନା ଆତା ତୋ କୋଇ ଅଓର ହି ଆୟା ହୋତା ।

★ହଜରତ ମହମ୍ମଦ ସ.ଆଙ୍କ କଥନ ମୁତାବକ ଏପରି ଅବସ୍ଥା ଉପୁଜିଥିଲା ଯେପରିକି ବିଶ୍ୱାସ ସୁରୟା (ନକ୍ଷେତ୍ର)ରେ ପହଂଚିଯାଇଛି । ବାସ୍ତବିକ ଅମଲ କ୍ଷେତ୍ରରେ ନା ମୁସଲମାନମାନଙ୍କ ମଧ୍ୟରେ ଧର୍ମପରାୟଣତା ବାକିଥିଲା ନା ଇସଲାମ ବାକି ରହିଯାଇଥିଲା । ଇସଲାମର ଦରଦ୍ ରଖୁଥିବା ଲୋକେ ଏହି ପ୍ରତୀକ୍ଷାରେ ଥିଲେ କି କେହିଜଣେ ମସିହା (ଆଧାତ୍ମିକ ଜୀବନଦାତା) ଆସନ୍ତେ, ଯେ ଇସଲାମର ଏହି ନୌକାକୁ ସମ୍ଭାଳି ନିଅନ୍ତେ ।

★ହଜରତ ମସିହ ମଉଦ ଆ.ସ କୁହନ୍ତି- **ଯଦି ତୁମେ ମୋର ଅମାନ୍ୟ ଓ ଅସ୍ୱୀକାର କରୁଅଛ ତେବେ ପ୍ରକୃତରେ ତୁମେ ମୋର ନୁହେଁ ବରଂ ଅଲ୍ଲାଃ ଓ ରସୁଲଙ୍କର ଅମାନ୍ୟ କରୁଅଛ ।** ଯେ ମୋତେ ମିଥ୍ୟାବାଦୀ କହୁଅଛି ସେ ମୋତେ ନୁହେଁ ବରଂ (ଅଲ୍ଲାଃ କ୍ଷମା କରନ୍ତୁ) ଅଲ୍ଲାଃତାଲାଙ୍କୁ ମିଥ୍ୟାବାଦୀ ସାବ୍ୟସ୍ତ କରୁଅଛି । ଯେତେବେଳେ କି ସେ ଦେଖୁଛି କି ବାହ୍ୟ ଓ ଆଭ୍ୟନ୍ତରୀଣ ବିଭ୍ରାଟ ସୀମାବାହରକୁ ଟପିଗଲାଣି । ଅଲ୍ଲାଃତାଲା ନିଜ ପ୍ରତିଶ୍ରୁତି **ଇନ୍ନା ନହ୍‌ନୁ ନଯ୍‌ଯଲ୍‌ନଯ୍ ଯିକରା ଓ୍ୱ ଇନ୍ନା ଲହୁ ଲାହାଫିଜୁନ୍** ମୁସଲମାନମାନଙ୍କ ସୁଧାରର କୌଣସି ବ୍ୟବସ୍ଥା କଲେ ନାହିଁ । ଯେତେବେଳେ କି ସେମାନେ ଏହି ମାମଲା ସମ୍ବନ୍ଧରେ ପୂର୍ଣ୍ଣ ବିଶ୍ୱାସ ରଖିଥାନ୍ତି କି ଅଲ୍ଲାଃତାଲା ଇସ୍‌ତେଖଲାଫର ପଙ୍କ୍ତିଂରେ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି କି ମୁସା ଆ.ସଙ୍କ ସମ୍ପ୍ରଦାୟ ପରି ଏହି ମହମ୍ମଦ ସମ୍ପ୍ରଦାୟରେ ମଧ୍ୟ ଖଲିଫାଙ୍କ ବ୍ୟବସ୍ଥାର ପ୍ରଚଳନ କରିବେ । କିନ୍ତୁ (ଅଲ୍ଲାଃ କ୍ଷମା କରନ୍ତୁ) ସେ ନିଜର ପ୍ରତିଶ୍ରୁତି ପୂରଣ କଲେ ନାହିଁ ଏବଂ ବର୍ତମାନ ସୁଧା କୌଣସି ଖଲିଫା ଏହି ସମ୍ପ୍ରଦାୟରେ ଆସିଲେ ନାହିଁ ।

★ହଜୁର ଆ.ସ ଆହୁରି କୁହନ୍ତି ମୋର ଆସ୍ୱୀକାର କରିବା ମୋର ନୁହେଁ ବରଂ ହଜରତ ମହମ୍ମଦ ସ.ଆଙ୍କର ଅସ୍ୱୀକାର କରିବା ଅଟେ । ବର୍ତମାନ ମୋର ଅସ୍ୱୀକାର କରିବା ପୂର୍ବରୁ ଜଣେ ଚିନ୍ତାକରି ନିଜ ହୃଦୟରେ ବିଚାର କରିନେଉ କି ଏଭଳି କହିବାର ସାହସ କରିବା ପ୍ରକୃତରେ କାହାର ଅମାନ୍ୟ ଓ ଅସ୍ୱୀକାର କରିବା ଅଟେ ।

★ହଜୁର ଆ.ସଙ୍କ ଅସ୍ୱୀକାର କଲେ ହଜରତ ମହମ୍ମଦ ସ.ଆଙ୍କର କିଭଳି ଅସ୍ୱୀକାର ହୋଇଥାଏ, ଏହାକୁ ଆହୁରି ସ୍ପଷ୍ଟ ଭାବରେ ଖୋଲି କୁହନ୍ତି- ହଜରତ ମହମ୍ମଦ ସ.ଆ ଯେଉଁ ପ୍ରତିଶ୍ରୁତି ଦେଇଥିଲେ କି ପ୍ରତ୍ୟେକ ଶତାବ୍ଦୀରେ ସୁଧାରକ ଆସିବେ (ଅଲ୍ଲାଃ କ୍ଷମା କରନ୍ତୁ) ତାହା ମିଥ୍ୟା ସାବ୍ୟସ୍ତ ହେଉଅଛି । ପୁନଃ ହଜୁର ସ.ଆ **ଇମାମକୁମ୍ ମିନ୍‌କୁମ୍**ର ଯେଉଁ ଭବିଷ୍ୟବାଣୀ କରିଥିଲେ ତାହା ମଧ୍ୟ ଭୁଲ ସାବ୍ୟସ୍ତ ହେଉଅଛି । ପୁଣି ଆପଣ ଭବିଷ୍ୟବାଣୀ କରିଥିଲେ କି ସଲିବି ଫିତନା (ଖ୍ରୀଷ୍ଟଧର୍ମୀଙ୍କ ଷଡ଼ଯନ୍ତ୍ର) ସମୟରେ ମସିହ ଓ ମେହଦିଙ୍କର ଆଗମନ ହେବ । (ଅଲ୍ଲାଃ କ୍ଷମା କରନ୍ତୁ) ତାହା ମଧ୍ୟ ଭୁଲ ସାବ୍ୟସ୍ତ ହେଉଛି । କାରଣ ଉକ୍ତ ଫିତନା ତ ଦେଖିବାକୁ ମିଳୁଅଛି କିନ୍ତୁ ଆଗମନକାରୀ ଇମାମର ଦେଖା ନାହିଁ । ବର୍ତମାନ ଯଦି କେହି ଏସବୁକୁ ସ୍ୱୀକାର କରେ ତେବେ କ'ଣ ସେ ବାସ୍ତବରେ ହଜରତ ମହମ୍ମଦ ସ.ଆଙ୍କର ଅମାନ୍ୟକାରୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେବ ନାହିଁ ।

★ମସିହ ମଉଦଙ୍କ ଆଗମନ ସଂକ୍ରାନ୍ତରେ କେତେକ ନିଦର୍ଶନର ଚର୍ଚ୍ଚା କରି ଆପଣ କୁହନ୍ତି- ପ୍ରକୃତରେ ରେଳଗାଡ଼ି ମସିହ ମଉଦଙ୍କର ଏକ ନିଦର୍ଶନ ଅଟେ । କୋରାନ କରିମରେ ମଧ୍ୟ ଏଥିସମ୍ବନ୍ଧରେ ଟିପ୍ପଣୀ ରହିଛି **ଓ୍ୱଇଜଲ୍ ଇଶାରି ଉତିଲତ୍** ଅର୍ଥାତ ଯେତେବେଳେ ଦଶ ମାସର ଗର୍ଭ ଧାରଣ କରିଥିବା ଓଟମାନେ (ଅଯଥା) ଛାଡ଼ିଦିଆଯିବେ ।

★ହଜରତ ମସିହ ମଉଦ ଆ.ସ କୁହନ୍ତି- ଇସ୍‌ତେଖଲାଫର ପଙ୍କ୍ତିଂରେ ଅଲ୍ଲାଃତାଲା ସ୍ପଷ୍ଟ ଭାବରେ ଏକ ଖିଲାଫତ୍‌ର ବ୍ୟବସ୍ଥା ପ୍ରଚଳନ କରିବାର ପ୍ରତିଶ୍ରୁତି ଦେଇଛନ୍ତି । ଉକ୍ତ ବ୍ୟବସ୍ଥାକୁ (ଇସଲାମର) ପ୍ରାରମ୍ଭିକ ଖିଲାଫତ୍ ସମତୁଲ୍ୟ କୁହାଯାଇଛି । ଯେପରି ଉଲ୍ଲେଖ ରହିଛି **କମସ୍ ତଖ୍‌ଲଫଲ୍ ଲଜିନା ମିନ୍ କବ୍‌ଲିହିମ୍** ବର୍ତମାନ ଦେଖ ଏହି ପ୍ରତିଶ୍ରୁତି ସମାନତା ପାଇଁ ଆବଶ୍ୟକ ଥିଲା କି ଯେପରି ମୁସା ଆ.ସଙ୍କ ସମ୍ପ୍ରଦାୟରେ ଅନ୍ତିମ ଖଲିଫା ମସିହ ଥିଲେ ସେହିପରି ମହମ୍ମଦି ସମ୍ପ୍ରଦାୟ ମଧ୍ୟ ଜଣେ ଖଲିଫା ଅର୍ଥାତ ମସିହ ଦ୍ୱାରା ସମାପ୍ତ ହେବ ।

★ହଜରତ ମସିହ ମଉଦ ଆ.ସ ସତ୍ୟର ସନ୍ଧାନ କରିବାର ମାର୍ଗ ଦର୍ଶାଇ କୁହନ୍ତି ଯଦି ସତ୍ୟ ପ୍ରାପ୍ତି କରିବାକୁ ଇଚ୍ଛୁକ ତେବେ ନିଜ ନମାଜରେ ଅଲ୍ଲାଃଙ୍କ ନିକଟରେ ଦୁଆ କର ସେ ହିଁ ତୁମ ଉପରେ ସତ୍ୟର ଉନ୍ମୋଚନ କରିଦେବେ । ମୁଁ ପୂର୍ଣ୍ଣ ବିଶ୍ୱାସ ରଖୁଅଛି କି ଯଦି ମଣିଷ ଈର୍ଷା, ଜିଦି ଓ ହଟଧର୍ମରୁ ପବିତ୍ର ହୋଇ ସତ୍ୟର ସନ୍ଧାନ ପାଇବା ନିମନ୍ତେ ଅଲ୍ଲାଃଙ୍କ ଶରଣାଗତ ହେବ ତେବେ ଗୋଟିଏ ଚିଲ୍ଲା (ଚାଳିଶ ଦିନ) ଅତିବାହିତ ହେବା ପୂର୍ବରୁ ତାହା ଉପରେ ସତ୍ୟାସତ୍ୟ ପ୍ରକାଶିତ ହୋଇଯାଇଥିବ । କିନ୍ତୁ ଖୁବ୍ କମ୍ ଲୋକ ଥାନ୍ତି ଯେ, ଏହି ସର୍ତ ଅବଲମ୍ବନ କରି ଅଲ୍ଲାଃଙ୍କଠାରୁ ନିଷ୍ପତି କାମନା କରିଥାନ୍ତି ଏବଂ ନିଜର ସୀମିତ ବୁଦ୍ଧି, ଜିଦି ଓ ଈର୍ଷା ଭାବନା ଯୋଗୁଁ ଅଲ୍ଲାଃଙ୍କ ଓ୍ୱଲି (ପ୍ରିୟ)ଙ୍କ ଅମାନ୍ୟ କରି ନିଜର ବିଶ୍ୱାସ ହରାଇ ବସିଥାନ୍ତି ।

★ଅଲ୍ଲାଃତାଲା ମୁସଲମାନମାନଙ୍କୁ ସତ୍‌ବୁଦ୍ଧି ପ୍ରଦାନ କରନ୍ତୁ କି ସେମାନେ କେବଳ ମୌଲବିମାନଙ୍କ କଥାରେ କବଳିତ ହୋଇ ରହିନଯାନ୍ତି ବରଂ ନିଜ ଜ୍ଞାନ ଓ ବୁଦ୍ଧିର ପ୍ରୟୋଗ କରି ନିଷ୍ଠାର ସହିତ ଅଲ୍ଲାଃଙ୍କ ସାହାଯ୍ୟ ଭିକ୍ଷା କରନ୍ତୁ । ଅଲ୍ଲାଃତାଲା ସେମାନଙ୍କ ହୃଦୟ ଉନ୍ମୁକ୍ତ କରନ୍ତୁ, ହଜରତ ମସିହ ମଉଦ ଆ.ସଙ୍କୁ ଏମାନେ ସ୍ୱୀକାର କରି ନିଜର (ସଙ୍କଟାପର୍ଣ୍ଣ) ଅବସ୍ଥା ଯେଉଁଥିରେ ମୁସଲମାନମାନେ ପଡ଼ିରହିଛନ୍ତି, ବାହାରିଆସନ୍ତୁ । ସେମାନଙ୍କୁ ଯେଉଁଥିରୁ ବର୍ତୀବାର କୌଣସି ମାର୍ଗ ଦୃଶମାନ ହେଉନାହିଁ ।

★ଅଲ୍ଲାଃତାଲା ବିଶ୍ୱବାସୀ ତଥା ପ୍ରତ୍ୟେକ ମୁସଲମାନ ଦେଶଗୁଡ଼ିକୁ ଏବଂ ପାକିସ୍ତାନକୁ ବିଭ୍ରାଟ ଓ ବିଶୃଙ୍ଖଳାରୁ ରକ୍ଷା କରନ୍ତୁ । ଅଲ୍ଲାଃତାଲା ମୁସଲମାନମାନଙ୍କ ଉପରେ ବିଶେଷ ଦୟା ପ୍ରଦାନ କରନ୍ତୁ କାରଣ ଆଜିକାଲିର ଅବସ୍ଥା ଯାହା, ଯେଭଳି ମୁସଲମାନମାନଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର ଓ ଯୋଜନାମାନ ପ୍ରସ୍ତୁତ କରାଯାଉଅଛି ତାହା ଅତ୍ୟନ୍ତ ଭୟଙ୍କର ଅଟେ ।

## ସାରାଂଶ ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ:ବ]
## (ପ୍ରଦତ୍ତ: ୧୭ ନଭେମ୍ବର ୨୦୧୭ ଅନୁଯାୟୀ ୧୭ ନବୁଓ୍ୱତ୍ ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ - بِسْمِ اللّٰهِ الرَّحْمٰنِ الرَّحِيمِ
اَلْحَمْدُ لِلّٰهِ رَبِّ الْعَالَمِيْنَ - اَلرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ କହିଲେ- ହଜରତ ମସିହ ମଉଦ ଆ.ସ ନିଜର ଏକ ପଙ୍କ୍ତିଂରେ କହିଛନ୍ତି-

ଓ୍ୱକ୍ତ ଥା ଓ୍ୱକ୍ତେ ମସିହା ନା କିସି ଅଓର କା ଓ୍ୱକ୍ତ,<br>
ମେଁ ନା ଆତା ତୋ କୋଇ ଅଓର ହି ଆୟା ହୋତା

ସେହି ସମୟରେ ଯେଉଁ ମୁସଲମାନମାନେ ଥିଲେ, ସେମାନଙ୍କ ପାଇଁ ଅତ୍ୟନ୍ତ ଯନ୍ତ୍ରଣାଦାୟକ ଓ ଧର୍ଯ୍ୟହରା ହେବାର ସମୟ ଥିଲା କାରଣ, ଲକ୍ଷ ଲକ୍ଷ ମୁସଲମାନ ଇସଲାମ (ଧର୍ମ) ଛାଡ଼ି ଖ୍ରୀଷ୍ଟଧର୍ମ ସ୍ୱୀକାର କରୁଥିଲେ । ହଜରତ ମହମ୍ମଦ ସ.ଆଙ୍କ କଥନ ମୁତାବକ ଏପରି ଅବସ୍ଥା ଉପୁଜିଥିଲା ଯେପରିକି ବିଶ୍ୱାସ ସୁରୟା (ନକ୍ଷେତ୍ର)ରେ ପହଂଚିଯାଇଛି । ବାସ୍ତବିକ ଅମଲ କ୍ଷେତ୍ରରେ ନା ମୁସଲମାନମାନଙ୍କ ମଧ୍ୟରେ ଧର୍ମପରାୟଣତା ବାକିଥିଲା ନା ଇସଲାମ ବାକି ରହିଯାଇଥିଲା । ଇସଲାମର ଦରଦ୍ ରଖୁଥିବା ଲୋକେ ଏହି ପ୍ରତୀକ୍ଷାରେ ଥିଲେ କି କେହିଜଣେ ମସିହା (ଆଧାତ୍ମିକ ଜୀବନଦାତା) ଆସନ୍ତେ, ଯେ ଇସଲାମର ଏହି ନୌକାକୁ ସମ୍ଭାଳି ନିଅନ୍ତେ । ସେମାନଙ୍କ ମଧ୍ୟରୁ ଜଣେ ସୁଜନ ହଜରତ ସୁଫି ଅହେମଦ ଜାନ୍ ସାହେବ ଲୁଧୟାନୱୀ ଥିଲେ । ସେ ଦୂର ଦୂରାନ୍ତର

(ଅଂଚଳ) ପର୍ଯ୍ୟନ୍ତ ଖ୍ୟାତି ଅର୍ଜନ କରିଥିଲେ । ତାଙ୍କର ଅନେକ ମାନ୍ୟକାରୀ ଥିଲେ । ତାଙ୍କ ପ୍ରସିଦ୍ଧି ଯୋଗୁଁ ଏକଦା ମହାରାଜା ଜମ୍ମୁ ତାଙ୍କୁ ଆମନ୍ତ୍ରଣ କରି କହିଲେ- ଆପଣ ଏଠାକୁ ଆସି ମୋ ପାଇଁ ଦୁଆ କରନ୍ତୁ କିନ୍ତୁ ସେ ରାଜାଙ୍କୁ ମନାକରିଦେଲେ ଏବଂ କହିଲେ ଯଦି ଦୁଆ କରାଇବାର ଅଛି ତେବେ ମୋ ନିକଟକୁ ଆସି ଦୁଆ କରାଅ । ସେ ଯାହା ହେଉ ବଡ଼ ବଡ଼ ଲୋକ ତାଙ୍କର ମାନ୍ୟକାରୀ ଥିଲେ । ହଜରତ ସୁଫି ଅହେମଦ ଜାନ ସାହେବ ହଜରତ ମସିହ ମଉଦ ଆ.ସଙ୍କ ସହ ପ୍ରାରମ୍ଭରୁ ଅତ୍ୟନ୍ତ ଘନିଷ୍ଟତା ଥିଲା । ହଜରତ ମସିହ ମଉଦ ଆ.ସ (ନବୀ ହେବାର) ଘୋଷଣା କରିନଥିଲେ ଯେ ତାଙ୍କର ଦେହାନ୍ତ ଘଟିଲା । ସେହି ଦିବ୍ୟଦ୍ରଷ୍ଟା ସେତେବେଳର ପରିସ୍ଥିତି ଓ ଯୁଗକୁ ଦେଖି ଏକଦା ହଜରତ ମସିହ ମଉଦ ଆ.ସଙ୍କୁ କହିଥିଲେ-

ହମ ମରିଯୌଁ କି ହେ ତୁମହି ପେ ନିଗାଃ ତୁମ ମସିହା ବନୋ ଖୁଦା କେଲିଏ..

ସେ ଯାହା ହେଉ ଯେପରିକି ମୁଁ କହିଲି ହଜରତ ମସିହ ମଉଦ ଆ.ସଙ୍କର ଘୋଷଣା କରିବା ପୂର୍ବରୁ ତାଙ୍କର ଦେହାନ୍ତ ହୋଇଯାଇଥିଲା କିନ୍ତୁ ତାଙ୍କର ପୂର୍ଣ୍ଣ ବିଶ୍ୱାସ ଥିଲା କି ଆପଣ ହିଁ ଯୁଗର ଇମାମ ଓ ମସିହ ମଉଦ । ସେଥିପାଇଁ ସେ ନିଜ ସନ୍ତାନ ଓ ମାନ୍ୟକାରୀମାନଙ୍କୁ ଉପଦେଶ ଦେଇଯାଇଥିଲେ କି ଯେତେବେଳେ ମଧ୍ୟ ମିର୍ଜା (ସାହେବ) ଘୋଷଣା କରନ୍ତି ତୁମେମାନେ (ତାଙ୍କୁ) ସ୍ୱୀକାର କରିନେବ । ତେବେ ଦୂରଦୃଷ୍ଟି ରଖୁଥିବା ସେହି ବ୍ୟକ୍ତିତ୍ୱ ଜଣକ ଜାଣିଥିଲେ କି ଇସଲାମର ଏହି ଟଳମଟଳ ନୌକାକୁ ଏହି ଯୁଗରେ ଯଦି କେହି ସମ୍ଭାଳି ପାରିବେ ତେବେ ସେ ମିର୍ଜା ଗୁଲାମ ଅହେମଦ କାଦିଆନି ଆ.ସ ଅଟନ୍ତି । କାରଣ ଆପଣ ବରାହିନେ ଅହେମଦିୟା ରଚନା କରି ଇସଲାମ ବିରୋଧୀମାନଙ୍କ ମୁହଁ ବନ୍ଦ କରିଦେଇଥିଲେ । ଯେପର୍ଯ୍ୟନ୍ତ ଆପଣ ଘୋଷଣା କରିନଥିଲେ ବଡ଼ ବଡ଼ ଧାର୍ମିକ ବିଦ୍ୱାନମାନେ ମଧ୍ୟ ଆପଣଙ୍କର ମାନ୍ୟକାରୀ ଥିଲେ କିନ୍ତୁ ଯେତେବେଳେ ଅଲ୍ଲାଃତାଲାଙ୍କ ଅନୁମତିକ୍ରମେ ଆପଣ (ନବୀ ହେବାର) ଘୋଷଣା କଲେ ସେତେବେଳେ ସେହି ବିଦ୍ୱାନମାନେ ହିଁ ନିଜ ସ୍ୱାର୍ଥ ପାଇଁ ଆପଣଙ୍କର ବିରୁଦ୍ଧାଚରଣ କରିବା ଆରମ୍ଭ କରିଦେଲେ ଏବଂ ଆଜିପର୍ଯ୍ୟନ୍ତ ଏହି ସ୍ୱାର୍ଥଲୋଭି ବିଦ୍ୱାନମାନଙ୍କର ବିରୁଦ୍ଧାଚରଣ ଅବ୍ୟାହତ ରହିଛି ଏବଂ ସରଳ ମୁସଲମାନମାନଙ୍କ ହୃଦୟରେ ହଜରତ ମସିହ ମଉଦ ଆ.ସ ଓ ଆପଣଙ୍କ ଜମାଅତ ବିରୋଧରେ ଘୃଣା ଭାବନା ଉତ୍ପର୍ଣ୍ଣ କରିବାରେ ପ୍ରଚେଷ୍ଟା କରିଚାଲିଛନ୍ତି । ହଜରତ ମସିହ ମଉଦ ଆ.ସ ନିଜର ଅସଂଖ୍ୟ ଲେଖା, ବକ୍ତବ୍ୟ ଓ ବୈଠକରେ ନିଜ ଘୋଷଣା ସତ୍ୟ ହେବାର ପ୍ରମାଣ ଦେଲେ । ଯୁଗର ଆବଶ୍ୟକତା ମୁତାବକ ହଜରତ ମସିହ ମଉଦ ଆ.ସଙ୍କର ଆଗମନ ଓ ଅଲ୍ଲାଃଙ୍କ ସାହାଯ୍ୟ, ସହଯୋଗ ଆପଣଙ୍କ ସହିତ ହେବାର ପ୍ରମାଣ ମଧ୍ୟ ଦେଲେ । ନିର୍ମଳ ହୃଦୟୀ ବ୍ୟକ୍ତିମାନେ ତାହା ବୁଝିଗଲେ କିନ୍ତୁ ଯେଉଁମାନଙ୍କ ହୃଦୟରେ ମଳିନତା ଓ ଦ୍ୱେଷ ଥିଲା ଏବଂ ଯେ ସ୍ୱାର୍ଥଲୋଭି ଥିଲେ ସେମାନଙ୍କୁ କଥା ବୁଝାପଡ଼ିଲା ନାହିଁ ।

ହଜୁର ଅନଓ୍ୱର ଅ.ବ କହିଲେ ବର୍ତମାନ ମୁଁ ହଜରତ ମସିହ ମଉଦ ଆ.ସଙ୍କ ଭାଷାରେ କିଛି ପ୍ରମାଣ ଉପସ୍ଥାପନ କରୁଅଛି ଯାହାକି ଆପଣ ନିଜେ ଦର୍ଶାଇଛନ୍ତି । ଆପଣ କୁହନ୍ତି-

ବର୍ତମାନ କେହି ଆମ ଘୋଷଣାକୁ ଅଲଗା ରଖି କେବଳ ଏହି ତଥ୍ୟଗୁଡ଼ିକ ଉପରେ ବିଚାର କରି ଉତର ଦିଅନ୍ତୁ କି ମୋର ଅସ୍ୱୀକାର କରିବ ତ ନିଜ ହାତରେ ଇସଲାମକୁ ପରିହାର କରିବ । କିନ୍ତୁ ମୁଁ ସତ କହୁଛି ପବିତ୍ର କୋରାନରେ ଅଲ୍ଲାଃଙ୍କ ପ୍ରତିଶୃତି ମୁତାବକ ସେ ନିଜ ଧର୍ମ (ଇସଲାମ)ର ସୁରକ୍ଷା କରିବେ ଏବଂ ରସୁଲୁଲ୍ଲାଃ ସ.ଆଙ୍କର ଭବିଷ୍ୟବାଣୀ ପୂରଣ ହେଲା । କାରଣ ଠିକ୍ ଆବଶ୍ୟକ ସମୟରେ ଅଲ୍ଲାଃତାଲାଙ୍କ ପ୍ରତିଶୃତି ଓ ରସୁଲୁଲ୍ଲାଃ ସ.ଆଙ୍କର ଭବିଷ୍ୟବାଣୀ ମୁତାବକ ଅଲ୍ଲାଃତାଲା ଏହି ଜମାଅତର ସ୍ଥାପନ କଲେ ଏବଂ ଏହା ପ୍ରମାଣିତ କରିଦେଲେ ଯେ ଅଲ୍ଲାଃ ଓ ତାହାର ରସୁଲ ହିଁ ସିଦିକ୍ ଅର୍ଥାତ ସତ୍ୟବାଦୀ ଅଟନ୍ତି । ଅତ୍ୟାଚାରୀ ସେମାନେ ଯେ ହଜୁର ଆ.ସଙ୍କୁ ଅସ୍ୱୀକାର କରୁଛନ୍ତି ।

ଆପଣ ୧୯୦୩ ମସିହାରେ ଏକଥା ବର୍ଣ୍ଣନା କଲେ କି ମୋ ଘୋଷଣା କରିବାକୁ ବର୍ତମାନ ୨୨ବର୍ଷ ହୋଇଗଲାଣି କିନ୍ତୁ ଅଲ୍ଲାଃଙ୍କ ସାହାଯ୍ୟ ସହଯୋଗର ହାତ ମୋ ସହିତ ଅପରିବର୍ତିତ ରହିଛି । ଯଦି ମୁଁ ମିଥ୍ୟାବାଦୀ ତେବେ ଅଲ୍ଲାଃଙ୍କର ଏଭଳି ସାହାଯ୍ୟ ମୋ ସହିତ କାହିଁକି ସଲଗ୍ନ ରହିଛି । ଦ୍ୱିତୀୟରେ ଆପଣ କହିଲେ ଯୁଗର ଆବଶ୍ୟକତା ଦେଖି, ସମସ୍ତେ ଏକଥା ଆବଶ୍ୟକ ମଣୁଛନ୍ତି କି ଏହି ଯୁଗରେ ମସିହଙ୍କ ଆଗମନ ହେବାରଥିଲା । ସୁତରାଂ ଯେତେବେଳେ ଆବଶ୍ୟକତା ରହିଛି ଏବଂ ଯଦି ମୁଁ ସେହି (ମସିହ) ନୁହେଁ ତେବେ ଅନ୍ୟ କାହାରିକୁ ତ'ଆଣ । ସେ ଯାହା ହେଉ ମୁସଲମାନମାନଙ୍କ ସୁଧାର ନିମନ୍ତେ ଜଣେ ସୁଧାରକ ତ ଆସିବା ଉଚିତ୍ । କାରଣ ସଂସାରରେ ବିଭ୍ରାଟ ଓ ବିଶୃଙ୍ଖଳା ଚରମସୀମାରେ ପହଂଚି ସାରିଲାଣି ପୁଣି ମୁସଲମାନମାନଙ୍କ ମଧ୍ୟରେ ଏହି ପରିସ୍ଥିତି କିଛି କମ୍ ନୁହେଁ । ଅତଃ ଯଦି ମୋତେ ମିଥ୍ୟାବାଦୀ କହୁଅଛ ତେବେ ତୁମ ପାଇଁ ଦୁଇଟି ରାସ୍ତା ବାକି ରହିଯାଉଛି ତାହ ଏହି କି ଯେ, ଅନ୍ୟ କୌଣସି ସୁଧାରକ ଆଣ କାରଣ ଯୁଗ ତାହାର ଆବଶ୍ୟକତା ଲୋଡୁଅଛି ଅଥବା ଅଲ୍ଲାଃଙ୍କ ପ୍ରତିଶୃତିର ଖଣ୍ଡନ କର କି ଅଲ୍ଲାଃଙ୍କ ସମସ୍ତ ପ୍ରତିଶୃତି ମିଥ୍ୟା ଥିଲା କି ଏଭଳି ଆବଶ୍ୟକସ୍ଥଳେ ମଧ୍ୟ ଅଲ୍ଲାଃ କୌଣସି ସୁଧାରକଙ୍କୁ ପ୍ରେରଣ କରିବାର ପ୍ରତିଶୃତି ମିଥ୍ୟା । ଆପଣ କୁହନ୍ତି ଧର୍ମର ସୁରକ୍ଷା ଅତ୍ୟନ୍ତ ଆବଶ୍ୟକୀୟ କିନ୍ତୁ କେତେକ ଏଭଳି ଲୋକ ମଧ୍ୟ ଦେଖିବାକୁ ମିଳିଥାନ୍ତି ଯେ କୁହନ୍ତି କି (ଧର୍ମ)ର ସୁରକ୍ଷାର କୌଣସି ଆବଶ୍ୟକତା ନାହିଁ । ସେମାନେ ବହୁତ ବଡ଼ ଭୁଲ୍ କରୁଛନ୍ତି ।

ଏହିପରି କଥା ସେହିମାନେ କରିଥାନ୍ତି ଯାହାର ଇସଲାମ ସହ କୌଣସି ସମ୍ପର୍କ ଓ ଦରଦ୍ ନଥାଏ କିମ୍ବା ଯେ ସମାଜଠାରୁ ଦୂରରେ, ଘରର ଅନ୍ଧକାରରେ ବିକାଶ ଲାଭ କରିଥାଏ ଏବଂ ବାହ୍ୟ ପରିବେଶ ସମ୍ବନ୍ଧରେ ସମ୍ପୂର୍ଣ୍ଣ ରୂପେ ଅଜ୍ଞଥାନ୍ତି । ଏପରି ଲୋକମାନଙ୍କର (ଧର୍ମର ଉତ୍ଥାନ ପତନରେ) କୌଣସି ଲାଭକ୍ଷତି ଘଟିନଥାଏ । ହଁ ଯେଉଁମାନେ ଉଜ୍ୱଳ ହୃଦୟ ରଖିଥାନ୍ତି ଯେଉଁମାନଙ୍କୁ ଇସଲାମ ସହିତ ପ୍ରେମ ଓ ଘନିଷ୍ଟତା ରହିଛି ଏବଂ ସମାଜର ଆବଶ୍ୟକତା ସମ୍ବନ୍ଧରେ ସଚେତନ ଅଛନ୍ତି ସେମାନେ ହୃଦୟଙ୍ଗମ କରିଥାନ୍ତି କି ଏହା କୌଣସି ଶ୍ରେଷ୍ଟ ସୁଧାରକର ଆଗମନର ସମୟ ଅଟେ ।

ହଜରତ ମସିହ ମଉଦ ଆ.ସ କୁହନ୍ତି- **ଯଦି ତୁମେ ମୋର ଅମାନ୍ୟ ଓ ଅସ୍ୱୀକାର କରୁଅଛ ତେବେ ପ୍ରକୃତରେ ତୁମେ ମୋର ନୁହେଁ ବରଂ ଅଲ୍ଲାଃ ଓ ରସୁଲଙ୍କର ଅମାନ୍ୟ କରୁଅଛ** । ଯେ ମୋତେ ମିଥ୍ୟାବାଦୀ କହୁଅଛି ସେ ମୋତେ ନୁହେଁ ବରଂ (ଅଲ୍ଲାଃ କ୍ଷମା କରନ୍ତୁ) ଅଲ୍ଲାଃତାଲାଙ୍କୁ ମିଥ୍ୟାବାଦୀ ସାବ୍ୟସ୍ତ କରୁଅଛି । ଯେତେବେଳେ କି ସେ ଦେଖୁଛି କି ବାହ୍ୟ ଓ ଆଭ୍ୟନ୍ତରୀଣ ବିଭ୍ରାଟ ସୀମାବାହରକୁ ଟପିଗଲାଣି । ଅଲ୍ଲାଃତାଲା ନିଜ ପ୍ରତିଶୃତି **ଇନ୍ନା ନହ୍‌ନୁ ନଯ୍‌ଯଲ୍‌ନୟ୍ ଯିକରା ଓ୍ୱ ଇନ୍ନା ଲହୁ ଲାହାଫିଜୁନ୍** ମୁସଲମାନମାନଙ୍କ ସୁଧାରର କୌଣସି ବ୍ୟବସ୍ଥା କଲେ ନାହିଁ । ଯେତେବେଳେ କି ସେମାନେ ଏହି ମାମଲା ସମ୍ବନ୍ଧରେ ପୂର୍ଣ୍ଣ ବିଶ୍ୱାସ ରଖିଥାନ୍ତି କି ଅଲ୍ଲାଃତାଲା ଇସ୍‌ତେଖଲାଫର ପକ୍ତିଂରେ ପ୍ରତିଶୃତି ପ୍ରଦାନ କରିଛନ୍ତି କି ମୁସା ଆ.ସଙ୍କ ସମ୍ପ୍ରଦାୟ ପରି ଏହି ମହମ୍ମଦ ସମ୍ପ୍ରଦାୟରେ ମଧ୍ୟ ଖଲିଫାଙ୍କ ବ୍ୟବସ୍ଥାର ପ୍ରଚଳନ କରିବେ । କିନ୍ତୁ (ଅଲ୍ଲାଃ କ୍ଷମା କରନ୍ତୁ) ସେ ନିଜର ପ୍ରତିଶୃତି ପୂରଣ କଲେ ନାହିଁ ଏବଂ ବର୍ତମାନ ସୁଧା କୌଣସି ଖଲିଫା ଏହି ସମ୍ପ୍ରଦାୟରେ ଆସିଲେ ନାହିଁ ଏବଂ ଏତିକି ନୁହେଁ ବରଂ ଏକଥା ମଧ୍ୟ ଅସ୍ୱୀକାର କରିବାକୁ ପଡ଼ିବ କି ପବିତ୍ର କୋରାନ ଯେ ହଜରତ ମହମ୍ମଦ ସ.ଆଙ୍କୁ ମୁସା ଆ.ସଙ୍କର ମସିଲ୍ ଦର୍ଶାଇଛି ତାହା ମଧ୍ୟ ଭୂଲ ବିବେଚିତ ହେଉଅଛି । କାରଣ ଏହି ସମ୍ପ୍ରଦାୟର ସାମଞ୍ଜସ୍ୟ ଓ ସମାନତା ପାଇଁ ଆବଶ୍ୟକ ଥିଲା କି ଏହି ୧୪୦୦ ଶତାବ୍ଦୀରେ ଏହି ସମ୍ପ୍ରଦାୟରେ ଜଣେ ମସିହଙ୍କର ଆବିର୍ଭାବ ହୋଇଥାନ୍ତା । ସେହିପରି ଯେମିତି ମୁସା ଆ.ସଙ୍କ ସମ୍ପ୍ରଦାୟର ୧୪୦୦ ଶତାବ୍ଦୀରେ ଜଣେ ମସିହ ଆସିଥିଲେ ଏବଂ ଏହିପରି ପବିତ୍ର କୋରାନର ପକ୍ତିଂ **ଆଖରିନା ମିନ୍‌ହୁମ୍ ଲମ୍‌ମା ୟଲ୍‌ହକୁବିହିମ୍**ରେ ଏକ ବୁରୁଜି ନବୀଙ୍କ ଆଗମନର ସୁସମ୍ବାଦକୁ ଖଣ୍ଡନ ହେଉଅଛି ଏବଂ ଏହିପରି ପବିତ୍ର କୋରାନର ଅନେକ ପକ୍ତିଂର ଖଣ୍ଡନ ହେଉଅଛି । ଆପଣ କହିଲେ ତେବେ ଚିନ୍ତା କର ମୋର ଅମାନ୍ୟ କରିବା କ'ଣ ସାଧାରଣ କଥା ଅଟେ । ମନେରଖ ଏସବୁ ମୁଁ ନିଜ ତରଫରୁ କହୁନାହିଁ । ମୁଁ ଅଲ୍ଲାଃଙ୍କ ଶପଥ କରି କହୁଛି ଏହା ହିଁ ସତ୍ୟ କି ଯେ ମୋତେ ଛାଡ଼ିବ ଓ ମୋତେ ମିଥ୍ୟାବାଦୀ କହିବ ସେ (ଏକଥା ନିଜ ତୁଣ୍ଡରୁ)ପ୍ରକାଶ ନକଲେ ମଧ୍ୟ ନିଜ ଅମଲ ଦ୍ୱାରା ସମ୍ପୂର୍ଣ୍ଣ କୁରଆନର ପ୍ରତ୍ୟାଖ୍ୟାନ କରିଥାଏ ଏବଂ ସେ ଅଲ୍ଲାଃଙ୍କୁ ହାତଛଡ଼ା କରିବସିଥାଏ

ହଜୁର ଆ.ସ ଆହୁରି କୁହନ୍ତି ମୋର ଆସ୍ୱୀକାର କରିବା ମୋର ନୁହେଁ ବରଂ ହଜରତ ମହମ୍ମଦ ସ.ଆଙ୍କର ଅସ୍ୱୀକାର କରିବା ଅଟେ । ବର୍ତମାନ ମୋର ଅସ୍ୱୀକାର କରିବା ପୂର୍ବରୁ ଜଣେ ଚିନ୍ତାକରି ନିଜ ହୃଦୟରେ ବିଚାର କରିନେଉ କି ଏଭଳି କହିବାର ସାହସ କରିବା ପ୍ରକୃତରେ କାହାର ଅମାନ୍ୟ ଓ ଅସ୍ୱୀକାର କରିବା ଅଟେ ।

ହଜୁର ଆ.ସଙ୍କ ଅସ୍ୱୀକାର କଲେ ହଜରତ ମହମ୍ମଦ ସ.ଆଙ୍କର କିଭଳି ଅସ୍ୱୀକାର ହୋଇଥାଏ, ଏହାକୁ ଆହୁରି ସ୍ପଷ୍ଟ ଭାବରେ ଖୋଲି କୁହନ୍ତି- ହଜରତ ମହମ୍ମଦ ସ.ଆ ଯେଉଁ ପ୍ରତିଶୃତି ଦେଇଥିଲେ କି ପ୍ରତ୍ୟେକ ଶତାବ୍ଦୀରେ ସୁଧାରକ ଆସିବେ (ଅଲ୍ଲାଃ କ୍ଷମା କରନ୍ତୁ) ତାହା ମିଥ୍ୟା ସାବ୍ୟସ୍ତ ହେଉଅଛି । ପୁନଃ ହଜୁର ସ.ଆ **ଇମାମକୁମ୍ ମିନ୍‌କୁମ୍**ର ଯେଉଁ ଭବିଷ୍ୟବାଣୀ କରିଥିଲେ ତାହା ମଧ୍ୟ ଭୂଲ ସାବ୍ୟସ୍ତ ହେଉଅଛି । ପୁଣି ଆପଣ ଭବିଷ୍ୟବାଣୀ କରିଥିଲେ କି ସଲିବି ଫିତନା (ଖ୍ରୀଷ୍ଟଧର୍ମୀଙ୍କ ଷଡ଼ଯନ୍ତ୍ର) ସମୟରେ ମସିହ ଓ ମେହଦିଙ୍କର ଆଗମନ ହେବ । (ଅଲ୍ଲାଃ କ୍ଷମା କରନ୍ତୁ) ତାହା ମଧ୍ୟ ଭୂଲ ସାବ୍ୟସ୍ତ ହେଉଛି । କାରଣ ଉକ୍ତ ଫିତନା ତ ଦେଖିବାକୁ ମିଳୁଅଛି କିନ୍ତୁ ଆଗମନକାରୀ ଇମାମର ଦେଖା ନାହିଁ । ବର୍ତମାନ ଯଦି କେହି ଏସବୁକୁ ସ୍ୱୀକାର କରେ ତେବେ କ'ଣ ସେ ବାସ୍ତବରେ ହଜରତ ମହମ୍ମଦ ସ.ଆଙ୍କର ଅମାନ୍ୟକାରୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେବ

ନାହିଁ । ଆପଣ କୁହନ୍ତି ଅତଏବ ମୁଁ ସ୍ପଷ୍ଟ ରୂପେ କହୁଅଛି ଯେ ମୋର ଅସ୍ୱୀକାର କରିବା ସାଧାରଣ କଥା ନୁହେଁ । ମୋତେ ଅମାନ୍ୟକାରୀ କହିବା ପୂର୍ବରୁ ସ୍ୱୟଂ ଆମାନ୍ୟକାରୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଯିବ ଏବଂ ମୋତେ ଅଧର୍ମୀ ଓ ପଥଭ୍ରଷ୍ଟ କହିବା ପୂର୍ବରୁ ନିଜେ ପଥଭ୍ରଷ୍ଟ ଓ ଅପମାନିତ ହେବ । ମୋତେ କୋରାନ ଓ ହଦିସ୍‌କୁ ଛାଡ଼ିଥିବା କହିବାବାଲା ହିଁ ପ୍ରଥମେ ନିଜେ କୋରାନ ଓ ହଦିସ୍‌କୁ ହାତଛଡ଼ା କରିବ । ମୁଁ କୋରାନ ହଦିସ୍‌ର ମାନ୍ୟକାରୀ ଓ ନିଦର୍ଶନ ଅଟେ । ମୁଁ ପଥଭ୍ରଷ୍ଟ ନୁହେଁ ବରଂ ମେହଦି ଅଟେ, ମୁଁ ଆମାନ୍ୟକାରୀ ନୁହେଁ ବରଂ **ଆନା ଅୱୱଲୁଲ୍ ମୁମିନିନ୍‌**ର ଦୃଷ୍ଟାନ୍ତ । ମୁଁ ଯାହା କିଛି କହୁଅଛି ସେସବୁ ଅଲ୍ଲାଃ ମୋ ଉପରେ ପ୍ରକାଶ କରିଛନ୍ତି କି ଏହା ନିରାଟ ସତ୍ୟ ଅଟେ । ଯାହାର ଅଲ୍ଲାଃଙ୍କ ଉପରେ ଆସ୍ଥା ରହିଛି ଯେ କୋରାନ ଓ ହଜରତ ମହମ୍ମଦ ସ.ଆଙ୍କୁ ସତ୍ୟବାଦୀ ବିଶ୍ୱାସ କରୁଅଛି ତାହା ନିମନ୍ତେ ଏହି ପ୍ରମାଣ ହିଁ ଯଥେଷ୍ଟ କି ଯାହା ମୋ ମୁଖରୁ ଶୁଣେ ସେହିଥିରେ ନିରବ ରହିଯିବ କିନ୍ତୁ ଯେ ଅସଭ୍ୟ ଓ ଦୁଷ୍ଟ ତାହାର ଉପଚାର ବା କ'ଣ ହେବ । ଅଲ୍ଲାଃତାଲା ସ୍ୱୟଂ ତାହାକୁ ବୁଝାଇବେ ।

ପୁଣି ମସିହ ମଉଦଙ୍କ ଆଗମନ ସଂକ୍ରାନ୍ତରେ କେତେକ ନିଦର୍ଶନର ଚର୍ଚ୍ଚା କରି ଆପଣ କୁହନ୍ତି- ପ୍ରକୃତରେ ରେଲଗାଡ଼ି ମସିହ ମଉଦଙ୍କର ଏକ ନିଦର୍ଶନ ଅଟେ । କୋରାନ କରିମରେ ମଧ୍ୟ ଏଥିସମ୍ବନ୍ଧରେ ଟିପ୍ପଣୀ ରହିଛି **ୱଇଜଲ୍ ଇଶାରି ଉତିଲତ୍** ଅର୍ଥାତ ଯେତେବେଳେ ଦଶ ମାସର ଗର୍ଭ ଧାରଣ କରିଥିବା ଓଟମାନେ (ଅଯଥା) ଛାଡ଼ିଦିଆଯିବେ । ଆପଣ କୁହନ୍ତି ଧାର୍ମିକ ହେବା ଧର୍ମପରାୟଣତା ସହ ଜଡ଼ିତ । ଏହି ଲୋକମାନେ ଯଦି ଚିନ୍ତା କରନ୍ତି ତେବେ ସ୍ପଷ୍ଟ ଭାବରେ ଜାଣିପାରିବେ କି ପବିତ୍ର କୋରାନରେ **ଲାୟତ୍‌ରକୁନଲ୍ କିଲାସ**ରେ ରେଲଗାଡ଼ି ପ୍ରତି ଇଶାରା ରହିଛି । କାରଣ ଯଦି ଏହା ରେଲଗାଡ଼ି ପ୍ରତି ଇଶାରା ନୁହେଁ ତେବେ ସେମାନଙ୍କର କର୍ତ୍ତବ୍ୟ କି ସେ କାରଣ ଦର୍ଶାନ୍ତୁ କି ଓଟକୁ (ପରିବହନ କାର୍ଯ୍ୟରୁ) କାହିଁକି ବାଦ ଦିଆଯିବ । ପୂର୍ବ ପୁସ୍ତକମାନଙ୍କରେ ଉଲ୍ଲେଖ ରହିଛି କି ମସିହଙ୍କ ସମୟରେ ଗମନାଗମନ ସହଜ ଓ ସରଳ ହୋଇଯିବ । ଆପଣ କହିଲେ ପ୍ରକୃତ କଥା ଏହିକି ଯେ, ନିଦର୍ଶନମାନ ଏଭଳି ରୂପେ ପୂରଣ ହୋଇଯାଇଛି କି ଉକ୍ତ ଲୋକମାନେ ଏହି କ୍ଷେତ୍ରରୁ ପଳାୟନ କରିଲେଣି । ମେହଦିଙ୍କ ସମୟ କାଳରେ ଯେପରି ରମଜାନ ମାସର (ଧାର୍ଯ୍ୟ ତାରିଖରେ) ସୂର୍ଯ୍ୟ ଓ ଚନ୍ଦ୍ରଗ୍ରହଣ ହେବାର ଥିଲା ସେହିପରି ଗ୍ରହଣ ଲାଗିଲା ନାହିଁ । ସେହିପରି ପ୍ରାରମ୍ଭରୁ ଏଭଳି ଜାନବାହନର ଉଦ୍ଭାବନ ହୋଇନଥିଲା । ଅତଃ ଉକ୍ତ ସମସ୍ତ ନିଦର୍ଶନ ପ୍ରକାଶ କରୁଅଛି କି ମସିହ ମଉଦ ଆ.ସ ଜନ୍ମ ଲାଭ କରିସାରିଲେଣି । ଯଦି ଏମାନେ ଆମକୁ ସ୍ୱୀକାର କରୁନାହାନ୍ତି ତେବେ ଆଉ କାହାରିକୁ ଖୋଜନ୍ତୁ ଓ କୁହନ୍ତି କି ସେ କାହାନ୍ତି । କାରଣ ତାଙ୍କ ଆଗମନର ସମସ୍ତ ନିଦର୍ଶମମାନ ପ୍ରକାଶ ପାଇସାରିଲାଣି । ଅତଏବ ପବିତ୍ର ହୃଦୟ ଓ ନିରପେକ୍ଷ ଭାବରେ ପ୍ରମାଣଗୁଡ଼ିକୁ ଦେଖ ଓ ବୁଝିବାକୁ ଚେଷ୍ଟାକର । ଯଦି ଜିଦ୍ କରିବାର ଅଛି ତେବେ କିଛି ଦୃଶ୍ୟମାନ ହେବ ନାହିଁ ସେତେବେଳେ ପବିତ୍ର କୋରାନ ମଧ୍ୟ ତୁମର ମାର୍ଗ ଦର୍ଶନ କରିପାରିବ ନାହିଁ । ପ୍ରତ୍ୟେକ ସତ୍ୟର ସନ୍ଧାନକାରୀ ପାଇଁ ଏହା ଅନିର୍ବାର୍ଯ୍ୟ କି ସେ ଆମକୁ ଆମର ଘୋଷଣାର ପ୍ରମାଣ ମାଗିବା ଉଚିତ୍ । ଏଥିପାଇଁ ଆମେ ସେହି ସୂତ୍ର ଉପସ୍ଥାପନ କରିଥାଉ ଯାହାକି ଅତୀତରେ ନବୀମାନେ (ଲୋକମାନଙ୍କ) ନିକଟରେ ରଖିଥାନ୍ତି ଅର୍ଥାତ କୁରଆନ, ହଦିସ୍, ଜ୍ଞାନତତ୍ୱ ବର୍ତ୍ତମାନର ଆବଶ୍ୟକତା ଏବଂ ସେହି ନିଦର୍ଶନଗୁଡ଼ିକ ଯାହା ଅଲ୍ଲାଃତାଲା ମୋ ଦ୍ୱାରା ପ୍ରକାଶ କଲେ ।

ହଜରତ ମସିହ ମଉଦ ଆ.ସ କୁହନ୍ତି- ଇସ୍‌ତେଖଲାଫର ପଙ୍କ୍ତିରେ ଅଲ୍ଲାଃତାଲା ସ୍ପଷ୍ଟ ଭାବରେ ଏକ ଖିଲାଫତ୍‌ର ବ୍ୟବସ୍ଥା ପ୍ରଚଳନ କରିବାର ପ୍ରତିଶ୍ରୁତି ଦେଇଛନ୍ତି । ଉକ୍ତ ବ୍ୟବସ୍ଥାକୁ (ଇସଲାମର) ପ୍ରାରମ୍ଭିକ ଖିଲାଫତ୍ ସମତୁଲ୍ୟ କୁହାଯାଇଛି । ଯେପରି ଉଲ୍ଲେଖ ରହିଛି **କମସ୍ ତଖ୍‌ଲଫଲ୍ ଲଜିନା ମିନ୍ କବ୍‌ଲିହିମ୍** ବର୍ତ୍ତମାନ ଦେଖ ଏହି ପ୍ରତିଶ୍ରୁତି ସମାନତା ପାଇଁ ଆବଶ୍ୟକ ଥିଲା କି ଯେପରି ମୁସା ଆ.ସଙ୍କ ସମ୍ପ୍ରଦାୟରେ ଅନ୍ତିମ ଖଲିଫା ମସିହ ଥିଲେ ସେହିପରି ମହମ୍ମଦି ସମ୍ପ୍ରଦାୟ ମଧ୍ୟ ଜଣେ ଖଲିଫା ଅର୍ଥାତ ମସିହ ଦ୍ୱାରା ସମାପ୍ତ ହେବ । ତୃତୀୟ ପ୍ରମାଣ ଏହିକି ଯେ ହଜରତ ମହମ୍ମଦ ସ.ଆ କହିଥିଲେ କି **ଇମାମକୁମ୍ ମିନକୁମ୍** ଅର୍ଥାତ ସେ ତୁମମାନଙ୍କ ମଧ୍ୟରୁ ତୁମର ଇମାମ ହେବ । ଚତୁର୍ଥ ତଥ୍ୟ ଏହିକି ଯେ ପ୍ରତ୍ୟେକ ଶତାବ୍ଦିରେ ଜଣେ ସୁଧାରକ ଆସିବେ ତେବେ ଏହି ଶତାବ୍ଦିର ସୁଧାରଖ କାହାନ୍ତି ଏବଂ ସୁଧାରକର ଯେଉଁ କର୍ତ୍ତବ୍ୟ ରହିଛି କି ସେ ଉପୁଯିଥିବା ବିଭ୍ରାଟ ଓ ସମସ୍ୟାର ସମାଧାନ କରିବେ । ତେବେ ବର୍ତ୍ତମାନ ଯେଉଁ ବିଭ୍ରାଟ ଓ ବିଶୃଙ୍ଖଳା ଦେଖିବାକୁ ମିଳିଅଛି ସେଥି ମଧ୍ୟରେ ଖ୍ରୀଷ୍ଟଧର୍ମୀମାନଙ୍କ ଷଡ଼ଯନ୍ତ୍ର ସର୍ବୋଚ୍ଚରେ ରହିଛି । ଏହି ଯୁଗର ସୁଧାରକ କସରେ ସଲିବ(ଖ୍ରୀଷ୍ଟଧର୍ମୀଙ୍କ ମନ୍ଦ ଯୋଜନା)କୁ ପଣ୍ଡ କରିବା ଧାର୍ଯ୍ୟ ଥିଲା । ପଂଚମ ତଥ୍ୟ ମୁସା ଆ.ସଙ୍କ ସମ୍ପ୍ରଦାୟର ଖିଲାଫତ୍ ସହ ସାମଞ୍ଜସ୍ୟ ପାଇଁ ମହମ୍ମଦି ସମ୍ପ୍ରଦାୟର ୧୪୦୦ ବର୍ଷରେ ପୂରଣ ହେବା ଧାର୍ଯ୍ୟ ଥିଲା । କାରଣ ମୁସା ଆ.ସଙ୍କ ୧୪୦୦ ବର୍ଷ ପରେ ମସିହ ଆ.ସ ଆସିଥିଲେ । ଷଷ୍ଠ ନିଦର୍ଶନ ଯାହାକି ମସିହ ମଉଦ ପାଇଁ ଧାର୍ଯ୍ୟ ଥିଲା ସେଥିମଧ୍ୟରୁ ଅନେକ ପୂରଣ ହୋଇସାରିଛି । ଯେପରି ରମଜାନ ମାସରେ ସୂର୍ଯ୍ୟ ଓ ଚନ୍ଦ୍ରକୁ ଗ୍ରହଣ ଲାଗିବା ଏବଂ ଏହା ଦୁଇଥର ପୂରଣ ହେଲା । ପୁଣି ହଜ କରିବା ବାରଣ କରିବା, ଜୁଲ୍‌ସିନିନ୍ ନକ୍ଷେତ୍ର ଦେଖାଦେବା, ପ୍ଲେଗ ରୋଗ ବ୍ୟାପିବା, ରେଳଗାଡ଼ିର ଉଦ୍ଭାବନ, ଓଟମାନେ ବେକାର ହୋଇଯିବା । ସପ୍ତମ ତଥ୍ୟ ଏହିକି ଯେ, ସୁରେ ଫାତିହାର ଦୁଆରୁ ମଧ୍ୟ ଏହା ପ୍ରମାଣିତ ହେଉଅଛି ଯେ ଆଗମନକାରୀ ଇସଲାମ ଧର୍ମାବଲମ୍ବୀ ହୋଇଥିବ ତେବେ ଗୋଟିଏ ଦୁଇଟି ନୁହେଁ ସହସ୍ର ପ୍ରମାଣ ଏଥିସମ୍ବନ୍ଧରେ ରହିଛି ଏବଂ ତାଙ୍କର (ଆଗମନର) ଏହି ସମୟ ଅଟେ । ବର୍ତ୍ତମାନ ମୁଁ ଅଲ୍ଲାଃଙ୍କ ଐଶ୍ୱରିକବାଣୀ ପ୍ରାପ୍ତ କରି କହୁଅଛି କି ସେହି ଆଗମନକାରୀ ମୁଁ ଅଟେ । କାହିଁ କେଉଁ କାଳରୁ ଅଲ୍ଲାଃ ନବିଙ୍କ ମାଧ୍ୟମରେ ପ୍ରମାଣ ହାସଲ କରିବାର ଯେଉଁ ପନ୍ଥା ଉନ୍ମୁକ୍ତ କରିଛନ୍ତି ବର୍ତ୍ତମାନ ଯାହାର ଇଚ୍ଛା ତାହା ମୋ'ଠାରୁ ହାସଲ କରିନେଉ ଏବଂ ମୋ ସପକ୍ଷରେ ଯେଭଳି ନିଦର୍ଶନମାନ ପ୍ରକାଶ ପାଇଛି ତାହାକୁ ଦେଖିନେଉ । ମୋତେ ଦୁଃଖଲାଗେ ଯେତେବେଳେ ମୁଁ ଏହି ବିରୋଧୀମାନଙ୍କ ଅବସ୍ଥା ପ୍ରତି ନଜର କରେ କି ସେମାନେ ସ୍ୱୟଂ ଯେଉଁ ତଥ୍ୟଗୁଡ଼ିକୁ ପ୍ରମାଣ ସ୍ୱରୂପ ଉପସ୍ଥାପନ କରୁଥିଲେ ତାହା ଯେତେବେଳେ ବାସ୍ତବରେ ପୂରଣ ହୋଇଗଲା ତାହାକୁ ନେଇ ହିଁ ସେମାନେ ଆପତି କରୁଛନ୍ତି । ଉଦାହରଣସ୍ୱରୂପ ପ୍ରଥମେ (ମୋତେ) ସୂର୍ଯ୍ୟ ଓ ଚନ୍ଦ୍ର ଗ୍ରହଣର ନିଦର୍ଶନ ମାଗୁଥିଲେ କିନ୍ତୁ ବର୍ତ୍ତମାନ କହୁଛନ୍ତି ଏହି ହଦିସ୍ ହିଁ ସଠିକ୍ ନୁହେଁ । ସେମାନଙ୍କୁ କେହି ପଚାର ଯେତେବେଳେ ଅଲ୍ଲାଃତାଲା ଉକ୍ତ ହଦିସ୍‌କୁ ସତ୍ୟ ହେବାର ପ୍ରମାଣିତ କରିଦେଲେ ତେବେ କ'ଣ ବର୍ତ୍ତମାନ ତାହା ଏହି ଲୋକମାନଙ୍କ କହିବାରେ ମିଥ୍ୟା ହୋଇଯିବ । ଦୁଃଖଦ ଏମାନଙ୍କୁ ଏପରି କହିବାକୁ ଲାଜ ନାହିଁ କି ଏତତ୍ ଦ୍ୱାରା ଆମେ ହଜରତ ମସିହ ମଉଦଙ୍କର ନୁହେଁ ବରଂ ହଜରତ ମହମ୍ମଦ ସ.ଆଙ୍କର ଅମାନ୍ୟ କରୁଅଛୁ ।

ହଜୁର ଅନଓ୍ୱର ଅ.ବ କହିଲେ- ହଜରତ ମସିହ ମଉଦ ଆ.ସ ସତ୍ୟର ସନ୍ଧାନ କରିବାର ମାର୍ଗ ଦର୍ଶାଇ କୁହନ୍ତି ଯଦି ସତ୍ୟ ପ୍ରାପ୍ତି କରିବାକୁ ଇଚ୍ଛୁକ ତେବେ ନିଜ ନମାଜରେ ଅଲ୍ଲାଃଙ୍କ ନିକଟରେ ଦୁଆ କର ସେ ହିଁ ତୁମ ଉପରେ ସତ୍ୟର ଉନ୍ମୋଚନ କରିଦେବେ । ମୁଁ ପୂର୍ଣ୍ଣ ବିଶ୍ୱାସ ରଖୁଅଛି କି ଯଦି ମଣିଷ ଈର୍ଷା, ଜିଦି ଓ ହଠଧର୍ମରୁ ପବିତ୍ର ହୋଇ ସତ୍ୟର ସନ୍ଧାନ ପାଇବା ନିମନ୍ତେ ଅଲ୍ଲାଃଙ୍କ ଶରଣାଗତ ହେବ ତେବେ ଗୋଟିଏ ଚିଲ୍ଲା (ଚାଳିସ ଦିନ) ଅତିବାହିତ ହେବା ପୂର୍ବରୁ ତାହା ଉପରେ ସତ୍ୟାସତ୍ୟ ପ୍ରକାଶିତ ହୋଇଯାଇଥିବ । କିନ୍ତୁ ଖୁବ୍ କମ୍ ଲୋକ ଥାନ୍ତି ଯେ, ଏହି ସର୍ତ ଅବଲମ୍ବନ କରି ଅଲ୍ଲାଃଙ୍କଠାରୁ ନିଷ୍ପତି କାମନା କରିଥାନ୍ତି ଏବଂ ନିଜର ସୀମିତ ବୁଦ୍ଧି, ଜିଦି ଓ ଈର୍ଷା ଭାବନା ଯୋଗୁଁ ଅଲ୍ଲାଃଙ୍କ ଓ୍ୱଲି (ପ୍ରିୟ)ଙ୍କ ଅମାନ୍ୟ କରି ନିଜର ବିଶ୍ୱାସ ହରାଇ ବସିଥାନ୍ତି ।

ଅଲ୍ଲାଃତାଲା ମୁସଲମାନମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ କି ସେମାନେ କେବଳ ମୌଲବିମାନଙ୍କ କଥାରେ କବଳିତ ହୋଇ ରହିନଯାନ୍ତି ବରଂ ନିଜ ଜ୍ଞାନ ଓ ବୁଦ୍ଧିର ପ୍ରୟୋଗ କରି ନିଷ୍ଠାର ସହିତ ଅଲ୍ଲାଃଙ୍କ ସାହାଯ୍ୟ ଭିକ୍ଷା କରନ୍ତୁ । ଅଲ୍ଲାଃତାଲା ସେମାନଙ୍କ ହୃଦୟ ଉନ୍ମୁକ୍ତ କରନ୍ତୁ, ହଜରତ ମସିହ ମଉଦ ଆ.ସଙ୍କୁ ଏମାନେ ସ୍ୱୀକାର କରି ନିଜର (ସଙ୍କଟାପର୍ଣ୍ଣ) ଅବସ୍ଥା ଯେଉଁଥିରେ ମୁସଲମାନମାନେ ପଡ଼ିରହିଛନ୍ତି, ବାହାରିଆସନ୍ତୁ । ସେମାନଙ୍କୁ ଯେଉଁଥିରୁ ବର୍ତୀବାର କୌଣସି ମାର୍ଗ ଦୃଶମାନ ହେଉନାହିଁ । ପାକିସ୍ତାନରେ ମଧ୍ୟ ନୂତନ ସଂସ୍ଥାମାନ ଗଢିଉଠିଲାଣି । ବର୍ତ୍ତମାନ ଏକ ସଂସ୍ଥା ଗଠିତ ହୋଇଛି **ଲବୈଏକ ୟା ରସୁଲୁଲ୍ଲାଃ** ଯେଉଁମାନେ ପଦଯାତ୍ରା କରି ପ୍ରଥମେ ଲାହୋରର ଘେରାଉ କଲେ ତାପରେ ଇସଲାମାବାଦର ଘେରାଉ କଲେ । ଏହିପରି ଆଉ ଏକ ସଂସ୍ଥା ଘେରାଉ କରି ରହିଛି ଏବଂ କୌଣସି ପ୍ରଶାସନ, କୌଣସି ସୁରକ୍ଷା ବ୍ୟବସ୍ଥା ଓ ନ୍ୟାୟ ବ୍ୟବସ୍ଥା ଏମାନଙ୍କୁ ଏପରି କରିବାରୁ ରୋକୁ ନାହାନ୍ତି । ତେବେ ଲବୈକ୍ ୟା ରସୁଲୁଲ୍ଲାଃ କହିବାବାଲା ତ ପ୍ରକୃତରେ ଆମେ ଅହେମଦି ଅଟୁ ଯେ ହଜରତ ମହମ୍ମଦ ସ.ଆଙ୍କ ଆଦେଶ ପାଳନକାରୀ କି ଯେତେବେଳେ ମୋର ମସିହ ଓ ମେହଦି ଆବିର୍ଭୂତ ହେବେ ତୁମେ ତାଙ୍କୁ ସ୍ୱୀକାର କରିନେବ ଓ ମୋର ତାଙ୍କୁ ସଲାମ କହିବ । ଏହା ଅଟେ ଲବୈକ୍ କହିବାର ସଠିକ୍ ଯଥାର୍ଥ ସମ୍ଭବତଃ ଏମାନେ ଏହି କଥା ବୁଝନ୍ତେ ।

ଅଲ୍ଲାଃତାଲା ବିଶ୍ୱବାସୀ ତଥା ପ୍ରତ୍ୟେକ ମୁସଲମାନ ଦେଶଗୁଡ଼ିକୁ ଏବଂ ପାକିସ୍ତାନକୁ ବିଭ୍ରାଟ ଓ ବିଶୃଙ୍ଖଳାରୁ ରକ୍ଷା କରନ୍ତୁ । ଅଲ୍ଲାଃତାଲା ମୁସଲମାନମାନଙ୍କ ଉପରେ ବିଶେଷ ଦୟା ପ୍ରଦାନ କରନ୍ତୁ କାରଣ ଆଜିକାଲିର ଅବସ୍ଥା ଯାହା, ଯେଭଳି ମୁସଲମାନମାନଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର ଓ ଯୋଜନାମାନ ପ୍ରସ୍ତୁତ କରାଯାଉଅଛି ତାହା ଅତ୍ୟନ୍ତ ଭୟଙ୍କର ଅଟେ । ଯଦି ମୁସଲମାନମାନେ ବର୍ତ୍ତମାନ ମଧ୍ୟ ନବୁଝନ୍ତି ତେବେ ପରବର୍ତୀ ସମୟରେ ଏମାନେ ଅନୁତାପ କରିବେ । ଅଲ୍ଲାଃତାଲା ଦୟା ଆଚରଣ କରନ୍ତୁ ।

ପୃଷ୍ଠା-୧ ର ଅବଶିଷ୍ଟାଂଶ.......

କିନ୍ତୁ ଏବେ ୧୬ ଅଗଷ୍ଟ ୧୯୦୬ ରେ ଆମେରିକାର ଦକ୍ଷିଣ ପାର୍ଶ୍ୱ ଅର୍ଥାତ୍ ଚିଲି ପ୍ରଦେଶରେ ଗୋଟିଏ ଭୀଷଣ ଭୂମିକମ୍ପ ଆସିଲା । ତାହା ପୂର୍ବରୁ ଆସିଥିବା ଭୂମିକମ୍ପଠାରୁ କମ୍ ନଥିଲା । ଯାହାଦ୍ୱାରା ପନ୍ଦରଟି ଛୋଟ ବଡ଼ ସହର ଧ୍ୱଂସ ହୋଇଗଲା । ଓ ହଜାର ହଜାର ଲୋକଙ୍କ ଜୀବନ ଚାଲିଗଲା ଓ ଦଶ ଲକ୍ଷ ଲୋକ ଏ ପର୍ଯ୍ୟନ୍ତ ଗୃହହୀନ ଅବସ୍ଥାରେ ଅଛନ୍ତି । ବୋଧହୁଏ ଅବୋଧ ଲୋକେ ଏହା କହିପାରନ୍ତି ଯେ ଏହା କିପରି ନିଶାନ୍ (ନିଦର୍ଶନ) ହୋଇପାରେ । କାରଣ ଏହି ଭୂମିକମ୍ପ ତ ପଞ୍ଜାବରେ ଆସିନାହିଁ । କିନ୍ତୁ ସେମାନେ ଜାଣୁନାହାଁନ୍ତି କି ଖୁଦା ହେଉଛନ୍ତି ସମଗ୍ର ସଂସାର ଖୁଦା । ନା କେବଳ ପଞ୍ଜାବର । ଓ ସେ ଏହି ଖବରଟିକୁ ସମଗ୍ର ସଂସାର ପାଇଁ ଦେଇଛି ନା କେବଳ ପଞ୍ଜାବ ପାଇଁ । ଏହା ଦୁର୍ଭାଗ୍ୟପୂର୍ଣ୍ଣ ଅଟେ ଯେ ଖୁଦାତାଲାଙ୍କ ପେଶ୍‌ଗୋଇକୁ ଅନ୍ୟାୟସରେ ଟାଳିଦେବା ଓ ଖୁଦାଙ୍କ ବାଣୀକୁ ଚିନ୍ତନ କରି ନପଢ଼ିବା ଓ ଏ ଚେଷ୍ଟା କରି ଚାଲିବା ଯେ କିପରି ସତ୍ୟ ଲୁଚି ରହୁ । କିନ୍ତୁ ଏପରି କରିବା ଦ୍ୱାରା ସତ୍ୟ କେବେ ଲୁଚି ରହିପାରେ ନାହିଁ ।

ମନେରଖ ଯେ ଖୁଦା ମୋତେ ଭୂମିକମ୍ପ ହେବା ବାବଦରେ ସାଧାରଣତଃ ଖବର ଦେଇଛି । ତେଣୁ ନିଶ୍ଚିତ ରୂପେ ଜାଣିନିଅ ଯେ ଯେପରି ପେଶ୍‌ଗୋଇ ମୁତାବକ ଆମେରିକାରେ ଭୂମିକମ୍ପ ହେଲା ସେହିପରି ୟୁରୋପ୍‌ରେ ମଧ୍ୟ ଆସିବ । ତତ୍ ସହିତ ଏସିୟାର ବିଭିନ୍ନ ସ୍ଥାନରେ ମଧ୍ୟ ଆସିବ । କିଛି ଭୂମିକମ୍ପର ରୂପ ପ୍ରଳୟ ସଦୃଶ ହେବ । ଫଳତଃ ଏତେ ମୃତ୍ୟୁ ହେବ ଯେ ଲହୁର ନଦୀ ବହିବ । ଏହି ମୃତ୍ୟୁରୁ ପଶୁପକ୍ଷୀମାନେ ମଧ୍ୟ ବର୍ତ୍ତୀବେ ନାହିଁ । ଓ ପୃଥିବୀରେ ଏତେ ମାତ୍ରାରେ ବିନାଶ ଆସିବ ଯେ ମଣିଷ ଜନ୍ମ ହେବାଠାରୁ ଏପରି ବିନାଶ ଆସିନଥିବ । ଓ ଅଧିକାଂଶ ସ୍ଥାନ ଉପର ତଳ ହୋଇଯିବ ଯେପରି ସେଠାରେ ପୂର୍ବରୁ କୌଣସି ଲୋକ ରହୁନଥିଲେ । ଓ ଏହା ସହିତ ପୃଥିବୀ ଓ ଆକାଶରେ ଆହୁରି ମଧ୍ୟ ଭୟାବହ ବିପତ୍ତି ସୃଷ୍ଟି ହେବ । ଏପରିକି ପ୍ରତ୍ୟେକ ବୁଦ୍ଧିମାନ୍ ବ୍ୟକ୍ତିଙ୍କ ଦୃଷ୍ଟିରେ ଏହା ଏକ ଅସାଧାରଣ କଥା ହେବ । ଖଗୋଳବିଦ୍ୟା ଓ ଦର୍ଶନ ଶାସ୍ତ୍ର ପୁସ୍ତକର କୌଣସି ପୃଷ୍ଠାରେ ଏହାର ଠିକଣା ମିଳିବନାହିଁ । ତେବେ ଯାଇ ଲୋକଙ୍କ ଭିତରେ ଅଧିରତା ସୃଷ୍ଟି ହେବ ଯେ ଏବେ କଣ ହେବାକୁ ଯାଉଛି । ବହୁତ ଲୋକେ ରକ୍ଷା ପାଇଯିବେ ଓ ବହୁତ ଲୋକେ ନିଃଶେଷ ହେବେ । ସେ ଦିନ ପାଖେଇ ଆସୁଛି ବରଂ ମୁଁ ଦେଖିପାରୁଛି ଯେ ତାହା ଦୁଆର ମୁହଁରେ ପହଂଚିସାରିଲାଣି । ଦୁନିଆ ଏବେ ପ୍ରଳୟର ଦୃଶ୍ୟ ହେଖିବ ଓ ନା କେବଳ ଭୂମିକମ୍ପ ହେବ ବରଂ ଆହୁରି ମଧ୍ୟ ଭୟଙ୍କର ବିପତ୍ତି ମାନ ଆକାଶ ଓ ପୃଥିବୀରୁ ପ୍ରକାଶ ହେବ । ଏହା ଏଥିପାଇଁ ହେବ ଯେ ମାନବଜାତି ତା ଖୁଦାଙ୍କ ଉପାସନା କରିବା ଛାଡ଼ିଦେଇଛି ଓ ସମସ୍ତ ସାହସ, ସମସ୍ତ ଭାବନା ଓ ସମସ୍ତ ମନଯୋଗ ସଂସାରରେ ଲଗାଇଦେଇଛି । ଯଦି ମୁଁ ନ ଆସିଥାନ୍ତି ତେବେ ହୋଇପାରେ ଏହି ସବୁ ବିପତ୍ତି ଆସିବାରେ କିଛି ବିଳମ୍ବ ହୋଇଥାନ୍ତା । କିନ୍ତୁ ମୋ ଆଗମନ ସହିତ ଖୁଦାଙ୍କ ରୋଷର ସେହି ଗୁପ୍ତ ଇଚ୍ଛାଗୁଡିକ ଯାହା ଏକ କାନରୁ ସୁପ୍ତ ଅବସ୍ଥାରେ ଥିଲା, ତାହା ପ୍ରକାଶ ହୋଇଗଲା । ଯେପରିକି ଖୁଦାତାଲା କହୁଛନ୍ତି:- *ୱମା କୁନ୍ନା ମୁଅଜ୍ଜିବିନା ହତ୍ତା ନବ୍‌ଅସା ରସୁଲା* । ଅର୍ଥାତ୍- ତୌବା (ପଶ୍ଚାତାପ) କରିବା ଲୋକେ ଶାନ୍ତି ଲଭିବେ ଏବଂ ଯେଉଁମାନେ ବିପତ୍ତି ଆସିବା ପୂର୍ବରୁ ଭୟ କରୁଛନ୍ତି, ତାଙ୍କ ସହିତ ଦୟା ଆଚରଣ କରାଯିବ । କଣ ତୁମେ ଏକଥା ଭାବୁଛ ଯେ ତୁମେମାନେ ଏହି ଭୂମିକମ୍ପରୁ ରକ୍ଷା ପାଇଯିବ ବା ତୁମେ ତୁମର ବୁଦ୍ଧି ଓ ଉପାୟ ଦ୍ୱାରା ନିଜକୁ ବଂଚାଇପାରିବ? କଦାପି ନୁହେଁ । ସେଦିନ ମଣିଷର ସବୁକାର୍ଯ୍ୟ ଶେଷ ହେବ । ଏହା ଭାବନାହିଁ ଯେ ଆମେରିକା ଇତ୍ୟାଦି ଦେଶରେ ଭୀଷଣ ଭୂମିକମ୍ପ ଆସିଲା ଓ ତୁମ ଦେଶ ଏଥିରୁ ସୁରକ୍ଷିତ ରହିବ ବୋଲି । ମୁଁ ତ ଦେଖୁଛି ଯେ ବୋଧହୁଏ ତା ଠାରୁ ଅଧିକ ବିପତ୍ତି ଦେଖିବ । ହେ ୟୁରୋପ୍ ତୁ ମଧ୍ୟ ଶାନ୍ତିରେ ନାହୁଁ ଏବଂ ହେ ଏଶିଆ ତୁ ମଧ୍ୟ ସୁରକ୍ଷିତ ନୁହଁ । ଏବଂ ହେ ଉପଦ୍ୱୀପରେ ବାସ କରୁଥିବା ଲୋକେ ! କୌଣସି କୃତ୍ରିମ ଖୁଦା ତୁମର ସାହାଯ୍ୟ କରିବେ ନାହିଁ । ମୁଁ ସହର ଗୁଡିକୁ (ଭାଙ୍ଗି) ତଳେ ପଡ଼ିଯିବାର ଦେଖୁଛି ଓ (ସେଥିରେ) ବସବାସ କରୁଥିବା ଲୋକଙ୍କୁ ଜନଶୂନ୍ୟ ପାଉଛି । ସେହି ଏକ ଓ ଅଦ୍ୱିତୀୟ ଏକ କାଳ ପର୍ଯ୍ୟନ୍ତ ନୀରବ ରହିଲା ଓ ତା ଆଖି ଆଗରେ ଘୃଣ୍ୟ କାର୍ଯ୍ୟ ସବୁ କରାଗଲା ଓ ସେ ଚୁପ୍ ରହିଲା କିନ୍ତୁ ବର୍ତ୍ତମାନ ସେ ନିଜର ଭୟଙ୍କର ରୂପକୁ ଦେଖାଇବ । ଯେଉଁମାନଙ୍କ ପାଖରେ ଶୁଣିବା ପାଇଁ କାନ ଅଛି ସେ ଶୁଣି ରଖନ୍ତୁ ଯେ ଉକ୍ତ ସମୟ ଦୂର ନୁହେଁ । ମୁଁ ଖୁଦାଙ୍କ ଛତ୍ରଛାୟାତଳେ ସମସ୍ତଙ୍କୁ ଏକାଠି କରିବା ପାଇଁ ଚେଷ୍ଟ କଲି । କିନ୍ତୁ ଏହ ନିଶ୍ଚିତ ଥିଲା ଯେ ବିଧିର ବିଧାନ ପୁରା ହେବ । ମୁଁ ସତ୍ୟ କହୁଅଛି ଯେ ଏ ଦେଶର ଦଶା ମଧ୍ୟ ନିକଟତର ହେଉଅଛି । ନୁହ୍‌ଙ୍କ ଯୁଗ ତୁମ ଆଖି ସାମନାରେ ଆସିବ ଓ ଲୁତ୍‌ଙ୍କ ସ୍ଥାନର ଘଟଣା ତୁମେ ନିଜ ଆଖିରେ ଦେଖିବ କିନ୍ତୁ ଖୁଦାଙ୍କ କ୍ରୋଧ ଧିର (ଅର୍ଥାତ୍ ଶିଘ୍ର କରନ୍ତି ନାହିଁ) । ତେଣୁ ତୌବା (ପଶ୍ଚାତାପ) କର । ଫଳତଃ (ସେ) ତୁମ ଉପରେ ଦୟା କରିବେ । ଯିଏ ଖୁଦାଙ୍କୁ ପରିତ୍ୟାଗ କରେ ସେ ମଣିଷ ନୁହେଁ, ଗୋଟିଏ ପୋକ ଓ ଯିଏ ତାଙ୍କୁ ଭୟ କରେନାହିଁ ସେ ଜୀବିତ ନୁହେଁ (ବରଂ) ମୃତ ଅଟେ । (ହକିକତୁଲ୍ ୱହି ରୁହାନି ଖଜାଏନ୍, ଖଣ୍ଡ-୨୨, ପୃଷ୍ଠା-୨୬୫)

ପୃଷ୍ଠା-୧୫ ର ଅବଶିଷ୍ଟାଂଶ.......

ସ୍ୱାମୀ ସ୍ତ୍ରୀ ଦୁଇଜଣଯାକ ହଜୁର୍ ଅନ୍‌ୱର୍ ଅ:ବ:ଅ ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

### ବୁର୍କିନାଫାସୋରୁ ଆସିଥିବା ପ୍ରତିନିଧିମାନଙ୍କ ସାକ୍ଷାତ୍‌କାର

ଏହାପରେ ବୁର୍କିନାଫାସୋରୁ ଆସିଥିବା ପ୍ରତିନିଧି ମଣ୍ଡଳ ହଜୁର୍ ଅନ୍‌ୱର୍‌ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଲେ ।

ବୁର୍କିନାଫାସୋରୁ ତିନିଜଣ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ଜଲ୍‌ସାରେ ସାମିଲ୍ ହୋଇଥିଲେ । ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି Zoutonore ସାହେବ ଥିଲେ ଯେ ହେଉଛନ୍ତି ମାନବିକ ଅଧିକାର କମିଶନ୍‌ର ସଭାପତି । ସେ କହିଲେ ଆମର ଏ ଚେଷ୍ଟା ଚାଲିଛି ଯେ ବୁର୍କିନାଫାସୋରେ କବାଇଲ (ଗୋଷ୍ଠୀ ସମୂହ) ଓ ଧର୍ମ ମାମଲାରେ କୌଣସି ପ୍ରକାର ସମସ୍ୟା ସୃଷ୍ଟି ନହେଉ । ଏଥିରେ ହଜୁର୍ ଅନ୍‌ୱର୍ ଅ:ବ:ଅ କହିଲେ-ଯଦି ଏହିପରି ସମସ୍ୟ ସୃଷ୍ଟି ନହେବ ତେବେ ଆପଣମାନେ ସଫଳ ରହିବେ ଓ ଆପଣଙ୍କର ଦେଶ ମଧ୍ୟ ଉନ୍ନତି କରିଚାଲିବ । ପୁଣି ସେ ଅତିଥିଜଣକ କହିଲେ ମୁଁ ହଜୁର୍ ଅନ୍‌ୱର୍‌ଙ୍କର ଅଭିଭାଷଣକୁ ଶୁଣିଲି । ହଜୁର୍‌ଙ୍କର ଏପରି ଅଭିଭାଷଣର ବହୁତ ଆବଶ୍ୟକତା ଅଛି । ବର୍ତ୍ତମାନ ସମୟରେ ଏ ଦୁନିଆରେ ଯେଉଁ ଅଶାନ୍ତି, ଅତ୍ୟାଚାର ଓ ଜଣେ ଅନ୍ୟଜଣକୁ ଯେଉଁ ଆକ୍ରମଣ କରିଚାଲିଛନ୍ତି ସେହିସବୁ ସମସ୍ୟାର ସମାଧାନ ହଜୁର୍ ଅନ୍‌ୱର୍‌ଙ୍କ ଅଭିଭାଷଣରୁ ମିଳୁଅଛି ।

ହଜୁର୍ ଅନ୍‌ୱର୍ ଅ:ବ:ଅ କହିଲେ-ଆମେ ସଂସାରକୁ ଶାନ୍ତି ଓ ଭାଇଚାରାର ବାର୍ତ୍ତା ଦେଉଅଛୁ । ଶାନ୍ତି ସ୍ଥାପନା ନିମନ୍ତେ ଯଥା ସମ୍ଭବ ଚେଷ୍ଟା କରୁଅଛୁ । ଆମେ ସନ୍ତ୍ରାସବାଦ, ଅତ୍ୟାଚାର ଓ ଜୁଲମ୍ ବିରୋଧରେ ସ୍ୱର ଉତଳନ କରୁଅଛୁ । ଏବଂ ଏହିପରି ଆମେ ସ୍ୱର ଉତଳନ କରିଚାଲିବୁ । ଅସଲ କଥା ହେଉଛି ସର୍ବପ୍ରଥମେ ମାନବିକତା ଓ ମାନବିକ ଅଧିକାରକୁ ପ୍ରତିଷ୍ଠା କରିବା । ଏପର୍ଯ୍ୟନ୍ତ ଏପରି ସ୍ୱର ଉତଳନ ହୋଇଚାଲିବ, ଆମେ ଏ ଆଶା ରଖିଛୁ ଯେ ଆମେ ନିଶ୍ଚିତ ରୂପେ ସଫଳ ହେବୁ ।

ହଜୁର୍ ଅନ୍‌ୱର୍ ଅ:ବ:ଅ ଅତିଥିମାନଙ୍କୁ ସମ୍ବୋଧନ କରି କହିଲେ ଆପଣମାନେ ଏ ଜଲ୍‌ସାରେ କଣ ଦେଖିଲେ ? ଏଥିରେ ସେ କହିଲେ ଏଠାରେ ଆମେ ବହୁତ ଆଧାତ୍ମିକ ପରିବେଶ ଅନୁଭବ କଲୁ । ସାରା ସଂସାରର ଲୋକମାନେ ଏଠାକୁ ଆସୁଛନ୍ତି । ଏବଂ ପରସ୍ପର ମଧ୍ୟରେ ସେମାନଙ୍କ ବହୁତ ପ୍ରେମଭାବ ଥିଲା । ସମସ୍ତେ ଆପୋଶରେ ବହୁତ ଖୁସିର ସହିତ ମିଶୁଥିଲେ । ଏପରି ଲାଗୁଥିଲା ଯେପରି ସେମାନେ ଭାଇ ଭାଇ ଅଟନ୍ତି । ଏକଥା ଆମକୁ ବହୁତ ପ୍ରଭାବିତ କରିଛି । ହଜୁର୍ ଅନ୍‌ୱର୍ ଅ:ବ:ଅ କହିଲେ । ଏବେ ଆପଣ ଫେରିଯାଇ ଲୋକମାନଙ୍କୁ ଜଣାନ୍ତୁ ଯେ ଯମାତ୍ ଅହେମଦୀୟା କିପରି କାମ କରୁଅଛି । ଏବଂ କିପରି ମାନବିକ ଅଧିକାର ପ୍ରତିଷ୍ଠା କରିବା ପାଇଁ ଅହରହ ଚେଷ୍ଟା ଚଳାଇଛି ।

ଜୁପିମୁରୋ ସାହେବ୍ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ମୋତେ ଯେତେବେଳେ ଜଲ୍‌ସାସାଲାନାରେ ସାମିଲ୍ ହେବା ପାଇଁ ନିମନ୍ତ୍ରଣ ଦିଆଗଲା ମୁଁ ବହୁତ ଆଶ୍ଚର୍ଯ୍ୟ ହୋଇଗଲି ଯେ ମୁଁ ତ ଯମାତ୍‌ର କୌଣସି ସଦସ୍ୟ ନୁହେଁ ଏବଂ ନା ମୁଁ ମୁସଲ୍‌ମାନ୍ ଅଟେ । କିନ୍ତୁ ପୁଣି ମଧ୍ୟ ମୋତେ ମୁସଲ୍‌ମାନଙ୍କ ଇଜ୍‌ତେମାରେ ସାମିଲ୍ ହେବା ପାଇଁ ନିମନ୍ତ୍ରଣ ଦିଆଗଲା । ଏ ଜଲ୍‌ସାରେ ସାମିଲ୍ ହୋଇ ମୁଁ ଦେଖିଲି ଯେ ଏ ଯମାତ୍ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ପାଇଁ ହାତକୁ ଖୋଲା ରଖିଛୁ ଏବଂ ସମସ୍ତଙ୍କ ସହିତ ପ୍ରେମ, ସ୍ନେହ ପ୍ରଦାନ କରିଛୁ । ସମସ୍ତଙ୍କୁ ଏକା ପ୍ରକାର ସମ୍ମାନ ଦେଉଛୁ । ଏ ସମସ୍ତଙ୍କର ଧ୍ୟାନ ରଖୁଅଛୁ । ମୁଁ ବହୁତ ଧର୍ମଗୁରୁମାନଙ୍କ ଭାଷଣ ଶୁଣିଛି । ଯେତେବେଳେ ସେମାନେ କଥା ହୁଅନ୍ତି ଏପରି ଲାଗେ ଯେପରି ସେମାନେ ଠିକ୍ ରାସ୍ତାରେ ଅଛନ୍ତି ଏବଂ ବାକି ସବୁ ଭୁଲ୍ ରାସ୍ତାରେ । ଏହିପରି ସେମାନେ ଲୋକଙ୍କ ଭାବନା ସହିତ ଖେଳନ୍ତି । କିନ୍ତୁ ମୁଁ ଯମାତ୍ ଅହେମଦୀୟାର ଇମାମ୍‌ଙ୍କ ଠାରୁ ପ୍ରତ୍ୟେକ ଅଭିଭାଷଣ ଗୁଡିକ ବହୁତ ମଗ୍ନର ସହିତ ଶୁଣିଛି । ସବୁ ଅଭିଭାଷଣର ସାରମର୍ମ ଏହା ଥିଲା ସଂସାରରେ କିପରି ଶାନ୍ତି ସ୍ଥାପନ ହୋଇପାରିବ । ଯଦି ଏ ଦୁନିଆ ଦିଆନତଦାରୀ ସହିତ ଯମାତ୍ ଅହେମଦୀୟାର ଇମାମ୍‌ଙ୍କ ଭାଷଣକୁ ଶୁଣିବ ଓ ତା ଉପରେ ପରିଚାଳିତ ହେବ ତେବେ ଏ ଦୁନିଆରେ ଶାନ୍ତି ଓ ସୁଲାହ୍ ସ୍ଥାପନ କରାଯାଇପାରିବ । ଯଦି ଦୁନିଆର ପ୍ରତ୍ୟେକ ଧର୍ମଗୁରୁମାନେ ଯମାତ୍ ଅହେମଦୀୟାର ଖଲିଫାଙ୍କ ପରି ବାର୍ତ୍ତା ଦେବେ ତେବେ ଆମେ ସନ୍ତ୍ରାସବାଦ ଓ ଅନ୍ୟାୟ ଅନିତୀକୁ ହରାଇପାରିବା ।

⌘⌘⌘⌘⌘⌘⌘⌘⌘

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

# ଖୁତ୍‌ବା ଜୁମା

★ହଜୁର ଅନଓ୍ବର ଅ:ବ କହିଲେ- ଗତ ଖୁତବାରେ ମୁଁ ହଜରତ ମସିହ ମଉଦ ଆ.ସଙ୍କ ମାଧ୍ୟମରେ କହିଥିଲି କି ଆପଣ କହିଛନ୍ତି ଯଦି ମଣିଷ ଈର୍ଷା ଭାବନା ବର୍ଜନ କରି ଓ ସମସ୍ତ ପ୍ରକାରର ଜିଦ୍‌ଖୋର ପ୍ରବୃତ୍ତିରୁ ପବିତ୍ର ହୋଇ ଅଲ୍ଲାଃଙ୍କ ନିକଟରେ ଦୁଆ କରେ ତଥା ଅଥୟ ଓ ଅଧର୍ଯ୍ୟ ହୋଇ ନମାଜରେ (ସତ୍‌ପଥ ପ୍ରାପ୍ତି ନିମନ୍ତେ) ପ୍ରାର୍ଥନା କରେ ତେବେ ଚାଳିସ ଦିନ ଅତିବାହିତ ହୋଇନଥିବ ଯେ ଅଲ୍ଲାଃତାଲା ତାହା ଉପରେ ସତ୍ୟତା ଉନ୍ମୁକ୍ତ କରିଦେବେ । କିନ୍ତୁ ପବିତ୍ର ହୃଦୟ ଓ ସମସ୍ତ ପ୍ରକାର ଈର୍ଷାପରାୟଣତାରୁ ପବିତ୍ର ରହିବା ଅନିର୍ବାର୍ଯ୍ୟ ।

★ହଜୁର ଅନଓ୍ବର ଅ.ବ କହିଲେ- କେତେକ ପବିତ୍ର ହୃଦୟୀ ଅହେମଦିୟତ୍‌କୁ ସତ୍‌ମାର୍ଗ ଜାଣିବା ପରେ ମଧ୍ୟ କେତେକ କାରଣ ବଶତଃ ବୟତ କରିନଥାନ୍ତି । ଅଲ୍ଲାଃତାଲା କିଭଳି ସେମାନଙ୍କ ବୟତ କରିବା ପ୍ରତି ଧ୍ୟାନ ଆକର୍ଷିତ କରିଥାଏ । ଏଥିସମ୍ବନ୍ଧରେ ମାଲି (ଦେଶର) କାଇ ରିଜିୟନ୍‌ର ମୌଲିମ୍ ସାହେବ ଲେଖିଛନ୍ତି କି ଜଣେ ବନ୍ଧୁ ଅବଦୁଲ୍ ହଇ ଜାବି ସାହେବଙ୍କର ଜଣେ ନିକଟବର୍ତୀ ବନ୍ଧୁଙ୍କର ରମଜାନ ମାସର ଅନ୍ତିମ ଅବଧିରେ ହଠାତ୍ ଦେହାନ୍ତ ହେଲା । ଏକଦା ସେ ସ୍ୱପ୍ନରେ ଦେଖିଲେ କି ସେ ଉକ୍ତ ମୃତ ବନ୍ଧୁଙ୍କ ସହିତ ବସରେ ଯାତ୍ରା କରୁଛନ୍ତି ଏବଂ ତାଙ୍କୁ କହୁଛନ୍ତି କି ତୁମେ ଯେଉଁ ଜମାଅତରେ ଅନ୍ତର୍ଭୁକ୍ତ ହେବାକୁ ଯାଉଛ ତାହା ସତ୍‌ପଥ ଅଟେ । ମୁଁ ମଧ୍ୟ ସେହି ଜମାଅତରେ ଅନ୍ତର୍ଭୁକ୍ତ ହେବାକୁ ଯାଉଛି । ଅବଦୁଲ୍ ହଇ ଜାବି ସାହେବ ନିୟମିତ ଭାବରେ ଆମର ରେଡ଼ିଓ ଶୁଣୁଥିଲେ ଏବଂ ଅନ୍ତରରୁ ଅହେମଦି ହୋଇସାରିଥିଲେ କିନ୍ତୁ ବୟତ କରିନଥିଲେ । ଏହି ସ୍ୱପ୍ନ ଦେଖିବା ପରେ ସେ ଫୋନ୍ କରି କହିଲେ ମୁଁ କାଇ ସହରରୁ ବହୁ ଦୂରରେ ରୁହେ, ରେଡ଼ିଓରେ ପ୍ରସାରିତ ଆପଣଙ୍କ ପ୍ରଚାର ସଂକ୍ରାନ୍ତ କାର୍ଯ୍ୟକ୍ରମ ଶୁଣେ ଓ ମୁଁ ଏପରି ସ୍ୱପ୍ନ ଦେଖିଛି । ସୁତରାଂ ମୋର ବୟତ ସ୍ୱୀକାର କରନ୍ତୁ ଆଜି ମୁଁ ଅହେମଦି ହେବାକୁ ଚାହେଁ ।

★ଅନେକ ଲୋକମାନଙ୍କୁ ଅଲ୍ଲାଃତାଲା ହଜରତ ମସିହ ମଉଦ ଆ.ସଙ୍କ ସମୟରେ ସ୍ୱପ୍ନ ମାଧ୍ୟମରେ ମାର୍ଗଦର୍ଶନ କରିଛନ୍ତି । ସୁତରାଂ (ହଜୁର ଆ.ସଙ୍କ) ଗୋଟିଏ ବୈଠକରେ ଚର୍ଚ୍ଚା ହେଲା କି ଲାହୋରରୁ ଜଣେ ଚିଠି ପଠାଇଛନ୍ତି କି ତାଙ୍କୁ ସ୍ୱପ୍ନରେ ଅଲ୍ଲାଃତାଲା କହିଛନ୍ତି କି ହଜରତ ମସିହ ମଉଦ ଆ.ସ ସତ୍ୟବାଦୀ ଅଟନ୍ତି । ଉକ୍ତ ବ୍ୟକ୍ତି ଜଣକର ସମ୍ପର୍କ ଜଣେ ଫକିର (ସାଧୁ) ସହିତ ଥିଲା ଯେ ଦାତାଗଞ୍ଜ ବଖସ୍‌ର କବରସ୍ତାନ ନିକଟରେ ରହୁଥିଲେ । ଯେତେବେଳେ ଉକ୍ତ ବ୍ୟକ୍ତି ଜଣକ ସେହି ସାଧୁଙ୍କୁ ନିଜ ସ୍ୱପ୍ନ ସମ୍ବନ୍ଧରେ ଅବଗତ କଲେ ସେ ଉତର ଦେଲେ କି ହଜରତ ମିର୍ଜା ସାହେବଙ୍କର ଦିର୍ଘ ଦିନହେଲା ଏଭଳି ଉନ୍ନତି କରିବା ତାଙ୍କ ସତ୍ୟବାଦୀ ହେବାର ପ୍ରମାଣ ଅଟେ ।

★ଜଣେ ଶିରିୟା ଦେଶର ମହିଳା କୁହନ୍ତି ଅହେମଦିୟତ୍‌କୁ ଜାଣିବା ପୂର୍ବରୁ ମୁଁ ଓ ମୋ ଭଉଣୀ ଏକ ଜମାଅତକୁ ସଚ୍ଚୋଟ ଜାଣି ସେଥିରେ ସାମିଲ୍ ହୋଇଥିଲୁ କିନ୍ତୁ ପରେ ଜାଣିବାକୁ ପାଇଲୁ କି ସେହି ଜାମଅତ ଶରିୟତ୍ ନାମରେ ନିଜର ଏକ ଶରିୟତ୍ ତିଆରୀ କରିବସିଛନ୍ତି । ତାପରେ ମୁଁ ଅଲ୍ଲାଃଙ୍କ ନିକଟରେ କାନ୍ଦି କାନ୍ଦି ଦୁଆ କଲି କି ହେ ଅଲ୍ଲାଃ ! ଆଜି ତୁମର ପ୍ରକୃତ ଧର୍ମ କେଉଁଠାରେ ରହିଛି ଏବଂ କେଉଁ ଜମାଅତକୁ ତୁମର ସମର୍ଥନ ହାସଲ ହୋଇଛି । ଏପରି ଅବସ୍ଥାରେ ମୁଁ ଦେଖିଲି କି ଜଣେ ବ୍ୟକ୍ତି ମୋ ସହିତ ଆସି ଛିଡ଼ା ହୋଇଗଲେ ଏବଂ ମୋତେ ଅନୁଭବ ହେଲା କି ସେ ମୋ ସହିତ ସହାନୁଭୂତି କରିବାକୁ ଆସିଛନ୍ତି ।

★ହଜୁର ଅନଓ୍ବର ଅ.ବ ଦିବ୍ୟସ୍ୱପ୍ନ ମାଧ୍ୟମରେ ଅହେମଦି ହୋଇଥିବା ଆଉ କେତେ ଜଣଙ୍କର ବିଶ୍ୱାସ ବର୍ଦ୍ଧକ ଘଟଣାବଳୀର ଚର୍ଚ୍ଚା କଲେ । ଶେଷରେ ହଜୁର ଅ.ବ କହିଲେ ଅନେକ ଘଟଣାବଳୀ ମଧ୍ୟରୁ ଏସବୁ କିଂଚିତ ମାତ୍ର (ଘଟଣା)ର ଚର୍ଚ୍ଚା ଥିଲା । ଅଲ୍ଲାଃତାଲା ଏହି ନୂତନ ଅହେମଦିମାନଙ୍କ ବିଶ୍ୱାସ ଓ ଆସ୍ଥାକୁ ଆହୁରି ଦୃଢତା ପ୍ରଦାନ କରନ୍ତୁ । ଏମାନେ ନିଷ୍ଠା ଓ ବିଶ୍ୱସ୍ତତାରେ ଆଗକୁ ବଢିଚାଲନ୍ତୁ ଏବଂ ଆମେ ଯେ କି ପୁରୁଣା ଅହେମଦି ଅଟୁ (ଅଲ୍ଲାଃତାଲା) ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ନିଷ୍ଠା ଓ ବିଶ୍ୱସ୍ତତାରେ ଆଗକୁ ବଢାଇଚାଲନ୍ତୁ ।

## ସାରାଂଶ ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ
## (ପ୍ରଦତ୍ତ: ୨୪ ନଭେମ୍ବର ୨୦୧୭ ଅନୁଯାୟୀ ୨୪ ନବୁଓ୍ବତ୍ ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللهِ مِنَ الشَّيْطٰنِ الرَّجِيمِ - بِسْمِ اللهِ الرَّحْمٰنِ الرَّحِيمِ
اَلْحَمْدُ لِلّٰهِ رَبِّ الْعَالَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. اِيَّاكَ نَعْبُدُ وَاِيَّاكَ نَسْتَعِيْنُ.
اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ.

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ବର ଅ:ବ କହିଲେ- ଗତ ଖୁତବାରେ ମୁଁ ହଜରତ ମସିହ ମଉଦ ଆ.ସଙ୍କ ମାଧ୍ୟମରେ କହିଥିଲି କି ଆପଣ କହିଛନ୍ତି ଯଦି ମଣିଷ ଈର୍ଷା ଭାବନା ବର୍ଜନ କରି ଓ ସମସ୍ତ ପ୍ରକାରର ଜିଦ୍‌ଖୋର ପ୍ରବୃତ୍ତିରୁ ପବିତ୍ର ହୋଇ ଅଲ୍ଲାଃଙ୍କ ନିକଟରେ ଦୁଆ କରେ ତଥା ଅଥୟ ଓ ଅଧର୍ଯ୍ୟ ହୋଇ ନମାଜରେ (ସତ୍‌ପଥ ପ୍ରାପ୍ତି ନିମନ୍ତେ) ପ୍ରାର୍ଥନା କରେ ତେବେ ଚାଳିସ ଦିନ ଅତିବାହିତ ହୋଇନଥିବ ଯେ ଅଲ୍ଲାଃତାଲା ତାହା ଉପରେ ସତ୍ୟତା ଉନ୍ମୁକ୍ତ କରିଦେବେ । କିନ୍ତୁ ପବିତ୍ର ହୃଦୟ ଓ ସମସ୍ତ ପ୍ରକାର ଈର୍ଷାପରାୟଣତାରୁ ପବିତ୍ର ରହିବା ଅନିର୍ବାର୍ଯ୍ୟ । ନଚେତ୍ ଯେପରିକି ହଜୁର ଆ.ସ କୁହନ୍ତି ଯେ ହୃଦୟରେ ମଳିନତା ଧାରଣ କରି, କ୍ରୋଧର ଅଗ୍ନି ରଖି କିମ୍ବା ପବିତ୍ର ଚିନ୍ତାଧାରା ପୋଷଣ କରିନଥାଏ ସେ ସର୍ବଦା ଏହିକଥା କହିଥାନ୍ତି କି ଅଲ୍ଲାଃତାଲା ଆମର ମାର୍ଗଦର୍ଶନ କଲେ ନାହିଁ କିମ୍ବା ଆପଣଙ୍କ ବିରୋଧ (ପ୍ରଦର୍ଶନ) କରିବାକୁ କହିଛନ୍ତି । ସେ ଯାହା ହେଉ ଯେ ପବିତ୍ର ହୃଦୟ ରଖି ଉକ୍ତ ନିତୀ ଅବଲମ୍ବନ କରିଥାଏ ସେମାନଙ୍କର ଅଲ୍ଲାଃ ମାର୍ଗଦର୍ଶନ କରିଥାନ୍ତି । ଅନେକ ଲୋକମାନଙ୍କୁ ଅଲ୍ଲାଃତାଲା ହଜରତ ମସିହ ମଉଦ ଆ.ସଙ୍କ ସମୟରେ ସ୍ୱପ୍ନ ମାଧ୍ୟମରେ ମାର୍ଗଦର୍ଶନ କରିଛନ୍ତି । ସୁତରାଂ (ହଜୁର ଆ.ସଙ୍କ) ଗୋଟିଏ ବୈଠକରେ ଚର୍ଚ୍ଚା ହେଲା କି ଲାହୋରରୁ ଜଣେ ଚିଠି ପଠାଇଛନ୍ତି କି ତାଙ୍କୁ ସ୍ୱପ୍ନରେ ଅଲ୍ଲାଃତାଲା କହିଛନ୍ତି କି ହଜରତ ମସିହ ମଉଦ ଆ.ସ ସତ୍ୟବାଦୀ ଅଟନ୍ତି । ଉକ୍ତ ବ୍ୟକ୍ତି ଜଣକର ସମ୍ପର୍କ ଜଣେ ଫକିର (ସାଧୁ) ସହିତ ଥିଲା ଯେ ଦାତାଗଞ୍ଜ ବଖସ୍‌ର କବରସ୍ତାନ ନିକଟରେ ରହୁଥିଲେ । ଯେତେବେଳେ ଉକ୍ତ ବ୍ୟକ୍ତି ଜଣକ ସେହି ସାଧୁଙ୍କୁ ନିଜ ସ୍ୱପ୍ନ ସମ୍ବନ୍ଧରେ ଅବଗତ କଲେ ସେ ଉତର ଦେଲେ କି ହଜରତ ମିର୍ଜା ସାହେବଙ୍କର ଦିର୍ଘ ଦିନହେଲା ଏଭଳି ଉନ୍ନତି କରିବା ତାଙ୍କ ସତ୍ୟବାଦୀ ହେବାର ପ୍ରମାଣ ଅଟେ । ତାଙ୍କ ନିକଟରେ ଆଉ ଜଣେ ଫକିର ବସିଥିଲେ ସେ କହିଲେ ବାବା ! ଆମକୁ ମଧ୍ୟ (ଅଲ୍ଲାଃଙ୍କୁ) ପଚାରିବାର ସୁଯୋଗ ଦିଅ । ଦ୍ୱିତୀୟ ଦିନ (ଆସି)ସେ କହିଲେ ଅଲ୍ଲାଃତାଲା ମୋତେ କହିଲେ ମିର୍ଜା ମୌଲା ଅଟନ୍ତି । ଏଥିରେ ପ୍ରଥମ ଫକିର ଜଣକ କହିଲେ ମୌଲା ନୁହେଁ (ଅଲ୍ଲାଃତାଲା) ମୌଲାନା କହିଥିବେ ଅର୍ଥାତ ମିର୍ଜା ସାହେବ ତୁମର, ମୋର ଓ ଆମ ସମସ୍ତଙ୍କର ମୌଲା ଅଟନ୍ତି । ହଜରତ ମସିହ ମଉଦ ଆ.ସ ଏହା ଶୁଣି କହିଲେ ଆଜିକାଲି ଦିବ୍ୟସ୍ୱପ୍ନ ବହୁସଂଖ୍ୟାରେ ହେଉଅଛି । ଜଣାଯାଉଛି ଅଲ୍ଲାଃତାଲା ଲୋକମାନଙ୍କୁ ସ୍ୱପ୍ନ ମାଧ୍ୟମରେ (ସତ୍ୟତା)ଅବଗତ କରାଇବାକୁ ସ୍ଥିର କରିନେଇଛନ୍ତି । ଅଲ୍ଲାଃଙ୍କ ଫରିସ୍ତା ପ୍ରତ୍ୟେକ ଦିଗରେ ଘୁରିବୁଲୁଥାନ୍ତି ଏବଂ ସେମାନେ (ପବିତ୍ର) ହୃଦୟମାନଙ୍କରେ ଏକଥା ପ୍ରକାଶ କରିଥାନ୍ତି କି ସ୍ୱୀକାର କରିନିଅ ସ୍ୱୀକାର କରିନିଅ ! ଆଉ ଜଣେ ବ୍ୟକ୍ତି ସମ୍ବନ୍ଧରେ କହିଲେ ଯେ ହଜୁର ଆ.ସଙ୍କ ବିରୁଦ୍ଧରେ ପୁସ୍ତକ ରଚନା କରିବାର ମନସ୍ଥ କରିନେଇଥିଲେ । ତାଙ୍କୁ ସ୍ୱପ୍ନରେ ହଜରତ ମହମ୍ମଦ ସ.ଆ ଆସି କହିଲେ ତୁ ମିର୍ଜା ସାହେବଙ୍କ ବିରୋଧରେ ଲେଖୁଅଛୁ କିନ୍ତୁ ସେ ତ ସତ୍ୟବାଦୀ ଅଟନ୍ତି । ତେବେ ଏପରି ଅଲ୍ଲାଃତାଲା ଉତମ ସ୍ୱଭାବ ସମ୍ପନ୍ନ ଲୋକମାନଙ୍କୁ ମନ୍ଦ କର୍ମରୁ ରକ୍ଷା କରି ତାଙ୍କର ମାର୍ଗଦର୍ଶନ କରିଥାନ୍ତି । ଏହି ଜମାଅତ ଯାହାକି ହଜରତ ମସିହ ମଉଦ ଆ.ସଙ୍କଠାରୁ ଆରମ୍ଭ ହେଲା ଆଜି ମଧ୍ୟ (ସୁଦୃଢ ଭାବରେ) ପ୍ରତିଷ୍ଠିତ ଏବଂ ଅଲ୍ଲାଃ ଏପରି ପବିତ୍ର ସ୍ୱଭାବ ଲୋକମାନଙ୍କର ମାର୍ଗଦର୍ଶନ କରିଥାନ୍ତି ।

ପଶ୍ଚିମ ଆଫ୍ରିକାର ଦେଶ ମାଲିରୁ ମୁବଲିଗ୍ ସାହେବ ଲେଖିଛନ୍ତି ଶ୍ରୀମାନ ମୁସ୍ତଫା ଦୟାଲୁ ସାହେବ ନାମକ ଜଣେ ବ୍ୟକ୍ତି ଦିନେ ସ୍ୱପ୍ନରେ ଦେଖିଲେ କି ସେ ବୈକୁଣ୍ଠରେ ଗୋଟିଏ ସୁନ୍ଦର ଘରେ ଅଛନ୍ତି । ଘରର ଗୋଟିଏ ପାଶ୍ୱରେ ଝରଣାଟିଏ ପ୍ରବାହିତ ହେଉଅଛି ଯେଉଁଥିରେ ସେ ଜଣେ ଶ୍ୱେତ ରଙ୍ଗର ମହାତ୍ମାଙ୍କ ଫଟୋ ଦୃଶ୍ୟମାନ ହେଉଥିଲା, ଯେ ପଗଡ଼ି ପିନ୍ଧିଥିଲେ । ସେ କୁହନ୍ତି ସ୍ୱପ୍ନ ଦେଖିବାର କିଛି ଦିନପରେ ମୁଁ ନିଜର ଜଣେ (ଅହେମଦି) ବନ୍ଧୁଙ୍କ ନିକଟକୁ ଗଲି ତାଙ୍କ ଘରେ ସେହି ମହାତ୍ମାଙ୍କ ଫଟୋ ଟଙ୍ଗା ହୋଇଥିଲା, ସେ ନିଜ ବନ୍ଧୁଙ୍କୁ ଉକ୍ତ ମହାତ୍ମାଙ୍କ ସମ୍ବନ୍ଧରେ ପଚାରିବାରୁ ତାଙ୍କୁ କୁହାଗଲା କି ସେ ଇମାମ ମେହେଦି ଅଟନ୍ତି । ଅତଏବ ସେ ନିଜର ସ୍ୱପ୍ନ ଚର୍ଚ୍ଚା କରି ଅହେମଦିୟତ୍ ସଂକ୍ରାନ୍ତରେ ଅଧିକ ତଥ୍ୟ ଜାଣିବାକୁ ଇଚ୍ଛା ପ୍ରକାଶ କଲେ । ଏଥିରେ ଅହେମଦି ବନ୍ଧୁ ଜଣକ କହିଲେ ଆଜି ଆମର ମାସିକ ବୈଠକ ଅଛି ଆପଣ ମୋ ସହିତ ଚାଲନ୍ତୁ  ସେଠାରେ ଆପଣ ମୁବଲିଗ୍ ସାହେବଙ୍କୁ ସମସ୍ତ ପ୍ରକାରର ପ୍ରଶ୍ନ ପଚାରି ବୁଝିନେବେ । ଅତଃ ସେ ବୈଠକରେ ଯୋଗଦେଲେ ଏବଂ ବୈଠକ ଶେଷ ହେବାପରେ (ନିଜ) ଅହେମଦି ହେବାର ଘୋଷଣା କଲେ ।

ଏହିପରି ୟମନ୍‌ର ଜଣେ ମହିଳା ଶ୍ରୀମତି ଜମିଲା ସାହେବାଃ କୁହନ୍ତି କି ଜମାଅତ ଅହେମଦିୟା ସମ୍ବନ୍ଧରେ ଅବଗତ ହେବାର ବହୁ ପୂର୍ବରୁ ମୁଁ ସାଉଦି ଆରବରେ ରହୁଥିଲି ଯେଉଁଠାରେ ମୁଁ ସୁଫିଧର୍ମ ପ୍ରତି ଆକ୍ରର୍ଷିତ ହୋଇଗଲି ଏବଂ ହଜରତ ଅବଦୁଲ୍ କାଦିର୍ ଜିଲାନିଙ୍କ ଲେଖା ମୋତେ ବହୁତ ପସନ୍ଦ ଆସିଲା । ତାଙ୍କର କଥନ ମୁତାବକ ଅମଳ କରିବାରେ ମୋତେ କିଛି ମାତ୍ରାରେ ଶାନ୍ତି ମିଳିବା ସହିତ ଆଧ୍ୟାତ୍ମିକତାର ମଧ୍ୟ ଅନୁଭବ ହେଉଥିଲା । ସେହି ଏକାନ୍ତର ରାତ୍ରିରେ ଏକଦା ମୁଁ ସ୍ୱପ୍ନରେ ଦେଖିଲି ଏକ ଚନ୍ଦ୍ର ଆକାରର ବଡ଼ ନକ୍ଷେତ୍ର ଧରାପୃଷ୍ଠରେ ଅବତରଣ କରି ଚଳପ୍ରଚଳ କରୁଛି ଏବଂ ଛାତ ମଧ୍ୟ ଦେଇ ସେ ଆମ ଘରେ ମଧ୍ୟ ପ୍ରବେଶ କରୁଛି । ମୁଁ ଭୟ ଓ ଆଶ୍ଚର୍ଯ୍ୟାନ୍ୱିତ (ଅବସ୍ଥାରେ) ଥିଲି ଯେ, ସେହିକ୍ଷଣୀ ମୋ ଆଖି ଖୋଲିଗଲା । କିଛି ଦିନ ପରେ ମୁଁ ଆଉ ଏକ ସ୍ୱପ୍ନରେ ଆଉ ପାଂଚୋଟି ନକ୍ଷେତ୍ର ଦେଖିଲି ଯେ ଧାଡ଼ିବାନ୍ଧି ଧରାପୃଷ୍ଟରେ ଚଳପ୍ରଚଳ କରୁଥିଲେ କିନ୍ତୁ ମୁଁ ପ୍ରଥମେ ଦେଖିଥିବା ନକ୍ଷେତ୍ରଠାରୁ ସେଗୁଡ଼ିକ ଆକାରରେ ଛୋଟଥିଲେ । ପରେ ଯେତେବେଳେ M.T.A ମାଧ୍ୟମରେ ଜମାଅତ ସମ୍ବନ୍ଧରେ ଅବଗତ ହେଲି ସେତେବେଳେ ସେଥିସମ୍ବନ୍ଧରେ ଅଧିକ ଜାଣିବାକୁ ଆସକ୍ତ ହେଲି । M.T.A ଦେଖୁଥିବା ଅବସରରେ ମୋ ହୃଦୟରେ ଇମାମ ମେହେଦିଙ୍କ ପ୍ରତି ପ୍ରେମ ବଢିବାକୁ ଲାଗିଲା ଏବଂ ମୋର ବିଶ୍ୱାସ ସୁଦୃଢ ହୋଇଗଲା କି ଆପଣ ହିଁ ଯୁଗର ଇମାମ । ସେହି ସମୟରେ ମୁଁ ହିବାରୁଲ୍ ମୁବାଶିର୍‌ର କାର୍ଯ୍ୟକ୍ରମରେ ଶୁଣିଲି କି ହଜରତ ଇମାମ ମେହେଦିଙ୍କ ସମ୍ବନ୍ଧରେ ଅନୁସନ୍ଧାନ କରୁଥିବା ବ୍ୟକ୍ତିଙ୍କୁ ଇସ୍‌ତେଖାରା କରି ଅଲ୍ଲାଃଙ୍କ ନିକଟରେ ଦୁଆ କରିବା ଉଚିତ୍ । ଅତଏବ ଦର୍ଶାଯାଇଥିବା ସୂତ୍ର ମୁତାବକ ମୁଁ ଦୁଇ ରେକାତ ନମାଜ ପାଠ କଲି ଏବଂ ସୋଇବାକୁ ଚାଲିଗଲି । ସେହି ଦିନ ରାତିରେ ମୁଁ ଦେଖିଲି କି ମୁଁ ପବିତ୍ର ମକ୍କା ପୀଠରେ ଲୋକମାନଙ୍କ ସାଙ୍ଗରେ ଅଛି, ଲୋକେ ନିଜ ଗୋଡ଼ର ଟିପରେ ଛିଡ଼ା ହୋଇ ମୁଣ୍ଡ ଓଟାରି ଜଣେ ବ୍ୟକ୍ତିଙ୍କୁ ଦେଖିବାକୁ ଚେଷ୍ଟା କରୁଛନ୍ତି । ଏତିକି ବେଳେ କେହି ଜଣେ ଉଚ୍ଚ ଶ୍ୱରରେ କହୁଛନ୍ତି କି ହେ ଲୋକମାନେ ! ତୁମର ଇମାମ ଆସିଗଲେଣି, ଇମାମ ମେହେଦି ଆସିଗଲେଣି । ମୁଁ ମଧ୍ୟ ସେହି ଦିଗକୁ ଦେଖୁଅଛି ହଜରତ ଇମାମ ମେହେଦି ଏକ ଉଚ୍ଚ ସ୍ଥାନରେ ସମସ୍ତଙ୍କ ସମ୍ମୁଖରେ ପ୍ରକଟିତ ହେଉଛନ୍ତି । ତାଙ୍କ ଚେହେରା ପୂର୍ଣ୍ଣଚନ୍ଦ୍ର ପରି ଚମକୁଅଛି, ଚକ୍ଷୁରେ କ୍ଷୋଭ ପ୍ରକାଶ ପାଉଥିଲା । ଯେତେବେଳେ ମୁଁ ତୀକ୍ଷ୍ଣ ଦୃଷ୍ଟିରେ ତାଙ୍କ ପବିତ୍ର ଚେହେରାକୁ ଦେଖିଲି ସେତେବେଳେ ମୁଁ ଠିକ୍ ସେହି ଇମାମ ମେହେଦି ଓ ମସିହ ମଉଦଙ୍କୁ ଦେଖିଲି ଯାହାଙ୍କୁ କି ମୁଁ M.T.Aରେ ଦେଖିଥିଲି । ଏହା ଦେଖିବା ପରେ ମୋ ଆଖିରୁ ଅଶ୍ରୁ ନିର୍ଗତ ହୋଇଗଲା ଏବଂ ମୁଁ ଉଚ୍ଚ ଶ୍ୱରରେ କାନ୍ଦିବା ଆରମ୍ଭ କରିଦେଲି । ସ୍ୱପ୍ନ ଦେଖିବା ସମୟରେ ମୋର ପରିବାର ଲୋକେ ଜାଗିଥିଲେ । ସେମାନେ ମୋତେ ଜଗାଇ କହିଲେ ତୁମେ ଏଭଳି ଦରଦ୍‌ର ସହିତ କାହିଁକି କାନ୍ଦିଲ । ମୁଁ ଉଠିବା ବେଳକୁ ମୋର ଚକ୍ଷୁ ଲୁହରେ ଭରିରହିଛି । ସେ କୁହନ୍ତି ଏହି ସ୍ୱପ୍ନ ଦେଖିବା ପରେ ମୋର ବିଶ୍ୱାସ ମଜବୁତ ହୋଇଗଲା ଯେ, ଏହା ହିଁ ସତ୍ୟ କି ଏହି ବ୍ୟକ୍ତ ହିଁ ଯୁଗର ଇମାମ । ସୁତରାଂ ମୁଁ ଏହି ଇମାମଙ୍କର ବୟତ କରିବାର ନିଷ୍ପତି କରିନେଲି । ହଜୁର ଅନଓ୍ୱର ଅ.ବ କହିଲେ- ସମସ୍ତେ ଜାଣନ୍ତି ୟମନ୍‌ରେ ଆଜିକାଲି ଅବସ୍ଥା କିଭଳି ଶୋଚନିୟ ଏବଂ ପଡ଼ୋଶି ଦେଶ ସାଉଦି ଆରବ ତାଙ୍କ ନିକଟକୁ ଯାଉଥିବା ସାମୁଦ୍ରିକ ଓ ଆକାଶ ମାର୍ଗ ବନ୍ଦ କରିଦେଇଛି । କୌଣସି ପ୍ରକାରର ସାହାଯ୍ୟ ସହଯୋଗ ସେଠାରେ ପହଂଚିବାକୁ ଦିଆଯାଉ ନାହିଁ । ନିରିହ ପିଲା ଓ ବୃଦ୍ଧବନିତା ଚିକିତ୍ସା ଓ ଖାଦ୍ୟ ଅଭାବରୁ ମୃତ୍ୟୁ ବରଣ କରୁଛନ୍ତି । ମୁସଲମାନ ହିଁ ମୁସଲମାନର ହତ୍ୟା କରୁଅଛି ଏବଂ ଆଗମନକାରୀ (ଇମାମ)ଙ୍କୁ ଅସ୍ୱୀକାର କରିବାର କାରଣ ମଧ୍ୟ ଏହା ଅଟେ । ସେମାନଙ୍କ ପାଇଁ ମଧ୍ୟ ଦୁଆ କରିବେ କି ଅଲ୍ଲାଃତାଲା ସେମାନଙ୍କ ଅବସ୍ଥାରେ ବ୍ୟତିକ୍ରମ ଆଣନ୍ତୁ ଏବଂ ସେମାନେ ସ୍ୱାଧିନ ଓ ସ୍ୱାସ୍ଥ୍ୟକର ପରିବେଶରେ ଜୀବନ ଅତିବାହିତ କରନ୍ତୁ । ଅଲ୍ଲାଃ ସେମାନଙ୍କ ଉପରେ ଦୟା କରନ୍ତୁ ।

ହଜୁର ଅନଓ୍ୱର ଅ.ବ କହିଲେ- କେତେକ ପବିତ୍ର ହୃଦୟୀ ଅହେମଦିୟତ୍‌କୁ ସତ୍‌ମାର୍ଗ ଜାଣିବା ପରେ ମଧ୍ୟ କେତେକ କାରଣ ବଶତଃ ବୟତ କରିନଥାନ୍ତି । ଅଲ୍ଲାଃତାଲା କିଭଳି ସେମାନଙ୍କ ବୟତ କରିବା ପ୍ରତି ଧ୍ୟାନ ଆକର୍ଷିତ କରିଥାଏ । ଏଥିସମ୍ବନ୍ଧରେ ମାଲି (ଦେଶର) କାଇ ରିଜିୟନ୍‌ର ମୌଲିମ୍ ସାହେବ ଲେଖିଛନ୍ତି କି ଜଣେ ବନ୍ଧୁ ଅବଦୁଲ୍ ହଈ ଜାବି ସାହେବଙ୍କର ଜଣେ ନିକଟବର୍ତ୍ତୀ ବନ୍ଧୁଙ୍କର ରମଜାନ ମାସର ଅନ୍ତିମ ଅବଧିରେ ହଠାତ୍ ଦେହାନ୍ତ ହେଲା । ଏକଦା ସେ ସ୍ୱପ୍ନରେ ଦେଖିଲେ କି ସେ ଉକ୍ତ ମୃତ ବନ୍ଧୁଙ୍କ ସହିତ ବସରେ ଯାତ୍ରା କରୁଛନ୍ତି ଏବଂ ତାଙ୍କୁ କହୁଛନ୍ତି କି ତୁମେ ଯେଉଁ ଜମାଅତରେ ଅନ୍ତର୍ଭୁକ୍ତ ହେବାକୁ ଯାଉଛ ତାହା ସତ୍‌ପଥ ଅଟେ । ମୁଁ ମଧ୍ୟ ସେହି ଜମାଅତରେ ଅନ୍ତର୍ଭୁକ୍ତ ହେବାକୁ ଯାଉଛି । ଅବଦୁଲ୍ ହଈ ଜାବି ସାହେବ ନିୟମିତ ଭାବରେ ଆମର ରେଡ଼ିଓ ଶୁଣୁଥିଲେ ଏବଂ ଅନ୍ତରରୁ ଅହେମଦି ହୋଇସାରିଥିଲେ କିନ୍ତୁ ବୟତ କରିନଥିଲେ । ଏହି ସ୍ୱପ୍ନ ଦେଖିବା ପରେ ସେ ଫୋନ୍ କରି କହିଲେ ମୁଁ କାଈ ସହରରୁ ବହୁ ଦୂରରେ ରୁହେ, ରେଡ଼ିଓରେ ପ୍ରସାରିତ ଆପଣଙ୍କ ପ୍ରଚାର ସଂକ୍ରାନ୍ତ କାର୍ଯ୍ୟକ୍ରମ ଶୁଣେ ଓ ମୁଁ ଏପରି ସ୍ୱପ୍ନ ଦେଖିଛି । ସୁତରାଂ ମୋର ବୟତ ସ୍ୱୀକାର କରନ୍ତୁ ଆଜି ମୁଁ ଅହେମଦି ହେବାକୁ ଚାହେଁ ।

ପୁଣି ମିଶରର ଜଣେ ବନ୍ଧୁ ଶ୍ରୀମାନ ମେହେମୁଦ୍ ଗରିବ ସାହେବ କୁହନ୍ତି ମୁଁ ନଅ ବର୍ଷ ବୟସରେ ଏକ ପ୍ରଭାବଶାଳୀ ଶ୍ୱର ଶୁଣୁଥିଲି ଯାହାର ପ୍ରତିଧ୍ୱନି ମୋ କାନରେ (ସର୍ବଦା) ଗୁଞ୍ଜରିତ ହେଉଥାଏ । ମୁଁ ତାହା ବୁଝିପାରେ ନାହିଁ କିନ୍ତୁ ତାହା ଶୁଣି ଡ଼ରିଯାଏ । ୨୦୧୦ ମସିହାରେ ଯେତେବେଳେ M.T.A ଅଲ-ଆରବିଆ ସହ ପରିଚିତ ହେଲି ଏବଂ ସେଥିରେ ଶରିଫ ଓ୍ୱଦେ ସାହେବ ଓ ଅସଦ ମୁସା ଓ୍ୱଦେ ସାହେବଙ୍କ ଶ୍ୱରରେ ହଜରତ ମସିହ ମଉଦ ଆ.ସଙ୍କ କେତେକ ଇକ୍‌ତେବାସ ଶୁଣିବା ପରେ ସଙ୍ଗେସଙ୍ଗେ ବୁଝିଗଲି କି ଏହି ସେ ଶ୍ୱର ଥିଲା ଯାହାକି ମୁଁ ନଅ ବର୍ଷ ବୟସରେ ନିଜ ସ୍ୱପ୍ନରେ ଶୁଣୁଥିଲି । ତାପରେ ମୁଁ M.T.A ବିଶେଷ ଆଗ୍ରହର ସହିତ ଦେଖିବା ଆରମ୍ଭ କରିଦେଲି । ହଜରତ ମସିହ ମଉଦ ଆ.ସଙ୍କର କଲାମ (ଗଦ୍ୟ) ଓ କସିଦା (ପଦ୍ୟ) ମୋ ହୃଦୟରେ ଗଭୀର ପ୍ରଭାବ ପକାଇଲା । ମୁଁ ହଜରତ ମହମ୍ମଦ ସ.ଆଙ୍କର ପବିତ୍ର ଚେହେରାର କଳନା କଲେ ମୋ ସମ୍ମୁଖରେ ହଜରତ ମସିହ ମଉଦ ଆ.ସଙ୍କର ଚିତ୍ର ଝଲକି ଉଠେ । ଦିନେ ମୁଁ M.T.A ଦେଖୁଥିଲି ଯେଉଁଥିରେ ହଜରତ ମସିହ ମଉଦ ଆ.ସଙ୍କ ଫଟୋ ଆସୁଥାଏ । ମୁଁ ତାହାକୁ ଅନାଇ କହିଲି ମୁଁ ତୁମକୁ ଅଲ୍ଲାଃଙ୍କ ଶପଥ ଦେଇ କହୁଅଛି କି ତୁମେ ସ୍ୱୟଂ ମୋତେ ଉତର ଦିଅ କି କ'ଣ ସତରେ ତୁମେ ନିଜ ଘୋଷଣାରେ ସତ୍ୟବାଦୀ ? ସେ କୁହନ୍ତି ତାପରେ ମୁଁ କାମକୁ ଚାଲିଗଲି । ସନ୍ଧ୍ୟାରେ ମୁଁ ଘରକୁ ଫେରିବା ସଙ୍ଗେସଙ୍ଗେ M.T.A ଲଗାଇଲି ସେତେବେଳେ ହଜରତ ମସିହ ମଉଦ ଆ.ସଙ୍କର ଏହି ପକ୍ତିଂ ପଢାଯାଉଥିଲା କି **ୟା କୌମି ଇନ୍ନି ମିନଲ୍ଲାହି ଇନ୍ନି ମିନଲ୍ଲାହି ଇନ୍ନି ମିନଲ୍ଲାହି ଓ୍ୱ ଉଶ୍‌ହିଦୁ ରବ୍‌ବି ଅନ୍ନି ମିନଲ୍ଲାହି** ଅର୍ଥାତ ହେ ମୋର ସମ୍ପ୍ରଦାୟର ଲୋକମାନେ ମୁଁ ଅଲ୍ଲାଃଙ୍କ ତରଫରୁ ଆସିଛି ମୁଁ ଅଲ୍ଲାଃଙ୍କ ତରଫରୁ ଆସିଛି ମୁଁ ନିଜ ପାଳନକର୍ତ୍ତାଙ୍କୁ ସାକ୍ଷୀ ରଖି କହୁଅଛି କି ମୁଁ ଅଲ୍ଲାଃଙ୍କ ତରଫରୁ ଆସିଛି । ସେ କହୁନ୍ତି ଏହା ଶୁଣିବା ପରେ ମୁଁ ଆଣ୍ଠେଇ ପଡ଼ି ନିୟନ୍ତ୍ରଣାହରା ହୋଇ ଟିଭିରେ ହଜୁର ଆ.ସଙ୍କ ଫଟୋକୁ ଚୁମ୍ବନ ଦେବା ଆରମ୍ଭ କରିଦେଲି । ଏପରି ମୁହୂର୍ତକରେ ଅହେମଦିୟତ୍ ମୋର ସବୁକିଛି ପାଲଟିଗଲା ଏବଂ ତାପରେ ମୁଁ ବୟତ କରିନେଲି ।

ଅରଦନ୍‌ର ଜଣେ ବନ୍ଧୁ ଶ୍ରୀମାନ ଜମିଲ୍ ଜରାନ ସାହେବ କୁହନ୍ତି ଏକ ରାତ୍ରିରେ ମୁଁ ସ୍ୱପ୍ନ ଦେଖିଲି କି ମୁଁ ଏକ ସଳଖ ଓ ପକ୍କା ରାସ୍ତାରେ ଏକାକି ଛିଡ଼ା ହୋଇଛି ସେହିକ୍ଷଣୀ ଗୋଟିଏ ମଡ଼ନ ମରସିଟିଜ୍ କାର ଆସୁଛି । ସେହି ଗାଡ଼ିର ଡ୍ରାଇଭର ପାଖ ସିଟ୍‌ରେ ଜଣେ ବ୍ୟକ୍ତି ବସିଛନ୍ତି ଯେ ମୋତେ କାର ଚଲେଇବାକୁ ଆଦେଶ ଦେଉଛନ୍ତି । ମୁଁ ଡ୍ରାଇଭର ସିଟରେ ବସିଗଲି ସେତେବେଳେ ମୋ ହୃଦୟରେ ଭାବନା ଉଙ୍କିମାରିଲା କି ମୁଁ ଇମାମ ମେହେଦିଙ୍କ ସାଥିରେ ବସିଛି । ମୋତେ ଭୟ ଲାଗିଲା, ଗାଡ଼ି ଚାଲିଲା ତ ହଠାତ୍ ରାସ୍ତାରେ ଅନେକ କଳାବର୍ଣ୍ଣ ଲୋକ ଦେଖାଗଲେ ଯେ ରାସ୍ତାର ଉଭୟ ପାର୍ଶ୍ୱରେ ଧାଡ଼ି ବାନ୍ଧି ଛିଡ଼ାହୋଇଗଲେ ଏବଂ ସେମାନଙ୍କ ନିକଟରେ ସାମାନ୍ୟ ଧରଣର ଅସ୍ତ୍ର ମଧ୍ୟ ଥିଲା । ସେମାନେ ଆମ ଉପରକୁ ଫାଏରିଙ୍ଗ କଲେ କିନ୍ତୁ ଆମକୁ କୌଣସି ଗୋଳି ବାଜିଲା ନାହିଁ ଏବଂ ଆମେ ସୁରକ୍ଷିତ ଭାବରେ ନିଜ ଲକ୍ଷ ସ୍ଥଳରେ ପହଂଚିଗଲୁ । ସେ କୁହନ୍ତି ସ୍ୱପ୍ନରେ ହିଁ ମୁଁ ଗାଡ଼ି ଛିଡ଼ା କରୁଛି ଏବଂ ଇମାମ ମେହେଦି ଆ.ସ ମୋତେ କହୁଛନ୍ତି ବାହରକୁ ଆସି (ଗାଡ଼ି) ଡ଼ିକି ଖୋଲ । ମୁଁ ଡ଼ିକି ଖୋଲୁଛି ତ ସେଥିରେ ଏକ ସୁନ୍ଦର କାଠ ବାକ୍ସ ଦେଖିବାକୁ ପାଉଛି, ଯେଉଁଥିରେ ଏକ ପାଂଚ ବର୍ଷର ଅତି ସୁନ୍ଦର ଛୁଆ ରହିଛି ଯେ ମୋତେ ଦେଖୁଅଛି । ନିନ୍ଦ ଭାଙ୍ଗିବା ପରେ ମୁଁ ଏପରି ସ୍ୱପ୍ନରେ ପ୍ରଶନ୍ୱିତ ଥିଲି ଏବଂ ମନେମନେ କହିଲି କି

ନିଶ୍ଚିତ ଭାବରେ ଏହା ଅଲ୍ଲାଃଙ୍କ ତରଫରୁ କୌଣସି ସନ୍ଦେଶ ଅଟେ । ମୁଁ ତାହାର ତାତ୍ପର୍ଯ୍ୟ ଏହା ବୁଝିଲି କି ନୂତନ ଗାଡ଼ିର ଅର୍ଥ ଜୀବନର ଚଲାପଥ ଅଟେ ଏବଂ ଆମ ଉପରକୁ ଯେଉଁ କଳାବର୍ଣ୍ଣ ଲୋକେ ଫାଏରିଙ୍ଗ କରୁଥିଲେ ତାହାର ଅର୍ଥ ଏହି ନୂତନ ଯାତ୍ରା ସହ (ଶତ୍ରୁମାନେ) ଶତ୍ରୁତା ପ୍ରଦର୍ଶନ କରିବା ଅଟେ । ଯାହାଙ୍କର କୌଣସି ପ୍ରଭାବ (ଆମ) ଉପରେ ପଡ଼ିବ ନାହିଁ ଏବଂ ସୁନ୍ଦର ବାକ୍ସରେ ଗୁପ୍ତ (ଧନ) ସୁରକ୍ଷିତ ରଖାଯାଇଥାଏ । ପାଂଚ ବର୍ଷ ଛୁଆର ଅର୍ଥ କିଛି ସୁସମ୍ବାଦ ଅଟେ ଯାହାକି ପାଂଚ ବର୍ଷ ମଧ୍ୟରେ ପୂରଣ ହେବ । ସେ କୁହନ୍ତି ଆଶ୍ଚର୍ଯ୍ୟର କଥା ଏହି କି ଯେ, ଜମାଅତ ଅହେମଦିୟା ସହ ଅବଗତ ହେବା ପରେ ମୋ ଜୀବନର ନୂତନ ଯାତ୍ରା ଆରମ୍ଭ ହେଲା ଏବଂ ପଂଚମ ଖଲିଫାଙ୍କ ପବିତ୍ର ସମୟ କାଳରେ ମୋତେ ଜମାଅତରେ ଅନ୍ତର୍ଭୁକ୍ତ ହେବାର ସୌଭାଗ୍ୟ ପ୍ରାପ୍ତ ହେଲା । ସେ କୁହନ୍ତି ମୁଁ ନିଜ ଗ୍ରାମାରେ ଏକା ଅହେମଦି ଥିଲି, ଯେତେବେଳେ ମୁଁ ଇମାମ ମେହେଦିଙ୍କ ଆବିର୍ଭାବର ଘୋଷଣା କରିଛି ତତ୍‌କ୍ଷଣାତ ଆପଣା ପର ସମସ୍ତେ ମୋର ଶତ୍ରୁ ପାଲଟିଗଲେ । ମସଜିଦ୍‌ମାନଙ୍କରୁ ମୋ ସମ୍ବନ୍ଧରେ ଆମାନ୍ୟକାରୀର ଫତୱା ପ୍ରକାଶିତ ହେଲା, ତାପରେ ମୁଁ ଅଲ୍ଲାଃଙ୍କ ନିକଟରେ ଦୁଆ କଲି କି ଏହି ଯାତ୍ରା ସମ୍ପୂର୍ଣ୍ଣ କରିବା ନିମନ୍ତେ ମୋତେ ସାଥି ପ୍ରଦାନ କର । ସୁତରାଂ ଅଲ୍ଲାଃ ମୋତେ ଏପରି ପୁଣ୍ୟବନ୍ତ ଓ ଉତମ ଲୋକ ପ୍ରଦାନ କଲେ ଯାହାଙ୍କୁ ମୁଁ (ପୂର୍ବରୁ) ଜାଣିନଥିଲି ଏବଂ ସେହିମାନେ ହିଁ ମୋର ପ୍ରକୃତ ପ୍ରିୟଜନ ଓ ନିକଟବର୍ତୀ ସାବ୍ୟସ୍ତ ହେଲେ ।

ଆଉ ଜଣେ ବନ୍ଧୁ ଶ୍ରୀମାନ ମହମ୍ମଦ ଅବଦୁଲ୍ଲାଃ ସାହେବ ଶିରିୟା ନିବାସୀ ଯେ ଆଜିକାଲି କାନେଡ଼ାରେ ରହୁଛନ୍ତି, କୁହନ୍ତି ମୁଁ ଏକ ସେଲସ୍ ମ୍ୟାନର ଚାକିରି କରୁଥିଲି । ମୋ ଗ୍ରାହକମାନଙ୍କ ମଧ୍ୟରୁ ଜଣକ ପୁତ୍ର ସହ ମୋର ପରିଚୟ ହେଲା । ଉକ୍ତ ଯୁବକ ଜଣକ ଅହେମଦି ଥିଲେ ତାଙ୍କ ସହ ସମ୍ପର୍କ ଘନିଷ୍ଟ ହେବାରୁ ସେ ମୋତେ ଅହେମଦିୟତ୍ ସମ୍ବନ୍ଧରେ ଅବଗତ କଲେ । ସେ ମୋତେ **ଇସଲାମୀ ଓ୍ୱସୁଲ କି ଫଲାସଫି**ର ଆରବୀ ଅନୁବାଦ ପାଠ କରିବାକୁ ଦେଲେ । ମୁଁ ଉକ୍ତ ପୁସ୍ତକକୁ ପାଠ କରି ବହୁତ ପ୍ରଭାବିତ ହେଲି ଏବଂ ସେଥିରେ ଦର୍ଶାଯାଇଥିବା ପ୍ରମାଣ ମୋତେ ବହୁତ ପସନ୍ଦ ଆସିଲା । ତାପରେ ଦିର୍ଘ ଏକ ବର୍ଷ ପର୍ଯ୍ୟନ୍ତ ମୁଁ ଜମାଅତର ବିଭିନ୍ନ ପୁସ୍ତକ ଅଧ୍ୟୟନ କରୁଥାଏ ଏବଂ M.T.A ଅଲ୍-ଆରବିଆ ମଧ୍ୟ ଦେଖିବା ଆରମ୍ଭ କରିଦେଲି । ବର୍ଷେ ପର୍ଯ୍ୟନ୍ତ ପୁସ୍ତକ ଅଧ୍ୟୟନ, M.T.A ଦେଖିବା ଓ ଜମାଅତର ଅକାଇଦ୍ (ଆସ୍ଥା)ର ଅନ୍ୟ ଧର୍ମ ସହ ତୁଳନା କରିବା ପରେ ମୋ ହୃଦୟରେ ଜମାଅତରେ ଅନ୍ତର୍ଭୁକ୍ତ ହେବାର ଭାବନା ଜାଗ୍ରତ ହେଲା । ମୁଁ ଇସ୍‌ତେଖାରା କରିବା ଆରମ୍ଭ କରିଦେଲି କିଛି ଦିନପରେ ଗୋଟିଏ ରାତି ମୋ ପାଇଁ **ଲୈଲତୁଲ୍ କଦର୍** ପ୍ରମାଣିତ ହେଲା ଯେଉଁଥିରେ ମୁଁ ଏକ ମହାନ ସ୍ୱପ୍ନରେ ନିଜର ଜଣେ ଅତ୍ୟନ୍ତ ପୁଣ୍ୟବନ୍ତ ବନ୍ଧୁଙ୍କୁ ଦେଖିଲି ସେ ମୋତେ ଗୋଟିଏ ଫର୍ଦ (କାଗଜ) ଦେଇ କହିଲେ ଏହା ହଜରତ ମହମ୍ମଦ ସ.ଆଙ୍କ ତରଫରୁ ଅଟେ । ମୁଁ ଅତ୍ୟନ୍ତ ଆଗ୍ରହ ଓ ପ୍ରଶନ୍ନତାର ସହିତ ତାହାକୁ ଖୋଲିଲି ଯେଉଁଥିରେ ଲେଖିଥିଲା **ଅସ୍‌ସଲାମୋ ଅଲୈକୁମ୍ ଓ୍ୱ ରହମତୁଲ୍ଲାହି ବରକାତହୁ** ନିନ୍ଦ ଭାଙ୍ଗିବା ପରେ ମୁଁ ବହୁତ ପ୍ରଶିନ୍ନିତ ଥିଲି ଏବଂ ମୋ ତୁଣ୍ଡରେ ଏହି ପଙ୍‌କ୍ତି ଉଚ୍ଚାରିତ ଥିଲା **ଉଦ୍‌ଖୁଲୁହା ବିସଲାମିନ୍ ଆମିନିନ୍** ଅର୍ଥାତ ସେମାନଙ୍କ ମଧ୍ୟରେ ନିର୍ଭିକତାର ସହିତ ସାମିଲ ହୋଇଯାଅ । ସେ କୁହନ୍ତି ଜମାଅତରେ ସାମିଲ ହେବାର ଏହା ସ୍ୱଷ୍ଟ ବାର୍ତା ଥିଲା । ମୁଁ ନିଶ୍ଚିତ ଥିଲି କି ଏହା ମୋ ଇସ୍‌ତେଖାରା କରିବାର ଉତର ଅଟେ । ସୁତରାଂ ମୁଁ ବୟତ କରିନେଲି ।

ଆଉ ଜଣେ ଶିରିୟା ଦେଶର ମହିଳା କୁହନ୍ତି ଅହେମଦିୟତ୍‌କୁ ଜାଣିବା ପୂର୍ବରୁ ମୁଁ ଓ ମୋ ଭଉଣୀ ଏକ ଜମାଅତକୁ ସଚ୍ଚୋଟ ଜାଣି ସେଥିରେ ସାମିଲ୍ ହୋଇଥିଲୁ କିନ୍ତୁ ପରେ ଜାଣିବାକୁ ପାଇଲୁ କି ସେହି ଜାମଅତ ଶରିୟତ୍ ନାମରେ ନିଜର ଏକ ଶରିୟତ୍ ତିଆରୀ କରିବସିଛନ୍ତି । ତାପରେ ମୁଁ ଅଲ୍ଲାଃଙ୍କ ନିକଟରେ କାନ୍ଦି କାନ୍ଦି ଦୁଆ କଲି କି ହେ ଅଲ୍ଲାଃ ! ଆଜି ତୁମର ପ୍ରକୃତ ଧର୍ମ କେଉଁଠାରେ ରହିଛି ଏବଂ କେଉଁ ଜମାଅତକୁ ତୁମର ସମର୍ଥନ ହାସଲ ହୋଇଛି । ଏପରି ଅବସ୍ଥାରେ ମୁଁ ଦେଖିଲି କି ଜଣେ ବ୍ୟକ୍ତି ମୋ ସହିତ ଆସି ଛିଡ଼ା ହୋଇଗଲେ ଏବଂ ମୋତେ ଅନୁଭବ ହେଲା କି ସେ ମୋ ସହିତ ସହାନୁଭୂତି କରିବାକୁ ଆସିଛନ୍ତି । ମୁଁ ତାଙ୍କୁ ଦେଖି ମନରେ କହିଲି, ଏ କିଏ ? କିନ୍ତୁ ମୋତେ ତାହାର ଉତର ମିଳିଲା ନାହିଁ । ଦ୍ୱିତୀୟ ଦିନ ପୁନର୍ବାର ମୁଁ ବହୁତ କାନ୍ଦିଲି ଏପରିକି ମୋର କୋହ ଉଠିଗଲା ଏବଂ ମୁଁ ପୁଣି ସେହି ବ୍ୟକ୍ତିଙ୍କୁ (ସ୍ୱପ୍ନରେ) ନିଜ ସାଥିରେ ଦେଖିବାକୁ ପାଇଲି । ତୃତୀୟ ଥର ମଧ୍ୟ ସମାନ ସେହିପରି ଘଟିଲା ତ ମୁଁ ଉଚ୍ଚ ଶ୍ୱରରେ ଅଲ୍ଲାଃଙ୍କୁ ଅନୁରୋଧ କଲି ହେ ଅଲ୍ଲାଃ ! ମୋତେ କୁହ ଏହି ବ୍ୟକ୍ତି ଜଣକ କିଏ ଏବଂ ବାରମ୍ବାର ସେ ମୋତେ କାହିଁକି ଦେଖା ଦେଉଛନ୍ତି । ସେ କୁହନ୍ତି ତାହାର ଉତର ମୋତେ କିଛି ଦିନପରେ ମିଳିଲା । ମୁଁ ଗୋଟିଏ ଅଜବ ସ୍ୱପ୍ନ ଦେଖିଲି ଯାହା ମୋର କାୟା ପାଲଟିଦେଲା । ମୁଁ ଦେଖିଲି କି ମୁଁ ଗୋଟିଏ ବିସ୍ତିର୍ଣ୍ଣ ପଡ଼ିଆରେ ଅଛି । ଏତିକି ବେଳେ କିଛି ଲୋକ ଏକ କାର ଯୋଗେ ମୋ ନିକଟକୁ ଆସୁଛନ୍ତି ଯାହାର ଛାତରେ ସେଟେଲାଇଟ ଡ଼ିସ୍ ଲାଗିଛି । ତାଙ୍କ କାର ଆସି ମଝି ପଡ଼ିଆରେ ରହିଯାଉଛି ଏବଂ ସେଥିରୁ କିଛି ଲୋକ ସାମାନ କାଢ଼ି ପଡ଼ିଆରେ ରଖୁଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ ଆରବ (ଦେଶୀୟ) ପୋଷାକ ପରିଧାନ କରିଛନ୍ତି ଓ ତାଙ୍କର ଚେହେରା ଉଜ୍ୱଳ ଦେଖାଯାଉଛି । ହଠାତ୍ ସେ ମୋ ସମ୍ମୁଖରେ ଆସି ଛିଡ଼ା ହେଇ ମୋତେ କହୁଛନ୍ତି ଭଉଣୀ ତୁମେ ଏଠାରେ କ'ଣ କରୁଛ ? ମୁଁ ଉତର ଦେବା ପରିବର୍ତେ ତାଙ୍କୁ ପଚାରୁଛି କି ଆପଣମାନେ ଏଠାରେ କ'ଣ କରୁଛନ୍ତି । ସେ ଉତର ଦେଲେ ଆମେ ଏଠାରେ ନୂତନ ଟିଭି ଚ୍ୟାନେଲ୍ ଆରମ୍ଭ କରିବାକୁ ଯାଉଛୁ, କ'ଣ ତୁମେ ତାହା ଦେଖିବ । ମୁଁ କହୁଛି କାହିଁକି ନୁହେଁ ମୁଁ ନିଶ୍ଚୟ ଦେଖିବି । ତାପରେ ମୋର ଆଖି ଖୋଲିଯାଉଛି । ପରଦିନ ମୁଁ ଟିଭି ନେଇ ଆସିଲି ଓ କିଛି କ୍ଷଣରେ ସମସ୍ତ ସେଟିଙ୍ଗ୍ କରି ଗୋଟିଗୋଟି କରି ସମସ୍ତ ଚ୍ୟାଲେନ୍ ଦେଖିବା ପରେ ମୁଁ ଅନୁଭବ କଲି କି ସେଥି ମଧ୍ୟରୁ ଗୋଟିଏ ଚ୍ୟାନେଲ୍ ସମସ୍ତ (ଚ୍ୟାନେଲ)ଠାରୁ ଭିନ୍ନ ଅଟେ । ତେଣୁ ମୁଁ ଅନ୍ୟ ସମସ୍ତ ଚ୍ୟାନେଲ୍ ଛାଡ଼ି ସେହି ଚ୍ୟାନେଲଟି କିଛି ସମୟ ଦେଖିବାକୁ ଲାଗୁଛି, ତାହା M.T.A ଥିଲା । ସେତେବେଳେ ସେଥିରେ ଅଲ-ହିବାରୁଲ୍ ମୁବାଶିର୍ କାର୍ଯ୍ୟକ୍ରମ ପ୍ରସାରିତ ହେଉଥିଲା । ସେହି କାର୍ଯ୍ୟକ୍ରମ ଦେଖିବା ବେଳେ ବାରମ୍ବାର ମୁଁ କାର୍ଯ୍ୟକ୍ରମର ଉପସ୍ଥାପକଙ୍କୁ ଦେଖୁଥିଲି ଏବଂ ମୋତେ ମନେହେଉଥିଲା ଯେମିତି ମୁଁ ତାଙ୍କୁ କେଉଁଠି ଦେଖିଛି । ହଠାତ୍ ମୋର ମନେପଡ଼ିଲା କି ଏତ ସେହି ବ୍ୟକ୍ତି ଯାହାଙ୍କୁ ମୁଁ ସ୍ୱପ୍ନରେ ସାଟେଲାଇଟ୍ ଲଗାଉଥିବାର ଦେଖିଥିଲି । ନିତିଦିନପରି ଏକଦା ସେମାନଙ୍କର କାର୍ଯ୍ୟକ୍ରମ ଦେଖୁଥିଲି କି ସେଥିରେ ଇମାମ ମେହେଦି ଓ ମସିହ ମଉଦଙ୍କ ଶବ୍ଦ ଶୁଣି ସଙ୍ଗେସଙ୍ଗେ ସେଥିପ୍ରତି ଧ୍ୟାନ ଦେଲି ସେହି ସମୟରେ ଏକ ଛବି ଟିଭି ପରଦାରେ ଦେଖିବାକୁ ମିଳିଲା ତାହା ତଳେ ଇମାମ ମେହେଦି ଓ ମସିହ ମଉଦ ଲେଖାଥିଲା । ମୋର ଆଗ୍ରହ ଆହୁରି ବଢ଼ିଲା ଏତିକି ବେଳେ ଇମାମ ମେହେଦିଙ୍କ କଥନ ଉପସ୍ଥାପନ କରାଗଲା ଏବଂ ପ୍ରଥମ ଇକ୍‌ତେବାସ୍‌ର ପ୍ରଥମ ବାକ୍ୟ ମୋ କାୟା ପାଲଟିବା ପାଇଁ ଯଥେଷ୍ଟ ଥିଲା ଯାହାକି ଏପରିଥିଲା **ଓ୍ୱ ଓ୍ୱଲାହି ଇନ୍ନି ମିନଲ୍ଲାହି ଆଟୈତୁ ଓ୍ୱ ମଫ୍‌ତରୈତୁ ଓ୍ୱ କଦ୍‌ଖାବା ମନିଫ୍‌ତରା** ।

ଅର୍ଥାତ ମୁଁ ଅଲ୍ଲାଃଙ୍କ ଶପଥ କରିକହୁଛି ! ମୁଁ ଅଲ୍ଲାଃଙ୍କ ନିକଟରୁ ଆସିଛି, ନା ମୁଁ କୌଣସି ମିଥ୍ୟା (ବଚନ) କହିଛି । ନିଶ୍ଚିତ ଭାବରେ ମିଥ୍ୟାବାଦୀ ହିଁ କ୍ଷତିଗ୍ରସ୍ତ ହୋଇଥାନ୍ତି । ଏହି ଶବ୍ଦ ଶୁଣିବା ମାତ୍ରେ ମୁଁ ଅଣଆୟତ ହୋଇ କହିଉଠିଲି ଏହା କେଉଁ ସତ୍ୟବାଦୀର କଥନ, ନିଶ୍ଚିତ ଭାବରେ ସେ ନିଜ ଘୋଷଣାରେ ସତ୍ୟବାଦୀ ଅଟେ ଏବଂ ସେ ହିଁ ମସିହ ମଉଦ ଓ ଇମାମ ମେହେଦି ଅଟନ୍ତି । ଇକ୍‌ତେବାସ ମଧ୍ୟରେ ପୁନର୍ବାର ହଜୁର ଆ.ସଙ୍କର ଛବି (ଟିଭିରେ) ଦେଖାଗଲା ସେତେବେଳେ ମୁଁ ପାସାଣ ପରି ସ୍ତବ୍ଧ ରହିଗଲି କାରଣ ତାଙ୍କୁ ହିଁ ମୁଁ ସ୍ୱପ୍ନରେ ଦେଖିଥିଲି ଯେତେବେଳେ ମୁଁ କାନ୍ଦିକାନ୍ଦି ଦୁଆ କରି ଅଲ୍ଲାଃଙ୍କୁ କହିଥିଲି କି ହେ ଅଲ୍ଲାଃ ! ଆଜି ତୁମର ପ୍ରକୃତ ଧର୍ମ କେଉଁଠାରେ ଅଛି ଏବଂ ଆଜି କେଉଁ ଜମାଅତକୁ ତୁମର ସହାୟତା ଲାଭ ହେଉଅଛି । ସେତେବେଳେ ଏହି ବ୍ୟକ୍ତି ମୋ ସହ ସହାନୁଭୂତି ପ୍ରଦର୍ଶନ କରିବା ନିମନ୍ତେ ଆସିଥିଲେ ଏବଂ ତାଙ୍କୁ ଦେଖି ମୁଁ ମନେମନେ କହୁଥିଲି କି ଏ କିଏ ? ବର୍ତମାନ ଟିଭିରେ ସେହି ଫଟୋ ଦେଖି ମୋତେ ନିଜର ସ୍ୱପ୍ନ ଓ ତାହାର ତାତ୍ପର୍ଯ୍ୟ ବୁଝାପଡ଼ିଗଲା । ଅଲ୍ଲାଃତାଲା ସେତେବେଳେ ମୋତେ ଦର୍ଶାଇଥିଲେ କି ଏହି ବ୍ୟକ୍ତିର ଜମାଅତକୁ ମୋ ସାହାଯ୍ୟ ସହଯୋଗ ହାସଲ ଅଛି ଏବଂ ଏହା ଅଲ୍ଲାଃଙ୍କର ପ୍ରକୃତ ଧର୍ମର ପ୍ରତିନିଧି ଜମାଅତ ଅଟେ । ସେ କୁହନ୍ତି ମୁଁ କାନ୍ଦିକାନ୍ଦି ସେହି ଫଟୋକୁ ଦେଖି କହିଲି ଆଜି ତୁମେ ହିଁ ଇସଲାମର ପ୍ରତିରକ୍ଷା କରୁଅଛ । ତୁମେ ଈସାୟୀମାନଙ୍କ ଅପନିନ୍ଦାର ରଦ୍ଦ କରୁଅଛ । ତୁମେ ହିଁ ସତ୍ୟବାଦୀ ମସିହ ଓ ମେହେଦି ଅଟ । ମୁଁ ତୁମର ସାକ୍ଷୀ ଦେଉଅଛି ଏବଂ ତୁମର ବୟତ କରୁଅଛି । ଯେତେବେଳେ କି ମୋର ଏସଂକ୍ରାନ୍ତରେ ଜ୍ଞାନ ହିଁ ନଥିଲା କି ହଜରତ ମସିହ ମଉଦ ଆ.ସଙ୍କର ବୟତ କରିବା ଜରୁରୀ ଅଟେ । ମୁଁ ନିଜ ନିକଟବର୍ତୀ ଲୋକମାନଙ୍କୁ ଉକ୍ତ ଚ୍ୟାନେଲ ଓ ଜମାଅତ ସମ୍ବନ୍ଧରେ ଅବଗତ କଲି କିନ୍ତୁ ଅଧିକାଂଶ ଲୋକ ମୋ କଥାକୁ ସାମାନ୍ୟ ମନେକଲେ କିନ୍ତୁ ମୋ ଭଉଣୀ ଓ ଖାଲା କ୍ରମାଗତ ଭାବରେ M.T.A ଦେଖିବା ପରେ ବୟତ କରିବାର ନିଷ୍ପତି କଲେ ଏବଂ ପରବର୍ତୀ ସମୟରେ ମୋ ମା, ଭାଇ ଓ ଆଉ ଦୁଇ ଭଉଣୀ ବୟତ କରିନେଲେ ।

ଏତତ୍ ବ୍ୟତୀତ ହଜୁର ଅନଓ୍ୱର ଅ.ବ ଦିବ୍ୟସ୍ୱପ୍ନ ମାଧ୍ୟମରେ ଅହେମଦି ହୋଇଥିବା ଆଉ କେତେ ଜଣଙ୍କର ବିଶ୍ୱାସ ବର୍ଦ୍ଧକ ଘଟଣାବଳୀର ଚର୍ଚ୍ଚା କଲେ । ଶେଷରେ ହଜୁର ଅ.ବ କହିଲେ ଅନେକ ଘଟଣାବଳୀ ମଧ୍ୟରୁ ଏସବୁ କିଂଚିତ ମାତ୍ର (ଘଟଣା)ର ଚର୍ଚ୍ଚା ଥିଲା । ଅଲ୍ଲାଃତାଲା ଏହି ନୂତନ ଅହେମଦିମାନଙ୍କ ବିଶ୍ୱାସ ଓ ଆସ୍ଥାକୁ ଆହୁରି ଦୃଢ଼ତା ପ୍ରଦାନ କରନ୍ତୁ । ଏମାନେ ନିଷ୍ଠା ଓ ବିଶ୍ୱସ୍ତତାରେ ଆଗକୁ ବଢ଼ିଚାଲନ୍ତୁ ଏବଂ ଆମେ ଯେ କି ପୁରୁଣା ଅହେମଦି ଅଟୁ (ଅଲ୍ଲାଃତାଲା) ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ନିଷ୍ଠା ଓ ବିଶ୍ୱସ୍ତତାରେ ଆଗକୁ ବଢ଼ାଇଚାଲନ୍ତୁ ।

*ପୃଷ୍ଠା-୧୬ ର ଅବଶିଷ୍ଟାଂଶ.......*

ଶକ୍ତି ପ୍ରଦାନ କରନ୍ତୁ । ଏହାର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ''ଅଲ୍ଲାଃତାଲା ଫଜଲ୍ ଫର୍‌ମାଏ'' ଅର୍ଥାତ୍ ଅଲ୍ଲାଃତାଲା ଦୟା କରନ୍ତୁ ।

ଜଣେ ମହିଳା କହିଲେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ଅଭିଭାଷଣ ଗୁଡିକ ଆମକୁ ଏକ ନୂତନ ଆଲୋକ ପ୍ରଦାନ କରିଛି । ସମସ୍ତ ଭାଷଣ ଗୁଡିକ ବହୁତ ଉତମ ଥିଲା । ଆମେ ସେଥିରୁ ବହୁତ କିଛି ଶିଖିବାକୁ ପାଇଲୁ । ଏହା ଦ୍ୱାରା ଆମ ଜ୍ଞାନର ବହୁତ ବୃଦ୍ଧି ହେଲା ।

ଆଉ ଜଣେ ସଦସ୍ୟ କହିଲେ- ଜଲ୍‌ସାସାଲାନାରେ ବର୍ଷା ମଧ୍ୟ ହେଲା । ଏହାର କିଛି ବିଶେଷ କାରଣ ଥିବ । ଏହାର ଉତରରେ ହଜୁର୍ ଅ:ବ:ଅ କହିଲେ-ବର୍ଷା ତ ବରକତ୍ ଓ କରୁଣାର ପ୍ରତୀକ ଅଟେ । ବର୍ଷା ହେବା ସତ୍ୱେ ମଧ୍ୟ ଜଲ୍‌ସାର ସମସ୍ତ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହେଲା । ବର୍ଷାର କୌଣସି ବାଧକ ସାଜିଲା ନାହିଁ ।

ଆଉଜଣେ ସଦସ୍ୟ ଆରବ ଦେଶ ଗୁଡିକରେ ହେଉଥିବା ବର୍ତମାନର ପରିସ୍ଥିତି ଯେପରି ନିଜ ନିଜ ଭିତରେ ଲଢ଼େଇ ଓ ଧ୍ୱଂସ ବିଷୟରେ ପଚାରି ବୁଝିଲେ ଯେ ଏହି ଲଢ଼େଇ କିପରି ଶେଷ ହେବ ? ଏହାର ଉତର ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ପ୍ରକୃତ କଥା ହେଉଛି ଯେଉଁ ଅସ୍ତ୍ର ଶସ୍ତ୍ର ଗୁଡିକ ଏହି ଯୁଦ୍ଧରେ ବ୍ୟବହାର ହେଉଅଛି ଏ ସବୁକୁ ଦଜ୍ଜାଲି ଶକ୍ତି ବିକ୍ରି କରୁଛନ୍ତି । ସେମାନେ କେବଳ ଟଙ୍କା ଅର୍ଜନ କରିବାକୁ ଚାହାଁନ୍ତି । ଏହା କେଉଁଠି ବ୍ୟବହାର କରାଯାଉଛି ସେମାନଙ୍କର ଏଥିରେ କିଛି ମତ୍‌ଲବ୍ ନାହିଁ । ଏ ବିଷୟରେ ମୁସଲ୍‌ମାନଙ୍କୁ ବୁଝାନ୍ତୁ ଯେ ସେମାନେ ବୁଦ୍ଧିମତାର ସହିତ କାମ ନିଅନ୍ତୁ । ସେମାନେ ନିଜ ହାତରେ ନିଜକୁ ଧ୍ୱଂସ କରୁଛନ୍ତି । ଆଁ ହଜ୍‌ରତ୍ ସ:ଆ:ସ ଦଜ୍ଜାଲ୍‌ଠାରୁ ବଂଚିବା ପାଇଁ ଉପଦେଶ ଦେଇଥିଲେ । ତେଣୁ ଯଦି ସେମାନେ ଏ ଯୁଗର ଇମାନ୍ ମସିହ୍ ମଉଦ୍ ଆ:ସ ଙ୍କୁ ମାନିବେ ତେବେ ଯାଇ ଦଜ୍ଜାଲ୍‌ର ଫିତ୍‌ନାରୁ ବଂଚିପାରିବେ । ଏ ଯୁଗର ଇମାମ୍‌କୁ ନମାନିବା ଯୋଗୁ ସେମାନେ ଦଜ୍ଜାଲ୍‌ର କୂଅ ଭିତରକୁ ପଶିଯାଉଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ସଦର୍ ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା (କବାବୀର୍)ଙ୍କୁ ସମ୍ବୋଧନ କରି କହିଲେ-କବାବୀର୍ ର ଜଲ୍‌ସା ପ୍ରୋଗ୍ରାମ୍‌ରେ ଓ ଅନ୍ୟାନ୍ୟ କାମରେ ଯୁବକମାନେ ସଂପୃକ୍ତ ହେଉନାହାଁନ୍ତି । ଆପଣ ସଦର୍ ଖୁଦାମୁଲ୍ ଅହେମଦୀୟା ହୋଇଥିବାରୁ ଆପଣଙ୍କର ଏହା ଦାୟିତ୍ୱ ଯେ ଯୁବକମାନଙ୍କୁ ଜଲ୍‌ସା କାମରେ ନିୟୋଜିତ କରନ୍ତୁ । ଜଲ୍‌ସାର ଡ୍ୟୁଟିରେ ସେମାନଙ୍କୁ ସାମିଲ୍ କରାନ୍ତୁ । ଅମୀର୍ ସାହେବ୍ କବାବୀର୍‌ଙ୍କ ସହିତ ପରାମର୍ଶ କରନ୍ତୁ ଯେ ଆମେ ଯୁବଗୋଷ୍ଠୀଙ୍କୁ କିପରି ଜଲ୍‌ସାରେ ସାମିଲ୍ କରାଇପାରିବା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ନିଜ ଯୁବକମାନଙ୍କର ଏପରି ତର୍‌ବିୟତ୍ କରନ୍ତୁ ଯେ ସେମାନେ ଆସି ମସ୍‌ଜିଦ୍‌ରେ ନମାଜ ପଢ଼ନ୍ତୁ ଓ ନିୟମିତ ଭାବେ ଏମ୍.ଟି.ଏ ଦେଖନ୍ତୁ ଓ ସେଥିରେ ମୋର ଖୁତ୍‌ବାଜୁମା ଓ ଅଭିଭାଷଣ ଗୁଡିକୁ ଶୁଣନ୍ତୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ବହୁତ ସ୍ନେହର ସହିତ ଶିକ୍ଷା ଅର୍ଜନ କରୁଥିବା ପୁଅ ଝିଅମାନଙ୍କୁ କଲମ ଉପହାର ପ୍ରଦାନ କଲେ ଓ ଛୋଟ ଛୋଟ ପିଲାମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ ।

### ଗାମ୍ବିୟା ର କୃଷିମନ୍ତ୍ରୀଙ୍କ ସହିତ ସାକ୍ଷାତ୍‌କାର

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଦଫ୍‌ତର୍‌କୁ ଚାଲି ଆସିଲେ, ଯେଉଁଠାରେ ଗାମ୍ବିୟାରୁ ଆସିଥିବା ସେଠିକାର କୃଷିମନ୍ତ୍ରୀ ସମ୍ମାନୀୟ Omar A Jallow ସାହେବ୍ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ଅର୍ଜନ କଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ମନ୍ତ୍ରୀ ମହୋଦୟଙ୍କୁ ପଚାରିଲେ ଯେ- କଣ ଗାମ୍ବିୟାର କୃଷି ବିଭାଗ ଗାମ୍ବିୟା ଦେଶ ପାଇଁ ଆତ୍ମନିର୍ଭରଶୀଳ ? ଏଥିରେ ସେ କହିଲେ- ଆମେ ଏପର୍ଯ୍ୟନ୍ତ ଆତ୍ମନିର୍ଭରଶୀଳ ହୋଇନାହୁଁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଗାମ୍ବିୟା ନିଜର କ୍ଷେତ୍ରଫଳ ଓ ନାଗରିକମାନଙ୍କ ଦୃଷ୍ଟିକୋଣରୁ ଛୋଟ ଦେଶ ଅଟେ । ତେଣୁ କୃଷି କ୍ଷେତ୍ରରେ ଆତ୍ମ ନିର୍ଭରଶୀଳ ହୋଇପାରିବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଅମୀର୍ ସାହେବ୍ ଗାମ୍ବିୟା କୁ କହିଲେ:- ଆପଣ ଯୋଜନା କରନ୍ତୁ । ପାକିସ୍ତାନ୍‌ରୁ କୃଷି ବିଶେଷଜ୍ଞ ମାନଙ୍କୁ ସେଠାକୁ ପଠାଯାଇପାରିବ । କୃଷି କ୍ଷେତ୍ରରେ ମଧ୍ୟ ନୁଆ ନୁଆ ଟେକ୍‌ନୋଲୋଜି ବ୍ୟବହାର କରି ଲାଭ ପହଂଚାଯାଇପାରିବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:- ଆମେ ଗାମ୍ବିୟାରେ ଆପଣଙ୍କୁ ମଡେଲ୍ ଭିଲେଜ୍ ତିଆରି କରି ଦେଖାଇବୁ । ବରଂ ଗାମ୍ବିୟାର ଗୋଟିଏ ରିମୋର୍ଟ ଏରିଆରେ ଏହି ଭିଲେଜ୍ ମଧ୍ୟ ତିଆରି ଚାଲିଛି, ଯେଉଁଠି ସୂର୍ଯ୍ୟ ଆଲୋକରୁ ବିଜୁଳି ଶକ୍ତି ଉପଲବ୍ଧ କରାଯାଉଛି । ପ୍ରତ୍ୟେକ ଘରେ ପାଇପ୍ ଦ୍ୱାରା ପାଣିର ଯୋଗାଣ ମଧ୍ୟ କରାଯାଉଛି । ଏବଂ ସେଠାରେ ହେଡ୍ ଓ୍ୱାଟର୍ ଟ୍ୟାଙ୍କ୍, କୃଷି ପାଇଁ ସ୍ଥାନ, ଉତମ କୌଶଳ ଓ ଟେକ୍‌ନୋଲୋଜିର ବ୍ୟବହାର ନିମନ୍ତେ ଟ୍ରେନିଂ ଇତ୍ୟାଦି ପାଇଁ କମ୍ୟୁନିଟି ସେଂଟର୍ ପ୍ରତିଷ୍ଠା ହେବ । ପକା ସଡକ ଓ ସଡକରେ ଆଲୋକ ବ୍ୟବସ୍ଥା ମଧ୍ୟ କରାଯିବ । ଯଦି ମସ୍‌ଜିଦ୍ ନାହିଁ ତେବେ ମସ୍‌ଜିଦ୍‌ର ନିର୍ମାଣ ମଧ୍ୟ ସେହି ମଡେଲ୍ ଭିଲେଜ୍‌ରେ କରାଯିବ ।

ମନ୍ତ୍ରୀ ଜଣକ କହିଲେ:- ମୁଁ ଆପଣଙ୍କୁ ବହୁତ ସମ୍ମାନ ଦୃଷ୍ଟିରେ ଦେଖୁଅଛି । ଯମାତ୍ ଅହେମଦୀୟା ବିଭିନ୍ନ କ୍ଷେତ୍ରରେ ଗାମ୍ବିୟାର ଲୋକମାନଙ୍କ ସେବା କରୁଅଛି । ଆମେ ଏହାକୁ ବହୁତ ସମ୍ମାନ ଦେଉଛୁ । ସେଥିଯୋଗୁ ଆପଣଙ୍କୁ ମଧ୍ୟ ଧନ୍ୟବାଦ ଅର୍ପଣ କରୁଛୁ ।

ଜଲ୍‌ସା ସାଲାନା ବିଷୟରେ ମନ୍ତ୍ରୀ ମହୋଦୟ କହିଲେ ଯେ- ଜଲ୍‌ସାର ପ୍ରତ୍ୟେକ ବ୍ୟବସ୍ଥା ଓ ଡିସିପ୍ଲିନ୍ ବହୁତ ଉଚ୍ଚକୋଟୀର ଥିଲା । ତିରିଶି ହଜାର୍‌ରୁ ଅଧିକ ଲୋକେ ଏଠାରେ ବହୁତ ଧିରସ୍ଥିରତାର ସହିତ ବସି ଶୁଣୁଥିଲେ । କୌଣସି ପ୍ରକାର ଲଢ଼େଇ ଝଗଡ଼ା ହେଉନଥିଲା । ଏହାଦ୍ୱାରା ମୁଁ ବହୁତ ପ୍ରଭାବିତ ହେଉଛି । ମୁଁ ଏଠାରୁ ବହୁତ କିଛି ଶିଖିଲି । ଗାମ୍ବିୟାରେ ମଧ୍ୟ ଏପରି ହେବା ଉଚିତ୍ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:-ମୁଁ ଇନ୍‌ଶା ଅଲ୍ଲାଃ ଗାମ୍ବିୟା ଆସିବି ।

ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ-ହଜୁର୍‌ଙ୍କର ଉଦ୍‌ଘାଟନୀ ଅଭିଭାଷଣ ଅତ୍ୟନ୍ତ ପ୍ରଭାବଶାଳୀ ଓ ଆଧ୍ୟାତ୍ମିକ ଥିଲା । ଯମାତ୍ ଅହେମଦୀୟାର ଇମାମ୍ ମାନବ ଜାତି ନିମନ୍ତେ ପ୍ରକୃତ ଚମ୍ପିୟାନ୍ ଅଟନ୍ତି । ସେ ଜଲ୍‌ସାର ବ୍ୟବସ୍ଥା ଗୁଡିକରେ ପ୍ରଭାବିତ ହୋଇ କହିଲେ- ଏ ଯୁଗରେ ସର୍ବଦା ହସ ହସ ମୁଖରେ ଜଣେ ଆଉ ଜଣଙ୍କ ସହିତ ମିଶିବା ସମ୍ଭବ ନୁହେଁ । ଏଠାରେ ଯେପରି ଅତିଥିମାନଙ୍କର ଧ୍ୟାନ ରଖାଯାଉଛି ତାହା ବହୁତ ଜବର୍‌ଦସ୍ତ । ଖାଇବା ପିଇବାର ବ୍ୟବସ୍ଥା ବହୁତ ଉଚ୍ଚକୋଟୀର । ସେହିପରି ରହିବା ସ୍ଥାନ ଓ ଟ୍ରାନ୍‌ସପୋର୍ଟ ବ୍ୟବସ୍ଥା ମଧ୍ୟ ବହୁତ ଭଲ । ଏହି ଜଲ୍‌ସାରେ ଯୋଗଦେବା ପରେ ମୋର ଆନ୍ତରିକ ଇଚ୍ଛା ଏହା ଯେ ଆସନ୍ତା ଜଲ୍‌ସାରେ ମଧ୍ୟ ମୁଁ ସାମିଲ୍ ହେବି । ଓ ବାରମ୍ବାର ସାମିଲ୍ ହେବି । ଓ ମୋର ଏହା ମଧ୍ୟ ଆନ୍ତରିକ ଇଚ୍ଛା ଯେ ଯମାତ୍ ଅହେମଦୀୟାର ଇମାମ୍ ଗାମ୍ବିୟା ଆସନ୍ତୁ ଏବଂ ତାଙ୍କର ପବିତ୍ର ପାଦକୁ ଗାମ୍ବିୟାରେ ରଖନ୍ତୁ । ମୁଁ ଏଠାରୁ ଫେରିଯାଇ ଗାମ୍ବିୟାର ରାଷ୍ଟ୍ରପତିଙ୍କୁ ରିପୋର୍ଟ ଦେବି । ଏବଂ ଇନ୍‌ଶା ଅଲ୍ଲାଃ ଆମେ୍ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କୁ ନିମନ୍ତ୍ରଣ କରିବୁ । ଏବଂ ହଜୁର୍‌ଙ୍କୁ ଷ୍ଟେଟ୍ ଗେଷ୍ଟ୍ ଅର୍ଥାତ୍ ରାଷ୍ଟ୍ରୀୟ ଅତିଥି ରୂପେ ନିମନ୍ତ୍ରଣ କରାଯିବ । ଏବଂ ସମ୍ପୂର୍ଣ୍ଣ ରୂପେ ଷ୍ଟେଟ୍‌ର ପ୍ରୋଟୋକଲ୍ ସହିତ ହଜୁର୍ ଅ:ବ:ଅ ଗାମ୍ବିୟାରେ ଦୌରା କରିବେ ।

ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିବା ପରେ ସେ ବହୁତ ଖୁସି ହୋଇ କହିଲେ ଯେ- ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ମିଶିଲା ପରେ ଏକପ୍ରକାର ଆତ୍ମ ସନ୍ତୋଷ ମିଳିଲା । ହଜୁର୍‌ଙ୍କର ଜ୍ୟୋତିପୁର୍ଣ୍ଣ ଚେହେରା ହୃଦୟ ଓ ମନରେ ଏକପ୍ରକାର ପ୍ରଭାବ ପକାଉଥିଲା । ଯମାତ୍ ଅହେମଦୀୟାର ଇମାମ୍ ସାରା ଦୁନିଆର ଖଲିଫା ହେବା ସତ୍ୱେ ମଧ୍ୟ କେତେ ବିନମ୍ର ବ୍ୟକ୍ତି ଅଟନ୍ତି । ଏବଂ ଏହା ଅନୁଭବ ହେଉନାହିଁ ଯେ ଏପରି ପ୍ରେମପୁର୍ଣ୍ଣ ଓ ବିନମ୍ର ବ୍ୟକ୍ତି ସାରା ଦୁନିଆର ମୁନୀବ ଅଟନ୍ତି ବୋଲି ।

ମନ୍ତ୍ରୀ ମହୋଦୟଙ୍କର ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ଏହି ସାକ୍ଷାତ୍‌କାର୍ ୧୨:୧୦ ପର୍ଯ୍ୟନ୍ତ ଜାରି ରହିଲା । ସାକ୍ଷାତ୍‌କାର୍ ଶେଷରେ ସେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟପ୍ରାପ୍ତ କଲେ ।

### ହେଇଟି ରୁ ଆସିଥିବା ପ୍ରତିନିଧି ମଣ୍ଡଳଙ୍କ ସହିତ ସାକ୍ଷାତ୍‌କାର୍

ଏହାପରେ ୧୨:୧୫ ରେ ହେଇଟି ଦେଶରୁ ଆସିଥିବା ପ୍ରତିନିଧି ମଣ୍ଡଳ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ।

ହେଇଟି ଦେଶରୁ ଆସିଥିବା ଅତିଥିମାନଙ୍କ ମଧ୍ୟରୁ ହେଇଟି ଦେଶର ରାଷ୍ଟ୍ରପତିଙ୍କ ପ୍ରତିନିଧି Mr. Joseph Pierre Richard Buplan ସାହେବ ଥିଲେ । ଏବଂ ଦ୍ୱିତୀୟ ଅତିଥି Mr. Evens Soussrant ସାହେବ୍ ଥିଲେ, ଯିଏ ହେଇଟି ଦେଶର ଧାର୍ମିକ ମନ୍ତ୍ରୀ ମଣ୍ଡଳର ମୁଖ୍ୟ ଅଟନ୍ତି ।

ଦୁଇଜଣଯାକ ଅତିଥି ଏକ ସଙ୍ଗେ ଏ କଥାକୁ ପ୍ରକାଶ କଲେ ଯେ ଏହି ଜଲ୍‌ସା ସାଲାନାର ପ୍ରତ୍ୟେକ ବ୍ୟବସ୍ଥା ଅବିଶ୍ୱସନୀୟ ଥିଲା । ପ୍ରତ୍ୟେକ କର୍ମୀଙ୍କ ଭିତରେ ଆମେ ବିନମ୍ରତା ଦୃଷ୍ଟିଗୋଚର ହେଉଥିଲା । ବହୁତ ଉଚ୍ଚ କୋଟୀର ଡିସିପ୍ଲିନ୍ ଥିଲା ଓ ଭାଇଚାରା ପରିବେଶ ଥିଲା । ଗୋଟିଏ ସ୍ଥାନରେ ଏତେ ସଂଖ୍ୟକ ଲୋକ ଜମା ହୋଇଥିଲେ, କିନ୍ତୁ କୌଣସି ପ୍ରକାର ଅସୁବିଧା ଦେଖାଯାଉନଥିଲା । ଖାଦ୍ୟପେୟର ବ୍ୟବସ୍ଥା ମଧ୍ୟ ବହୁତ ଭଲ ଥିଲା । ଲୋକମାନେ ଜଣେ ଆଉ ଜଣକୁ ଅଗ୍ରାଧିକାର ଦେଉଥିଲେ । ଆମର ଏହି ଗସ୍ତରେ ଆମେ ଅହେମଦୀୟତ୍‌ର ବାସ୍ତବିକ ଛବି ଦେଖିପାରିଲୁ । ମୁଁ ଯମାତ୍ ଅହେମଦୀୟାର ପ୍ରଶଂସା କରି ସହୃଦୟତାର ସହିତ କହୁଛି ଯେ ଏହା ହେଉଛି ସେହି ଯମାତ୍ ଯିଏ ଅନ୍ୟ ଧର୍ମମାନଙ୍କ ସହିତ ମିଶି କାମ କରିପାରିବ ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏ ଜଲ୍‌ସାରେ ସାମିଲ୍ ହୋଇଥିବା ଯୋଗୁ ଆପଣଙ୍କୁ ବହୁତ ବହୁତ ଧନ୍ୟବାଦ । ଏହାର ଉତରରେ ଅତିଥିମାନେ କହିଲେ ଆମେ ମଧ୍ୟ ହଜୁର୍ ଅନୁଓ୍ୱର୍‌ଙ୍କୁ ଧନ୍ୟବାଦ ଅର୍ପଣ କରୁଛୁ ଯେ ଆପଣ ଆମକୁ ନିମନ୍ତ୍ରଣ ଦେଲେ ଏବଂ ଆମ ମାନଙ୍କର ବହୁତ ଧ୍ୟାନ ରଖିଲେ ଓ ସମ୍ମାନିତ ମଧ୍ୟ କଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ହେଇଟି ଦେଶରେ ଏ ପର୍ଯ୍ୟନ୍ତ ଯମାତ୍ ରେଜିଷ୍ଟର୍‌ଡ୍ ହୋଇନାହିଁ । ବର୍ତମାନ ଆପଣମାନେ ଏହାର ଅନୁଧ୍ୟାନ କରୁଛନ୍ତି । ଆପଣମାନେ ଜଲ୍‌ସାରେ ଦେଖିସାରିଛନ୍ତି ଯେ ତିରିଶି ହଜାର୍‌ରୁ ଅଧିକା ଲୋକ ଥିଲେ । ଏବଂ ଜଣେ ଅନ୍ୟଜଣଙ୍କ

ସହିତ ହସି ହସି ମିଶୁଥିଲା । ନିଜ ନିଜ ଭିତରେ ସ୍ନେହ ଓ ପ୍ରେମର ବାତାବରଣ ଥିଲା । କୌଣସି ପ୍ରକାର ଲଢ଼ାଇ ଝଗଡ଼ା ନଥିଲା । ଏକୀକରଣର ଦୃଷ୍ଟାନ୍ତ ଆପଣ ଦେଖିସାରିଛନ୍ତି । ଏହା ହିଁ ଇସ୍‌ଲାମ୍‌ର ସଚ୍ଚା ଏବଂ ବାସ୍ତବିକ ଶିକ୍ଷା ଅଟେ ଓ ପ୍ରେମ, ସ୍ନେହ, ଭାଇଚାରା, ଶାନ୍ତି ଇତ୍ୟାଦି ଦେଖିବାକୁ ମିଳେ ।

ହେଇଟି ଦେଶର ରାଷ୍ଟ୍ରପତିଙ୍କ ପ୍ରତିନିଧି Mr. Joseph Pierre Richard Buplan ସାହେବ୍ ନିଜର ଭାବନାକୁ ବ୍ୟକ୍ତ କରି କହିଲେ-ଜଲ୍‌ସାରେ ସାମିଲ୍ ହେବା ପୂର୍ବରୁ ମୋ ମନରେ କେତେକ ଶଙ୍କା ଥିଲା ଯେ ଜଣାନାହିଁ ଏମାନେ କେଉଁ ପ୍ରକାରର ମୁସଲ୍‌ମାନ ଅଟନ୍ତି ଏବଂ ସେଠାକୁ ଯିବା ପରେ ମୋର ଅବସ୍ଥା କଣ ହେବ? କିନ୍ତୁ ଜଲ୍‌ସାରେ ସାମିଲ୍ ହେବା ପରେ ମୋ ମନରେ ଥିବା ପ୍ରତ୍ୟେକ ପ୍ରକାର ଶଙ୍କା ଦୂର ହୋଇଗଲା । ପ୍ରତ୍ୟେକ ବ୍ୟକ୍ତି ସାଧାସିଧା ଓ ବିନମ୍ରତା ଆଚରଣ କରୁଥିଲେ । ସବୁଆଡେ ଭାଇଚାରାର ପରିବେଶ ଥିଲା । ଯମାତ୍ ଅହେମଦୀୟାର ଇମାମ୍‌ଙ୍କ ସହିତ ଯେତେବେଳେ ସାକ୍ଷାତ୍‌କାର୍ ହେଲା, ସେତେବେଳେ ଏହା ଜଣାପଡ଼ିଲା ଯେ ଇମାମ୍‌ଙ୍କ ନିକଟରେ କେବଳ ଆଧ୍ୟାତ୍ମିକ ଜ୍ୟୋତି ଭରି ରହିନାହିଁ ବରଂ ସଂସାରର ସବୁ ପ୍ରକାରର ଜ୍ଞାନ ମଧ୍ୟ ଭରି ରହିଛି । ସାକ୍ଷାତ୍‌କାର ସମୟରେ ମୋତେ ଏହା ଅନୁଭବ ହେଉଥିଲା ଯେ ଯେପରି ମୋର ଓ ତାଙ୍କ ଭିତରେ ଏକ ବିଶେଷ ସମ୍ପର୍କ ରହିଛି । ନିଶ୍ଚିତ ରୂପେ ସେ ଏହି ମହାନ୍ ଆଧ୍ୟାତ୍ମିକ କାର୍ଯ୍ୟ ନିମନ୍ତେ ଖୁଦାଙ୍କ ତରଫରୁ ବିଶେଷ ରୂପେ ପ୍ରସ୍ତୁତ ହୋଇ ଆସିଛନ୍ତି । ତାଙ୍କର କଥା ଗୁଡିକ ମନମୋହି ନେଉଛି ଏବଂ ସେଥିରେ ଅସାଧାରଣ ବୁଦ୍ଧିମତା ଭରି ରହିଛି । ତାଙ୍କ ମୁହଁରେ ଫୁଟୁଥିବା ହସ ଦ୍ୱାରା ପ୍ରତ୍ୟେକ ବ୍ୟକ୍ତି ତାଙ୍କ ଆଡକୁ ଟାଣି ହୋଇଯାଉଛି । ମୁଁ କୌଣସି ଧାର୍ମିକ ବ୍ୟକ୍ତି ନୁହେଁ, କିନ୍ତୁ ଏହି ଜଲ୍‌ସାରେ ସାମିଲ୍ ହୋଇ ଯମାତ୍ ଅହେମଦୀୟାର ଇମାମ୍‌ଙ୍କ ସହିତ ମିଶିବା ପରେ ମୋ ମନ ଏହା କହୁଛି ଯେ ଯଦି ଦୁନିଆରେ କୌଣସି ସଚ୍ଚା ଧର୍ମ ଅଛି ତେବେ ତାହା ହେଉଛି ଇସ୍‌ଲାମେ ଅହେମଦୀୟତ୍ ।

ହେଇଟି ଦେଶରୁ ଆସିଥିବା ପ୍ରତିନିଧିଙ୍କ ସହିତ ଏହି ସାକ୍ଷାତ୍‌କାର ୧୨:୨୫ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ସେମାନେ ହଜୁରଙ୍କ ସହିତ ଫଟୋ ଉଠାଇଲେ । ଏହାପରେ ପ୍ରୋଗ୍ରାମ୍ ମୁତାବକ ଫିଲିପାଇନ୍ ଦେଶରୁ ଆସିଥିବା ପ୍ରତିନିଧିମାନେ ହଜୁରଙ୍କ ସହିତ ସାକ୍ଷାତ୍‌କାର୍ କଲେ ।

**ଫିଲିପାଇନ୍‌ରୁ ଆସିଥିବା ପ୍ରତିନିଧିଙ୍କ ସହିତ ସାକ୍ଷାତ୍‌କାର୍**

ଫିଲିପାଇନ୍‌ରୁ ପାଂଚଜଣ ବିଶିଷ୍ଟ ସଦସ୍ୟ ପ୍ରତିନିଧି ମଣ୍ଡଳ ଜଲ୍‌ସା ସାଲାନା ୟୁ.କେ ରେ ସାମିଲ୍ ହୋଇଥିଲେ । ସେମାନଙ୍କ ଭିତରୁ ଜଣେ କଂଗ୍ରେସ୍ ମ୍ୟାନ୍ ସାଲ୍‌ଭାଦୋର୍ ବେଲାରୋ ସାହେବ୍ ଏବଂ ତାଙ୍କ ସ୍ତ୍ରୀ ଓ ଜଣେ ରିପୋର୍ଟର ଏଲିନା ଆବେନ୍ ସାହିବା ଯିଏ ମନିଲା ବୁଲେଟିନ୍‌ର ବରିଷ୍ଠ ସମ୍ବାଦଦାତା ଅଟନ୍ତି, ମଧ୍ୟ ସାମିଲ୍ ଥିଲେ ।

ଜର୍ନାଲିଷ୍ଟ୍ ଜଣକ ପ୍ରଶ୍ନର ଉତରରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ଆଁ ହଜ୍‌ରତ୍ ସ:ଆ:ସ ମକ୍କାରେ ତେରବର୍ଷ ପର୍ଯ୍ୟନ୍ତ ଅତ୍ୟାଚାର ସହିଲେ । କିନ୍ତୁ କୌଣସି ଅତ୍ୟାଚାର ବା ଆକ୍ରମଣର ଉତର ଦେଲେନାହିଁ । ତେରବର୍ଷ ଅତ୍ୟାଚାର ସହିବା ପରେ ସେମାନେ ମଦିନା ହିଜ୍‌ରତ୍ କରିଗଲେ । କୁଫାରେ ମକ୍କା (ମକ୍କାର ଅମାନ୍ୟକାରୀ ଦଳ) ସେମାନଙ୍କର ପାଖେ ପାଖେ ମଦିନାରେ ପହଂଚି ମୁସଲ୍‌ମାନଙ୍କ ଉପରେ ଆକ୍ରମଣ କଲେ । ଯଦ୍ୱାରା ଇସ୍‌ଲାମ୍ ଧର୍ମ ଓ ଏହାର ଅନୁଗାମୀମାନଙ୍କୁ ନିଃଶେଷ କରିଦେଲେ । ସେତେବେଳେ ଖୁଦାତାଲା ଏ ନିର୍ଦ୍ଦେଶ ଦେଲେ ଯେ ଏବେ ତୁମେ ଏହି ଆକ୍ରମଣର ଉତର ଦିଅ, ନିଜର ପ୍ରତିରକ୍ଷା କର । ଯଦି ସେମାନଙ୍କ ଆକ୍ରମଣର ଉତର ଦିଆନଯାଏ ତେବେ ସମସ୍ତ ଉପାସନା ପୀଠକୁ ସେମାନେ ଭାଙ୍ଗିଦେବେ । ସେହିପରି ଗିର୍ଜା, ୟହୁଦୀମାନଙ୍କର ଉପାସନା ସ୍ଥଳୀ ଓ ମସ୍‌ଜିଦ୍ ଇତ୍ୟାଦିକୁ ନଷ୍ଟ କରିଦେବେ । ସୁତରାଂ ସେଥିପାଇଁ ଖୁଦାତାଲା ମୁସଲ୍‌ମାନ୍‌ମାନଙ୍କୁ ନିଜର ପ୍ରତିରକ୍ଷା କରିବା ନିମନ୍ତେ ଅନୁମତି ଦେଲେ, ଯାହାଦ୍ୱାରା ପ୍ରତ୍ୟେକ ଧର୍ମର ଉପାସନା ପୀଠ ସୁରକ୍ଷିତ ରହିପାରିବ । ପୁଣି ନିଜର ପ୍ରତିରକ୍ଷା କରିବା ନିମନ୍ତେ ମୁସଲ୍‌ମାନ୍‌ମାନଙ୍କୁ ନିର୍ଦ୍ଦେଶ ଦେଇ କହିଲେ ଯେ ମହିଳା ଓ ପିଲାମାନଙ୍କୁ ମାରିବ ନାହିଁ, ବୃଦ୍ଧ ବ୍ୟକ୍ତିଙ୍କୁ ମାରିବ ନାହିଁ, କୌଣସି ଧାର୍ମିକ ବ୍ୟକ୍ତିଙ୍କୁ ହତ୍ୟା କରିବ ନାହିଁ, ଗଛପତ୍ର ହାଣିବ ନାହିଁ, ଶାନ୍ତି ସ୍ଥାପନ କରିବ ଏବଂ କାହାର ପ୍ରତିଶୋଧ ନେବନାହିଁ ।

ପୁଣି ହଜୁର୍ କହିଲେ- ଆଜିକାଲି ଛୋଟ ଦେଶ ହେଉ ବା ବଡ଼ ଦେଶ ହେଉ ଇସ୍‌ଲାମ୍ ବିରୁଦ୍ଧରେ କେହି ଆକ୍ରମଣ କରୁନାହାଁନ୍ତି, ଯେଉଁ ଯୁଦ୍ଧ ହେଉଅଛି ତାହା ରାଜନିତୀକ ଯୁଦ୍ଧ ଅଟେ । ତେଣୁ ବର୍ତମାନ ଯୁଦ୍ଧକୁ ଆମେ ଜିହାଦ କହିପାରିବା ନାହିଁ

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଥିଲେ ଯେ- ମୁଁ ଦୁଇଟି କାମ ପାଇଁ ଆସିଛି । ପ୍ରଥମତଃ ଲୋକମାନେ ନିଜର ସ୍ରଷ୍ଟାଙ୍କୁ ଚିହ୍ନନ୍ତୁ ଓ ଖୁଦାତାଲାଙ୍କର ଅଧିକାରକୁ ପ୍ରଦାନ କରନ୍ତୁ । ଦ୍ୱିତୀୟତ ଲୋକମାନେ ଜଣେ ଅନ୍ୟ ଜଣଙ୍କର ଅଧିକାରକୁ ପ୍ରଦାନ କରନ୍ତୁ । ଯାହାଦ୍ୱାରା ସଂସାରରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଆଜିକାଲି ଇସ୍‌ଲାମ୍ ଉପରେ ଯେଉଁ ଆକ୍ରମଣ ହେଉଅଛି ତାହା ଲିଟ୍ରେଚର୍ ଏବଂ ମିଡ଼ିଆ ମାଧ୍ୟମରେ ହେଉଛି । ତେଣୁ ଏହାର ଉତରରେ ମଧ୍ୟ ସେହି ଅସ୍ତ୍ରକୁ ବ୍ୟବହାର କରିବା ଉଚିତ୍ । ତେଣୁ ଯମାତ୍ ଅହେମଦୀୟା ପବିତ୍ର କୋରାନ୍‌ର ଅନୁବାଦ ଓ ଲିଟ୍ରେଚର୍ ଗୁଡିକୁ ବହୁଳ ଭାବରେ ପ୍ରକାଶ କରି ଏବଂ ମିଡ଼ିଆର ବ୍ୟବହାର କରି ଇସ୍‌ଲାମ୍ ଉପରେ ହେଉଥିବା ଆକ୍ରମଣର ଉତର ଦେଉଅଛି ।

କଂଗ୍ରେସ୍ ମ୍ୟାନ୍ ସାନଭାଗୋରା ବେଲାରୋ ଯିଏ ସେଠାରେ Assistant Majority Floor Leader ରୂପେ କଂଗ୍ରେସ୍‌ରେ ଉଚ୍ଚ ସ୍ଥାନ ଗ୍ରହଣ କରିଛନ୍ତି, ସେ ଜଲ୍‌ସା ବାବଦରେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ-ଏହା ମୋ ପାଇଁ ଆଖି ଖୋଲିଦେବାର ଏକ ଅନୁଭବ ଥିଲା, ଯେଉଁଠାରୁ ମୋତେ ବହୁତ କିଛି ଶିଖିବାକୁ ମିଳିଲା । ମୋ ପାଇଁ ଏହା ସବୁଠାରୁ ଅଧିକ ଖୁସିର ବିଷୟ ଥିଲା ଯେ ଯମାତ୍‌ର ଲୋକମାନେ ଆପୋଷରେ ବହୁତ ପ୍ରେମର ସହିତ ମିଳାମିଶା କରୁଥିଲେ ଏବଂ ଜଣେ ଅନ୍ୟଜଣକୁ ସାହାଯ୍ୟ କରିବା ପାଇଁ ସର୍ବଦା ତତ୍ପର ହେଉଥିଲା । ଏହି ଅନୁଭବ ଇସ୍‌ଲାମ୍ ବିଷୟରେ ମୋର ଜ୍ଞାନକୁ ଆହୁରି ଅଧିକା କରିଦେଲା ଏବଂ ମୋତେ ଇସ୍‌ଲାମ୍‌ର ଗୋଟିଏ ଏପରି ସୁନ୍ଦର ଶିକ୍ଷା ସହିତ ପରିଚିତ କରାଇଦେଲା ଯାହା ମୁଁ ପ୍ରଥମେ ଜାଣିନଥିଲି । ମୁଁ ଏହି ଜଲ୍‌ସାରେ ଆସି ଜାଣିପାରିଲି ଯେ ଇସ୍‌ଲାମ୍ ବିଷୟରେ ମିଡ଼ିଆ ଯେଉଁ କଥା କହୁଅଛି ବା ସାଧାରଣତଃ ମିଡ଼ିଆରେ କୁହାଯାଇଥାଏ ତାର ସମ୍ପର୍କ ଇସ୍‌ଲାମ୍ ସହିତ ନାହିଁ ।

ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍ କରିବା ପରେ କହିଲେ- ଯମାତ୍ ଅହେମଦୀୟାର ଇମାମ୍ ହେଉଛନ୍ତି ଜଣେ ଅତ୍ୟନ୍ତ ଆକର୍ଷଣୀୟ ବ୍ୟକ୍ତିତ୍ୱର ମାଲିକ ଏବଂ ବାସ୍ତବିକ ଲିଡର୍ ଅଟନ୍ତି । ସେ ଜଣେ True statesman and Charis Matic Leader ଅଟନ୍ତି, ଯିଏ ଗୋଟିଏ ବଡ଼ ଅନୁଷ୍ଠାନର ମାର୍ଗ ଦର୍ଶନ କରିବା ପାଇଁ ଶକ୍ତି ରଖିଛନ୍ତି । ଆପଣ ହେଉଛନ୍ତି ଜଣେ ଏପରି ମାର୍ଗଦର୍ଶକ ଯିଏ ନିଜର ଯମାତ୍ ସହିତ ଅତ୍ୟନ୍ତ ପ୍ରେମ କରିଛନ୍ତି ଏବଂ ସେମାନଙ୍କର ଯଥା ସମ୍ଭବ ଧ୍ୟାନ ରଖୁଛନ୍ତି । ସେ ଦୁନିଆର ପ୍ରତ୍ୟେକ ବିଷୟରେ ବହୁତ ଜ୍ଞାନ ରଖିଛନ୍ତି । ତାର ପ୍ରମାଣ ହେଉଛି ଯେ ସେ ମିଟିଂ ସମୟରେ ହେଉଥିବା ପ୍ରତ୍ୟେକ ପ୍ରଶ୍ନର ଯଥାଚିତ ଉତର ଦେଉଛନ୍ତି । ଜିହାଦ୍ ବିଷୟରେ ରିପୋର୍ଟର୍‌ଙ୍କ ତରଫରୁ କରାଯାଇଥିବା ପ୍ରଶ୍ନର ଉତରରେ ହଜୁର୍ କୌଣସି ପାର୍ଶ୍ୱକୁ ମଧ୍ୟ ହାତଛଡ଼ା କରିନାହାଁନ୍ତି ଏବଂ ନା ତାଙ୍କର ଉତରରେ କୌଣସି ଅନାବଶ୍ୟକ କଥା ଥିଲା । ମୁଁ ଇଂଟର୍ ନ୍ୟାସ୍‌ନାଲ୍ ରିଲେସନ୍‌ସ (ଆନ୍ତର୍ଜାତିକ ସମ୍ପର୍କ) ବାବଦରେ ପ୍ରଶ୍ନ ପଚାରିଥିଲି ଯେ ଫିଲିପାଇନ୍‌ରେ ଚରମପନ୍ଥୀ ଓ ସନ୍ତ୍ରାସବାଦୀଙ୍କ ରୋକ୍‌ଥାମ୍ ନିମନ୍ତେ ଇଂଟର୍ ନ୍ୟାସ୍‌ନାଲ୍ କମ୍ୟୁନିଟିର କଣ ରୋଲ୍ ହେବା ଉଚିତ୍? ଏହାର ଉତର ଅତ୍ୟନ୍ତ ଯୁକ୍ତିଯୁକ୍ତ ଥିଲା । ସେ ନିଜର ଉତରରେ କୌଣସି ଦେଶ ବା କୌଣସି ମୁସଲ୍‌ମାନ୍ ଲିଡର୍‌ଙ୍କୁ ଅସମ୍ମାନ ଦେଖାଇଲେ ନାହିଁ । କିନ୍ତୁ ଏହା ସହିତ ସେ ସ୍ପଷ୍ଟ ରୂପେ ଏହା ମଧ୍ୟ କହି ରଖିଲେ ଯେ ଇଂଟର୍ ନ୍ୟାସ୍‌ନାଲ୍ କମ୍ୟୁନିଟି ଯେପରି ସାହାଯ୍ୟ କରିବା କଥା ସେ ସେପରି ସାହାଯ୍ୟ କରୁନାହିଁ ।

''ମନିଲା ବୁଲେଟିନ୍'' ଖବରକାଗଜର ବରିଷ୍ଠ ରିପୋର୍ଟର ଏଲିନା ଅବୀନ୍ ସାହିବା ବର୍ଣ୍ଣନା କଲେ ଯେ ମୁଁ ଏହି ଜଲ୍‌ସା ସାଲାନାରେ ସାମିଲ୍ ହୋଇ ବହୁତ କିଛି ଶିଖିଲି । ବିଶେଷ ରୂପେ ମୁଁ ଏହି ଜଲ୍‌ସାରେ କରାଯାଇଥିବା ଆତିଥ୍ୟତା ଓ ଡିସିପ୍ଲିନ୍ ଦ୍ୱାରା ବହୁତ ପ୍ରଭାବିତ ହେଲି । ଯମାତ୍‌ର ସଦସ୍ୟମାନଙ୍କର ନିଷ୍ଠା, ପ୍ରେମ, ଆତିଥ୍ୟତା ଓ ଡିସିପ୍ଲିନ୍ ବହୁତ ପ୍ରଭାବଶାଳୀ ଥିଲା । ଯମାତ୍ ଅହେମଦୀୟାର ଇମାମ୍ ହେଉଛନ୍ତି ଜଣେ ଆକର୍ଷଣୀୟ ବ୍ୟକ୍ତିତ୍ୱର ମାଲିକ । ସେ ଯେତେବେଳେ କହୁଥାନ୍ତି, ସେତେବେଳେ ମନ ହେଉଥାଏ ଯେ ଆମେ ତାଙ୍କ କଥାକୁ ଶୁଣି ଚାଲିଥିବୁ । ତାଙ୍କର ବ୍ୟକ୍ତିତ୍ୱ ଏପରି ଯେ ପ୍ରତ୍ୟେକ ବ୍ୟକ୍ତି ତାଙ୍କର ସମ୍ମାନ କରିବା ପାଇଁ ବାଧ ହୋଇଯାଏ । ସେ ପ୍ରତ୍ୟେକ ପ୍ରଶ୍ନର ଉତର ଗୁଡିକୁ ଅତ୍ୟନ୍ତ ଶାଳୀନତାର ସହିତ ଦେଇଥାନ୍ତି । ମୋତେ ତାଙ୍କର ଏହିକଥା ବହୁତ ଭଲ ଲାଗିଲା ଯେ ସେ ଏଣୁତେଣୁ କହିବା ପରିବର୍ତେ ବିଲ୍‌କୁଲ୍ ସିଧା କଥା କହୁଛନ୍ତି । ତାଙ୍କର ବ୍ୟକ୍ତିତ୍ୱରେ ଅତ୍ୟନ୍ତ ବିନମ୍ରତା ଭରି ରହିଛି । ସାକ୍ଷାତ୍‌କାର ପୂର୍ବରୁ ସମୟ ଅଭାବ ଯୋଗୁ ଆମର ଏ ଆନ୍ତରିକ ଇଛା ଥିଲା ଯେ ଶିଘ୍ର ଶିଘ୍ର ସାକ୍ଷାତ୍‌କାର ସରିଯାଉ । ଫଳତଃ ଆମେ ଏହାପରେ ଲଣ୍ଡନ୍ ପରିଭ୍ରମଣ କରିପାରିବୁ । କିନ୍ତୁ ଏହି ମିଟିଂରେ ମନ ଏପରି ହେଲା ଯେ ଏହି ସାକ୍ଷାତ୍‌କାର ଯେତେ ଲମ୍ବା ହୋଇପାରିବ ତାହା ଆମପାଇଁ ଭଲ ହେବ ।

ଫିଲିପାଇନ୍‌ର ପ୍ରତିନିଧିମାନଙ୍କ ସହିତ ଏହି ସାକ୍ଷାତ୍‌କାର୍ ୧୨:୪୫ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ସେମାନେ ହଜୁରଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହାପରେ ହଜୁର୍ ମେହ୍‌ମୁଦ୍ ହଲ୍‌ରେ ପହଂଚିଲେ, ଯେଉଁଠି କ୍ରୋଏସିଆ ଓ ମାସିଡୋନିଆ ଦେଶରୁ ଆସିଥିବା ପ୍ରତିନିଧିମାନଙ୍କ ସହିତ ସାକ୍ଷାତ୍‌କାର୍ ରଖାଯାଇଥିଲା ।

**କ୍ରୋଏସିଆ ଓ ମାସିଡୋନିଆ ଦେଶର ପ୍ରତିନିଧିଙ୍କ ସହିତ ସାକ୍ଷାତ୍‌କାର**

କ୍ରୋଏସିଆରୁ ଏବର୍ଷ ୨୧ ଜଣ ବିଶିଷ୍ଟ

ପ୍ରତିନିଧି ମଣ୍ଡଳ ଆସିଥିଲା । ସେମାନଙ୍କ ଭିତରୁ ଦୁଇଜଣ ସଦସ୍ୟ ପାର୍ଲିଆମେଂଟ୍ ମେମ୍ବର୍ ଥିଲେ, ଓକିଲ, ପ୍ରଫେସର, ଶିକ୍ଷକ, ଡିରେକ୍ଟର୍ ଆରବିକ୍ ଲାଂଗୁଏଜ୍ ସେଂଟର୍ ଆରବ, ୟୁନିଭର୍ସିଟିର ଶିକ୍ଷାର୍ଥୀ, ସିଭିଲ୍ ଇଂଜିନିୟର୍ ଏବଂ ବାଣିଜ୍ୟ କରୁଥିବା ଅତିଥିମାନେ ସାମିଲ୍ ଥିଲେ । ସେହିପରି ମାସିଡୋନିଆ ଦେଶରୁ ଦୁଇଜଣ ପତ୍ରକାର ପ୍ରତିନିଧି ଏହି ଜଲସାରେ ଯୋଗ ଦେଇଥିଲେ ।

ଓ୍ୱଫଦ୍‌ର ସଦସ୍ୟମାନେ ନିଜର ପରିଚୟ ଦେଲେ ଏବଂ ଏ କଥା ମଧ୍ୟ ପ୍ରକାଶ କଲେ ଯେ ଏହି ଜଲସାର ପ୍ରତ୍ୟେକ କାର୍ଯ୍ୟକ୍ରମର ବ୍ୟବସ୍ଥା ଗୁଡିକ ବହୁତ ସୁନ୍ଦର ଥିଲା ଏବଂ ଆମମାନଙ୍କର ବହୁତ ଧ୍ୟାନ ରଖାଗଲା । ଆମର ପ୍ରତ୍ୟେକ ଆବଶ୍ୟକତାକୁ ପୁରଣ କରାଗଲା । ସେଥିଯୋଗୁ ଆମେ ଏ ଜଲସାର ବ୍ୟବସ୍ଥାପକଙ୍କୁ ଧନ୍ୟବାଦ ଅର୍ପଣ କରୁଅଛୁ ।

ୟୁରୋପ୍ ଦେଶ ଗୁଡ଼ିକୁ ଏକତ୍ର ହେବା ପ୍ରସଙ୍ଗରେ ଗୋଟିଏ ପ୍ରଶ୍ନର ଉତରରେ ହଜୁର୍ ଅ:ବ:ଅ କହିଲେ ଯେ ମୁଁ ମୋର ୟୁରୋପିଆନ୍ ପାର୍ଲିଆମେଂଟ୍‌ରେ ଯେଉଁ ଭାଷଣ ଦେଇଥିଲି ସେଥିରେ କହିଥିଲି ଯେ ଯଦି ୟୁରୋପ ଦେଶ ଗୁଡିକ ଏକାଠି ରହିବେ ତେବେ ଏହାଦ୍ୱାରା ବହୁତ ଲାଭ ହେବ ।

ଗୋଟିଏ ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଧର୍ମ ସମ୍ବନ୍ଧରେ କୌଣସି ବାଧ ବାଧକତା ନାହିଁ । ଧର୍ମର ସମ୍ପର୍କ ହୃଦୟ ସହିତ । ଆପଣମାନେ କାହାକୁ ବାଧ କରିପାରିବେ ନାହିଁ ।

କ୍ରୋରୋସିଆରୁ ଆସିଥିବା ଜଣେ ବଡ଼ ଓକିଲ ଅତିଥି Mr. Mulabegovic Sead ସାହେବ୍ ଏହି ଜଲସାର କାର୍ଯ୍ୟକ୍ରମ ଦ୍ୱାରା ବହୁତ ପ୍ରଭାବିତ ହେଲେ । ହଜୁର୍‌ଙ୍କ ସହିତ ସାକ୍ଷାତ୍‌କାର୍ ସମୟରେ ଅତ୍ୟନ୍ତ ଭାବ ବିହୋଳ ହୋଇ କହିଲେ- ମୁଁ ଇଂରାଜୀ ଠିକ୍ ରୂପେ କହିପାରେ ନାହିଁ ଏବଂ ନା ମୋତେ ଉର୍ଦ୍ଦୁ ଆସୁଛି । କିନ୍ତୁ ମୁଁ ନିଶ୍ଚିତ ରୂପେ ଏହା କହିବାକୁ ଚାହିଁବି ଯେ ପଛ ବର୍ଷ ମୁଁ ଜଣେ ମୁସଲମାନ୍ ହିସାବରେ ଏ ଜଲସାରେ ସାମିଲ୍ ହୋଇଥିଲି । କିନ୍ତୁ ଏବର୍ଷ ମୁଁ ଜଣେ ଅହେମଦୀ ମୁସଲ୍‌ମାନ୍ ରୂପେ ନିଜ ଦେଶକୁ ଫେରିଯାଉଅଛି ।

କ୍ରୋରୋସିଆ ପାର୍ଲିଆମେଂଟ୍‌ର ଏମ୍.ପି Mr. Hajdukovic Domangoj ଆନ୍ତର୍ଜାତିୟ ବୟତ ପ୍ରସଙ୍ଗରେ କହିଲେ- ଏହି ଆଲୋମୀ ବୟତ ଉତ୍ସବ ମୋ ଉପରେ ଗଭୀର ପ୍ରଭାବ ପକାଇଛି । ମୁଁ ଖ୍ରୀଷ୍ଟଧର୍ମର Saikh Reconfirmation ର ଉତ୍ସବରେ ଅନେକ ଥର ସାମିଲ୍ ହୋଇଛି । କିନ୍ତୁ ଯେଉଁ ପ୍ରକାର ନିଷ୍ଠା, ଭାବ ଓ ଧର୍ମ ସହିତ ଆନ୍ତରିକତାର ସଂକଳ୍ପ ଯମାତ୍ ଅହେମଦୀୟାର ଆଲମୀ ବୟତରେ ଦେଖିଲି ତାହା ଏକ ଅଜବ ଓ ଆଶ୍ଚର୍ଯ୍ୟଜନକ ଅନୁଭବ ଥିଲା, ଯାହାକୁ ମୁଁ ସାରାଜୀବନ ମନେରଖିବି ।

କ୍ରୋରୋସିଆରୁ ଆସିଥିବା ଜଣେ ମହିଳା Milicic Dolores ସାହିବା ଯେ ହେଉଛନ୍ତି ପେଶାରେ ଜଣେ ଓକିଲ ଓ ସେ ମାନବିକ ଅଧିକାର ପାଇଁ ଗୋଟିଏ ଏନ୍.ଜି.ଓ ଚଳାଉଛନ୍ତି, ସେ ନିଜର ଭାବନାକୁ ବ୍ୟକ୍ତ କରି କହୁଛନ୍ତି-ଜଲ୍‌ସାରେ ଦିଆଯାଇଥିବା ଅଭିଭାଷଣ ଗୁଡିକ ଏହାପରେ ଯମାତ୍ ଅହେମଦିୟା ତରଫରୁ ମାନବିକ ଅଧିକାର ନିମନ୍ତେ କରାଯାଇଥିବା କାର୍ଯ୍ୟଗୁଡିକୁ ଜାଣିବା ପରେ ମୁଁ ଆଶା କରୁଛି ଯେ ବର୍ତମାନ ମୁଁ ଏହି କାମକୁ ଆହୁରି ଉତମ ରୂପେ ସମ୍ପାଦନ କରିପାରିବି ।

କ୍ରୋରୋସିଆରୁ ଆସିଥିବା ପ୍ରତିନିଧିମାନଙ୍କ ମଧ୍ୟରୁ ଜଣେ ମହିଳା କ୍ୟାଟିରିନା ସାଲିକ୍ ସାହିବା ମଧ୍ୟ ସାମିଲ୍ ଥିଲେ । ସେ ପ୍ରଥମେ ଚର୍ଚ୍ଚରେ ନନ୍ ଥିଲେ । ଏବଂ ବର୍ତମାନ ସେ ସତ୍ୟର ଅନୁସନ୍ଧାନରେ ଅଛନ୍ତି । ସେ କହୁଛନ୍ତି-ଜଲସାର ପରିବେଶ ଏବଂ ଏଠାରେ ଲଗାଯାଇଥିବା ପ୍ରଦର୍ଶନୀ ଓ ଯମାତ୍ ବିଷୟରେ ବିଭିନ୍ନ ଜ୍ଞାନବର୍ଦ୍ଧକ ଜିନିଷଗୁଡିକ ମୋ ମନକୁ ବହୁତ ଆଲୋକ ପ୍ରଦାନ କରିଛି । ମୋତେ ଏପରି ଲାଗୁଛି ବୋଧହୁଏ ଖୁବ୍ ଶିଘ୍ର ସତ୍ୟର ସନ୍ଧାନ ପାଇଁ କରାଯାଇଥିବା ଯାତ୍ରା ତାର ଲକ୍ଷ୍ୟ ସ୍ଥଳକୁ ପାଇଯିବ । ଯମାତ୍ ଅହେମଦୀୟାର ଇମାମଙ୍କ ଅଭିଭାଷଣ ଗୁଡିକ ମୋ ମନ ଉପରେ ଗଭୀର ପ୍ରଭାବ ପକାଇଛି । ବର୍ତମାନ ମୁଁ ଏ ସମସ୍ତ ବିଷୟ ଉପରେ ବହୁତ ଗଭୀରତାର ସହିତ ଅନୁଧ୍ୟାନ କରିବା ଆରମ୍ଭ କରିଦେଇଛି ।

କ୍ରୋରୋସିଆ ପ୍ରତିନିଧି ମଣ୍ଡଳରେ ଇଂଟର୍ ନ୍ୟାସ୍‌ନାଲ୍ ବିଜ୍‌ନେସ୍ ମ୍ୟାନେଜ୍‌ମେଂଟ୍ ର ଜଣେ ଶିକ୍ଷାର୍ଥୀ Marin Krstulovic ସାହେବ ମଧ୍ୟ ସାମିଲ୍ ଥିଲେ । ଜଲ୍‌ସାର ବ୍ୟବସ୍ଥାଗୁଡିକ, ପ୍ରେମ ଏବଂ ଲୋକମାନଙ୍କର ନିଷ୍ଠା ଦ୍ୱାରା ସେ ବହୁତ ପ୍ରଭାବିତ ହେଲେ । ସେ କହୁଛନ୍ତି- ଜଲ୍‌ସା ସମୟରେ ଛୋଟ ଛୋଟ ପିଲାମାନେ ଯେଉଁ ପ୍ରକାର ପ୍ରେମ ଓ ନିଷ୍ଠାର ସହିତ ପାଣି ପିଆଇବାର ଡ୍ୟୁଟି ଦେଉଥିଲେ ବା ଖରାପ ପାଣିପାଗ ଯୋଗୁଁ ପାର୍କିଂ ଏବଂ ଟ୍ରାଫିକ୍ ଗୁଡିକୁ କଂଟ୍ରୋଲ କରାଯାଉଥିଲା ଏବଂ ସଫେଇ କାର୍ଯ୍ୟର ସ୍ତରକୁ ଉତମ ରୂପେ ତୁଲାଇବା ପାଇଁ ଚେଷ୍ଟା କରାଯାଉଥିଲା, ଏହି ସବୁ କଥା ତାଙ୍କ ଉପରେ ବହୁତ ଗଭୀର ପ୍ରଭାବ ପକାଇଛି । ଏବଂ ସେ କହୁଛନ୍ତି ଯେ- ସେ ପ୍ରଥମଥର ପାଇଁ ଏ ଜଲ୍‌ସାରେ ସାମିଲ୍ ହୋଇଛନ୍ତି । କିନ୍ତୁ ଏହି ଜଲ୍‌ସାର ସ୍ମୃତି ତାଙ୍କୁ ସାରାଜୀବନ ମନେରହିବ ।

କ୍ରୋରୋସିଆ ପ୍ରତିନିଧି ମଣ୍ଡଳରେ ଜଣେ ଇକୋନୋମିକ୍‌ସର ମହିଳା ଶିକ୍ଷାର୍ଥୀ ଯୋଗ ଦେଇଥିଲେ । ସେ କହୁଛନ୍ତି- ମୁଁ ପ୍ରଥମଥର ପାଇଁ ଏହି ଜଲ୍‌ସାରେ ସାମିଲ୍ ହୋଇଛି । ଯମାତ୍ ଅହେମଦୀୟା ଯେଉଁପରି ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷାକୁ ପ୍ରଚାର ଓ ପ୍ରସାର କରୁଅଛି ଓ ତତ୍‌ସହିତ ଧୈର୍ଯ୍ୟ ଓ ସହନଶୀଳତା ଓ ପ୍ରେମର ଶିକ୍ଷା ଦେଉଅଛି । ଏଥିପ୍ରତି ଅନ୍ୟ ମୁସଲ୍‌ମାନ୍ ମାନେ ଧ୍ୟାନ ଦେବା ଉଚିତ୍ । ଅହେମଦୀୟତ୍‌ର ବାର୍ତା ହେଉଛି ସତ୍ୟ ଓ ଏହା ବହୁତ ପ୍ରଭାବଶାଳୀ ବାର୍ତା । ଏବଂ ମୁଁ ଆଶା କରେ କି ଖୁବ୍ ଶିଘ୍ର ଅନ୍ୟ ମୁସଲ୍‌ମାନମାନେ ନିଜର ଭୁଲ୍‌କୁ ବୁଝିବାର ଏବଂ ଅହେମଦୀୟତ୍ ତରଫରୁ ଦିଆଯାଇଥିବା ବାସ୍ତବିକ ବାର୍ତାକୁ ଗ୍ରହଣ କରିନେବେ ।

ମେସିଡୋନିଆରୁ ଆସିଥିବା ଜଣେ ପତ୍ରକାର ଟୋଲି ଆଓ୍ୱେସ୍କି ସାହେବ୍ ଏହି ଜଲ୍‌ସାରେ ଦ୍ୱିତୀୟ ଥର ପାଇଁ ଯୋଗ ଦେଇଛନ୍ତି । ସେ ନିଜର ଭାବନା ବ୍ୟକ୍ତ କରି କହୁଛନ୍ତି- ବର୍ଷା ହେବା ଯୋଗୁ ମୋର ଧାରଣା ଥିଲା ଯେ ବହୁତ ଗୁଡିଏ ସମସ୍ୟ ଉପୁଜିବ ବୋଲି । କାରଣ ପଛବର୍ଷ ମୌସମ୍ ଭଲଥିଲା କିନ୍ତୁ ଏ ବର୍ଷ ଜଲ୍‌ସାର କାର୍ଯ୍ୟକର୍ତାମାନେ ବହୁତ ସୁନ୍ଦର ରୂପେ ଏହି ସମସ୍ୟାର ସମାଧାନ କରିଦେଲେ । ସେହିପରି ହୋଟେଲ୍‌ରେ ରହିବାର ବ୍ୟବସ୍ଥା ଓ ଟ୍ରାନ୍‌ସପୋର୍ଟର ବ୍ୟବସ୍ଥା ଗୁଡିକ ମଧ୍ୟ ବହୁତ ଭଲ ଥିଲା । ଜଣେ ସାମ୍ବାଦିକ ହିସାବରେ ମୋତେ ପ୍ରତ୍ୟେକ ସ୍ଥାନକୁ ଯାଇ ରେକର୍ଡିଂ କରିବାର ଅନୁମତି ଦିଆଯାଇଥିଲା । ଜଲ୍‌ସାର ଇଂଟର୍ ନ୍ୟାସ୍‌ନାଲ୍ ମିଡ଼ିଆ ଟିମ୍ ଆମକୁ ବହୁତ ସାହାଯ୍ୟ କଲେ । ଆମକୁ ମଧ୍ୟ କିଛି ରେକର୍ଡିଂ ଦେଲେ ଯାହାକୁ ଆମେ ନିଜେ କରିପାରୁନଥିଲୁ । ମୁଁ ଏହି ଜଲ୍‌ସାରେ ସାମିଲ୍ ହୋଇ ଜାଣିପାରିଲି ଯେ ଅହେମଦୀ ମୁସଲ୍‌ମାନ ମାନେ ସନ୍ତ୍ରାସବାଦୀଙ୍କ କାର୍ଯ୍ୟକଳାପ ଦ୍ୱାରା ବହୁତ ଚିନ୍ତିତ । ଏବଂ ସେମାନେ ଏପରି ଆକ୍ରମଣକୁ କଦାପି ପ୍ରୋତ୍ସାହନ କରିନଥାନ୍ତି ।

କ୍ରୋରୋସିଆ ଏବଂ ମେସିଡୋନିଆର ପ୍ରତିନିଧି ମଣ୍ଡଳଙ୍କ ସହିତ ଏହି ସାକ୍ଷାତ୍‌କାର ଦିନ ୧:୧୦ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ସମସ୍ତେ ହଜୁର୍‌ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହାପରେ ହଜୁର୍ ଅନୁଓ୍ୱର ନିଜ ଦଫ୍‌ତରକୁ ଚାଲିଗଲେ, ଯେଉଁଠାରେ ପ୍ରୋଗ୍ରାମ୍ ମୁତାବକ ସାଇପ୍ରସ୍ ଦେଶରୁ ଆସିଥିବା ପ୍ରତିନିଧିମାନେ ହଜୁର୍‌ଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପାଇଲେ ।

**ସାଇପ୍ରସ୍‌ରୁ ଆସିଥିବା ପ୍ରତିନିଧିଙ୍କ ସହିତ ସାକ୍ଷାତ୍‌କାର**

ସାଇପ୍ରସ୍‌ରୁ ସେଠିକାର ସଦର ଯମାତ୍ Rami Shaher Zedrim Aljabari ସାହିବ ନିଜ ସ୍ତ୍ରୀ ଓ ନାତୁଣୀଙ୍କ ସହିତ ଆସିଥିଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ସଦର ସାହେବଙ୍କ ସ୍ତ୍ରୀ ଏବଂ ନାତୁଣୀଙ୍କୁ ପଚାରିଲେ ଯେ ଏ ଜଲ୍‌ସା ଆପଣମାନଙ୍କ କିପରି ଲାଗିଲା ? ସେ ଦୁଇଜଣଯାକ ପ୍ରଥମଥର ଏ ଜଲ୍‌ସାରେ ସାମିଲ୍ ହୋଇଛନ୍ତି । ସେମାନେ କହିଲେ ଏ ଜଲ୍‌ସାରେ ସାମିଲ୍ ହେବା ଦ୍ୱାରା ଆମକୁ ବହୁତ ଖୁସି ଲାଗୁଛି । ଏହା ଆମ ଜୀବନର ପ୍ରଥମ ଅନୁଭବ । ଆମେ ପ୍ରଥମ ଥର ପାଇଁ ଏତେ ସଂଖ୍ୟାରେ ଅହେମଦୀ ଲୋକମାନଙ୍କୁ ଦେଖିବାକୁ ପାଇଲୁ । ବହୁତ ଉତମ ପରିବେଶ ଥିଲା । ଚାରିଆଡେ ଶାନ୍ତି ଥିଲା । ସମସ୍ତେ ସେବା କରୁଥିଲେ । ଆମର ବହୁତ ଭଲଭାବେ ଧ୍ୟାନ ରଖିଲେ ।

ସାଇପ୍ରସ୍‌ର ସଦର ସାହେବ୍ କହିଲେ ଯେ ସେ ଯଦିଚ ପୂର୍ବରୁ ୟୁ.କେ ଆସି ହଜୁର୍‌ଙ୍କ ସହିତ ସାକ୍ଷାତ୍ କରିଛନ୍ତି ଏବଂ ଏଠାରେ ଯମାତ୍‌ର ଅତିଥି ରୂପେ ଅବସ୍ଥାପନ କରିଚାଲିଛନ୍ତି କିନ୍ତୁ ଜଲ୍‌ସା ସାଲାନାରେ ଯୋଗଦେବା ଏହା ତାଙ୍କର ପ୍ରଥମ ଅବସର ଥିଲା । ଓ ପ୍ରଥମ ଅନୁଭବ ମଧ୍ୟ ଥିଲା । ଆମେ ଏଠାରୁ ବହୁତ କିଛି ଶିଖିବାକୁ ପାଇଲୁ । ହଜୁର୍‌ଙ୍କ ଅଭିଭାଷଣ ଗୁଡିକ ଆମ ଉପରେ ଗଭୀର ପ୍ରଭାବ ପକାଇଛି । ଏଠାରୁ ଫେରିଯାଇ ଆମେ ଆମ ସାଙ୍ଗସାଥିମାନଙ୍କୁ ଜଲ୍‌ସା ସମ୍ବନ୍ଧରେ ଜଣାଇବୁ ।

ସାଇପ୍ରସ୍‌ର ପ୍ରତିନିଧି ମଣ୍ଡଳଙ୍କ ସହିତ ଏହି ସାକ୍ଷାତ୍‌କାର୍ ଦିନ ୧:୨୦ ରେ ଶେଷ ହେଲା । ଶେଷରେ ସମସ୍ତେ ହଜୁର୍‌ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ଇଣ୍ଡୋନେସିଆ ପ୍ରତିନିଧିଦଳଙ୍କ ସହିତ ସାକ୍ଷାତ୍‌କାର୍**

ଏହାପରେ ଇଣ୍ଡୋନେସିଆରୁ ଆସିଥିବା ଦୁଇଜଣ ପ୍ରଫେସର୍ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ।

ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ପ୍ରଫେସର୍ ଡାଃ ଅବ୍‌ଦୁର୍ ରହିମ୍ ୟୁନୁସ୍ ସାହେବ, ଯିଏ ଆଲାଉଦ୍ଦିନ୍ ଇସ୍‌ଲାମିକ୍ ଷ୍ଟେଟ୍ ୟୁନିଭର୍‌ସିଟି (Makasar) ରେ ଇସ୍‌ଲାମିକ୍ ହିଷ୍ଟ୍ରିର ପ୍ରଫେସର ଅଛନ୍ତି ଏବଂ ଅନ୍ୟ ବନ୍ଧୁ ଜଣକ ହେଉଛନ୍ତି ଡାଃ ଅବ୍‌ଦୁଲ୍ ମୁତଲବ୍ ଜୁରି ସାହେବ୍ ଯିଏ Antasari Islamic State University Banjar Masin ରେ ପ୍ରଫେସର୍ ଅଛନ୍ତି । ଏହି ଦୁଇଜଣଯାକ ନିଜର ପରିଚୟ ଦେଲେ ଏବଂ କହିଲେ ଯେ ସେଠିକାର ଯମାତ୍ ସହିତ ତାଙ୍କର ସମ୍ପର୍କ ଅଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ସେ ଦୁଇଜଣ ସମ୍ମାନୀୟ ଅତିଥିଙ୍କ ଠାରୁ ଜଲ୍‌ସା ସମ୍ବନ୍ଧରେ ପଚାରି ବୁଝିଲେ । ସେମାନେ କହିଲେ- ଜଲ୍‌ସାର ବ୍ୟବସ୍ଥା ଓ କାର୍ଯ୍ୟକ୍ରମ ଗୁଡିକ ବହୁତ ଭଲ ଥିଲା । ଏଠାରେ ସମସ୍ତେ ସ୍ୱେଚ୍ଛାସେବୀ ରୂପେ କାର୍ଯ୍ୟରତ ଏବଂ ବହୁତ ଜ୍ଞାନୀ ଗୁଣି ଜନ ଥିଲେ । ଏକଥା ଆମକୁ ବହୁତ ଆଶ୍ଚର୍ଯ୍ୟ କରିଛି ଯେ ଏଭଳି ସ୍ଥାନ ଆମେ ପୂର୍ବରୁ କେଉଁଠାରୁ ଦେଖିନାହୁଁ । ଆପଣମାନେ ବହୁତ ଶାନ୍ତିପ୍ରିୟ ଲୋକ ଅଟନ୍ତି । ଏବଂ ଏତେ

ସଂଖ୍ୟକ ଲୋକ ଏଠାରେ ଜମା ହୋଇଥିବା ସତ୍ୱେ ମଧ୍ୟ କୌଣସି ପ୍ରକାରର ଲଢ଼େଇ ଝଗଡ଼ା ନଥିଲା । ଏହାର ଉତରରେ ହଜୁର୍ ଅନୁୱର୍ ଅ:ବ: ଅ କହିଲେ ଆମେ ସମସ୍ତଙ୍କୁ ଶାନ୍ତି ଓ ସୌହାର୍ଦ୍ଦ୍ୟର ବାର୍ତା ଦେଉଅଛୁ । ଆମେ ଲୋକମାନଙ୍କୁ ଜୀବନ ପ୍ରଦାନ କରୁଛୁ, କାହାର ଜୀବନ ନେଉନାହୁଁ ।

ଉକ୍ତ ଦୁଇଜଣ ପ୍ରଫେସରଙ୍କ ସହିତ ଏହି ସାକ୍ଷାତ୍କାର୍ ଦିନ ୧:୨୦ ରେ ଶେଷ ହେଲା । ଏହାପରେ ସେହି ଦୁଇଜଣ ଅତିଥି ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

### ନେପାଳର ପ୍ରତିନିଧିଙ୍କ ସହିତ ସାକ୍ଷାତ୍କାର

ଉକ୍ତ ସାକ୍ଷାତ୍କାର୍ ପରେ ନେପାଳରୁ ଆସିଥିବା ପ୍ରତିନିଧି ମଣ୍ଡଳ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ନେପାଳରୁ ଛଅ ଜଣ ସଦସ୍ୟ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ଏହି ଜଲ୍‌ସା ସାଲାନାରେ ସାମିଲ୍ ହୋଇଥିଲେ । ସେମାନଙ୍କ ଭିତରୁ ତିନିଜଣ ସମ୍ମାନୀୟ ଅତିଥି ଥିଲେ । ଜଣେ ହେଉଛନ୍ତି ଡାଃ ମିଲାନ୍ ମହାଜନ ସାହିବା ଯିଏ ହେଉଛନ୍ତି Head of ear care nepal ତାଙ୍କର ସମ୍ବନ୍ଧ ବୌଧଧର୍ମ ସହିତ ଅଛି । ତୃତୀୟ ଜଣକ ହେଉଛନ୍ତି Mr. Naresh Shakya ସାହେବ୍ ଯିଏ ହେଉଛନ୍ତି ଜଣେ ବୌଦ୍ଧ ସ୍କଲାର୍ ଏବଂ ଶିକ୍ଷକ ମଧ୍ୟ ଅଟନ୍ତି । ତୃତୀୟ ଜଣକ ହେଉଛନ୍ତି ଡାଃ ଗୋବିନ୍ଦ ଉପାଧ୍ୟାୟ ସାହେବ । ସେ ଜଣେ ହିନ୍ଦୁ ଏବଂ ତ୍ରିଭୁବନ୍ ୟୁନିଭରସିଟି ଅଫ୍ କାଠମାଣ୍ଡୁ ରେ ଫିଲୋସଫି ଓ ସାଇକୋଲୋଜିର ପ୍ରଫେସର ଅଟନ୍ତି ।

ୱଫଦ୍‌ର ସଦସ୍ୟମାନେ କହିଲେ ଇସ୍‌ଲାମ୍ ସହିତ ଆମର ପ୍ରଥମ ପରିଚୟ ହେଲା । ଏହାର ଉତରରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଏହା ହେଉଛି ଇସ୍‌ଲାମ୍‌ର ପ୍ରକୃତ ରୂପ, ଯାହାକୁ ଯମାତ୍ ଅହେମଦୀୟା ଉପସ୍ଥାପନ କରୁଅଛି ।

ଉକ୍ତ ଅତିଥିମାନେ କହିଲେ ଏହି ଜଲ୍‌ସା ସାଲାନା ବହୁତ ଉଚ୍ଚକୋଟୀର ଥିଲା । ଆମେ ଜଲ୍‌ସା ଦ୍ୱାରା ବହୁତ ପ୍ରଭାବିତ ହୋଇଛୁ । ଏପରି ଦୃଶ୍ୟ ଆମେ ପୂର୍ବରୁ କେବେ ଦେଖିନାହୁଁ । ତିରିଶି ହଜାର୍ ଲୋକ ଗୋଟିଏ ସ୍ଥାନରେ ଏକତ୍ରିତ ହୋଇଛନ୍ତି । ଏହା ସତ୍ୱେ ମଧ୍ୟ ସବୁ ପ୍ରକାର ବ୍ୟବସ୍ଥା ଗୋଟିଏ ଅସ୍ଥାୟୀ ବ୍ୟବସ୍ଥା ଅନ୍ତର୍ଗତ ଅନୁଷ୍ଠିତ ହୋଇଛି ଏବଂ ଏହି ବ୍ୟବସ୍ଥା ଗୁଡିକରେ କୌଣସି ପ୍ରକାର ଦୁର୍ବଳତା ଦୃଷ୍ଟିଗୋଚର ହେଲାନାହିଁ । ପ୍ରତ୍ୟେକ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନ କରାଗଲା ।

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଆପଣମାନେ ଏଠି ଜଲ୍‌ସା ସାଲାନାରେ ଯାହା କିଛି ଦେଖିଲେ ଏହା ହେଉଛି ଇସ୍‌ଲାମ୍‌ର ବାସ୍ତବିକ ରୂପ ।

ଏହି ପ୍ରତିନିଧି ମଣ୍ଡଳର ରହିବାର ବ୍ୟବସ୍ଥା ଯାମିଆ ଅହେମଦୀୟାରେ କରାଯାଇଥିଲା । ଏହି ସଦସ୍ୟମାନେ ସେଠାରେ ଡ୍ୟୁଟି ଯାଇଥିବା ଯାମିଆର ଶିକ୍ଷାର୍ଥୀମାନଙ୍କର ପ୍ରଶଂସା କରି କହିଲେ ସେହି ପିଲାମାନେ ଆମର ବହୁତ ଭଲ ରୂପେ ଧ୍ୟାନ ରଖିଲେ ଏବଂ ଆମର ବହୁତ ସେବା କଲେ ।

ପ୍ରଫେସର୍ ଡାଃ ଗୋବିନ୍ଦା ସାହେବ୍ କହିଲେ- ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ଉଦ୍‌ଯାପନୀ ଭାଷଣ ଶୁଣିବା ପରେ ମୋ ମନ ଭିତରେ ଥିବା ପ୍ରତ୍ୟେକ ପ୍ରଶ୍ନର ଉତର ମିଳିଗଲା । ହଜୁର୍ ଅନୁୱର୍ ଅ:ବ:ଅଙ୍କ ଅଭିଭାଷଣ ଦ୍ୱାରା ମୋ ଜ୍ଞାନର ବହୁତ ବୃଦ୍ଧି ଘଟିଲା । ଏଠାକୁ ଆସି ମୁଁ ବହୁତ କିଛି ଶିଖିପାରିଲି ।

NGO Ear care of Nepal ର ମୁଖ୍ୟ ଡାଃ ମିଲନ୍ ମହାଜନ୍ ନିଜର ଭାବନାକୁ ବ୍ୟକ୍ତ କରି କହୁଛନ୍ତି-ମୁଁ ଏହି ଜଲ୍‌ସାର ପ୍ରତ୍ୟେକ ବ୍ୟବସ୍ଥାକୁ ଦେଖି ବହୁତ ଆଶ୍ଚର୍ଯ୍ୟ ହୋଇଗଲି । ବିଶେଷ ରୂପେ ମୁଁ ଯେତେବେଳେ ଜାଣିଲି ଯେ ଜଲ୍‌ସାର ପ୍ରତ୍ୟେକ କାର୍ଯ୍ୟକୁ ସ୍ୱେଚ୍ଛାସେବୀମାନେ କରୁଛନ୍ତି । ଯୁବକ, ସ୍ୱେଚ୍ଛାସେବୀ ମାନଙ୍କର ଉତ୍ସାହ ସେବା ମନୋଭାବ ଦେଖି ମୁଁ ବହୁତ ଆଶ୍ଚର୍ଯ୍ୟ ହୋଇଗଲି । ସେହିପରି International Baiat ର ଦୃଶ୍ୟ ଅବର୍ଣ୍ଣନୀୟ ଥିଲା । ଯମାତ୍ ଅହେମଦୀୟାର ଇମାମ୍‌ଙ୍କ ସହିତ ସାକ୍ଷାତ୍ କରିବା ପୂର୍ବରୁ ମୁଁ ଏହା ଭାବୁଥିଲି ଯେ ସେ ମଧ୍ୟ ଅନ୍ୟ ଧର୍ମ ଗୁରୁଙ୍କ ଭଳି ବହୁତ କଡା ସ୍ୱଭାବର ହୋଇଥିବେ ବୋଲି କିନ୍ତୁ ସାକ୍ଷାତ୍କାର କରିବାପରେ ମୁଁ ଏହା ଜାଣିପାରିଲି ଯେ ସେ ଅତ୍ୟନ୍ତ ବିନମ୍ର ଏବଂ ବନ୍ଧୁପ୍ରିୟ ଅଟନ୍ତି ।

ବୌଦ୍ଧ ସ୍କଲାର୍ ଓ ଶିକ୍ଷକ ନରେସ୍ ସାକ୍ୟ ସାହେବ୍ ନିଜ ସ୍ତ୍ରୀ ଙ୍କ ସହିତ ଏହି ଜଲ୍‌ସାରେ ସାମିଲ୍ ହୋଇଥିଲେ । ସେ ନିଜର ଭାବନାକୁ ବ୍ୟକ୍ତ କରି କହୁଛନ୍ତି ଏହି ଜଲ୍‌ସାର ଅନୁପମ (ବର୍‌କାତ୍) ଜଲ୍‌ସା ଆରମ୍ଭ ପୂର୍ବରୁ ହିଁ ଜଣାପଡ଼ିଯାଇଥିଲା । ପ୍ରତ୍ୟେକ କାମ ଆପେ ଆପେ ହୋଇଚାଲିଥିଲା । ସେହି ଯୁବକମାନଙ୍କର ସେବା ମନୋଭାବ ଓ ଉତ୍ସାହ ଦେଖି ମୁଁ ବହୁତ ପ୍ରଭାବିତ ହେଲି । ଏବଂ ପୁଣି ସେ କହିଲେ ଏଥିରେ ବୌଦ୍ଧ ଓ ଅହେମଦୀ ମୁସଲମାନ୍ ଭିତରେ ଫରକ ଅଛି ଯେ ବୌଦ୍ଧ ମାନଙ୍କ ଭିତରେ ଏପରି ମନୋଭାବ ରଖି କାର୍ଯ୍ୟ କରିବାର ଲୋକେ ବହୁତ କମ୍ ମିଳନ୍ତି । ଯମାତ୍ ଅହେମଦୀୟାର୍ ଇମାମ୍‌ଙ୍କ ସହିତ ସାକ୍ଷାତ୍ କରିବା ପରେ ମୋତେ ଅନୁଭବ ହେଲା ଯେ ସେ ଅତ୍ୟନ୍ତ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱର ମାଲିକ ଅଟନ୍ତି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେ ଅନ୍ୟମାନଙ୍କ ଭାବନାକୁ ଜାଣିବାର କୌଶଳ ଜାଣିଛନ୍ତି । ସେ ଏତେବଡ଼ ଯମାତ୍‌ର ମୁଖ୍ୟ ହେବା ସତ୍ୱେ ମଧ୍ୟ ଅତ୍ୟନ୍ତ ବିନମ୍ର ବ୍ୟକ୍ତି ଅଟନ୍ତି ।

ଫିଲୋସଫି ଓ ସାଇକୋଲୋଜିର ପ୍ରଫେସର୍ ଡାଃ ଗୋବିନ୍ଦା ଉପାଧ୍ୟାୟ ସାହେବ୍ ଯିଏ କାଠମାଣ୍ଡୁ ୟୁନିଭରସିଟିରେ ଶିକ୍ଷାଦାନ କରୁଛନ୍ତି ଏବଂ ତାଙ୍କର ସମ୍ପର୍କ ହିନ୍ଦୁ ଧର୍ମ ସହିତ ରହିଛି । ସେ ନିଜର ଭାବନାକୁ ବ୍ୟକ୍ତ କରି କହୁଛନ୍ତି- ମୁଁ ଏହା ଦେଖି ବହୁତ ଆଶ୍ଚର୍ଯ୍ୟ ହୋଇଯାଉଛି ଯେ ଇସ୍‌ଲାମେ ଅହେମଦୀୟତ୍ ଥିବା ସତ୍ୱେ ମୁସଲମାନ ମାନେ କିପରି ଚରମପନ୍ଥୀ ହୋଇପାରୁଛନ୍ତି ? ଯମାତ୍ ଅହେମଦୀୟାର ଏହି ଶାନ୍ତିପୂର୍ଣ୍ଣ ବାର୍ତା ନେପାଳର କୋଣ ଅନୁକୋଣରେ ପହଂଚାଇବା ଆବଶ୍ୟକ । ପୁଣି ସେ କହିଲେ -ଯମାତ୍ ଅହେମଦୀୟା ସମଗ୍ର ମାନବଜାତି ପାଇଁ ଏକ ଉଦାହରଣ ।

ନେପାଳର ଏହି ପ୍ରତିନିଧି ମଣ୍ଡଳଙ୍କ ସହିତ ହଜୁର୍ ଅନୁୱର୍‌ଙ୍କ ସହିତ ସାକ୍ଷାତ୍କାର ଦିନ ୧:୪୫ ପର୍ଯ୍ୟନ୍ତ ଜାରି ରହିଲା । ପରିଶେଷରେ ସଦସ୍ୟମାନେ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

### ଆମେରିକାରୁ ଆସିଥିବା ପ୍ରତିନିଧିମଣ୍ଡଳଙ୍କ ସହିତ ସାକ୍ଷାତ୍କାର

ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ ମେହ୍‌ମୁଦ୍ ହଲ୍‌ରେ ପ୍ରବେଶ କଲେ, ଯେଉଁଠାରେ ଆମେରିକାରୁ ଆସିଥିବା ପ୍ରତିନିଧି ମଣ୍ଡଳ ହଜୁର୍ ଅନୁୱର୍‌ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଆମେରିକାରେ ଏବର୍ଷ ପଚାଶ ଜଣ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ଜଲ୍‌ସାରେ ସାମିଲ୍ ହୋଇଥିଲେ ।

ହଜୁର୍ ଅନୁୱର୍ ଅ:ବ:ଅ ପ୍ରତିନିଧି ମଣ୍ଡଳର ସଦସ୍ୟମାନଙ୍କ ଠାରୁ ଜଲ୍‌ସା ବାବଦରେ ପଚାରି ବୁଝିଲେ । ସଦସ୍ୟମାନେ କହିଲେ- ଏ ଜଲ୍‌ସାର ପ୍ରତ୍ୟେକ କାର୍ଯ୍ୟକ୍ରମ ବହୁତ ଉଚ୍ଚକୋଟୀର ଥିଲା । ଏହି ଜଲ୍‌ସାରେ ସାମିଲ୍ ହେବା ଯୋଗୁଁ ଆମ ଭିତରେ ଏକ ଆଧ୍ୟାତ୍ମିକ ପରିବର୍ତନ ହୋଇଛି । ହଜୁର୍ ଅନୁୱର୍‌ଙ୍କର ଅଭିଭାଷଣ ଆମ ହୃଦୟରେ ଗଭୀର ପ୍ରଭାବ ପକାଇଛି ।

ଏହି ପ୍ରତିନିଧି ମଣ୍ଡଳର ସଦସ୍ୟଙ୍କ ଭିତରେ ଜଣେ ନୂତନ ଅହେମଦୀ ମଧ୍ୟ ସାମିଲ୍ ଥିଲେ । ହଜୁର୍ ଅନୁୱର୍ ଅ:ବ:ଅ ତାଙ୍କୁ ସମ୍ବୋଧନ କରି କହିଲେ ଯେ ନିଜର ଅଧ୍ୟୟନକୁ ବହୁତ ବ୍ୟାପକ କରନ୍ତୁ । ଯମାତ୍‌ର ଲିଟରେଚର୍ ଗୁଡିକ ଧ୍ୟାନର ସହିତ ପଢ଼ନ୍ତୁ । ଏହି ପ୍ରତିନିଧି ମଣ୍ଡଳରେ ସାମିଲ୍ ହୋଇଥିବା ଜଣେ ଆମେରିକିୟ ମହିଳା ଅହେମଦୀ ଜମିଲା ରୋଲ୍‌ଷ୍ଟାଡ୍ ସାହିବା ନିଜର ଭାବନାକୁ ବ୍ୟକ୍ତ କରି କହୁଛନ୍ତି ମୁଁ ଜଲ୍‌ସାର ପ୍ରତ୍ୟେକ କାର୍ଯ୍ୟକ୍ରମ ଦ୍ୱାରା ବହୁତ ପ୍ରଭାବିତ ହୋଇଛି । ପ୍ରତ୍ୟେକ କାର୍ଯ୍ୟକ୍ରମ ବହୁତ ସୁଚାରୁରୂପେ ସମ୍ପାଦନ କରାଯାଇଥିଲା । ମୁଁ ଏହା ଭାବିପାରିନଥିଲି ଯେ ମୁଁ ଅଠତିରିଶି ହଜାର ଲୋକଙ୍କ ଭିଡ ଭିତରେ ଅଛି ବୋଲି । ଏତେ ସଂଖ୍ୟକ ଲୋକ ଥିବା ସତ୍ୱେ ମଧ୍ୟ ପ୍ରତ୍ୟେକ ପ୍ରକାରର ସୁଗମତା ଥିଲା । ଏ ଜଲ୍‌ସାରେ ଯେଉଁ ଭାଇଚରା ମୋତେ ଅନୁଭବ ହେଲା ତାହା ଅବର୍ଣ୍ଣନୀୟ । ମୋର ବହୁତ ନୂଆ ନୂଆ ଭଉଣୀମାନଙ୍କ ସହିତ ସାକ୍ଷାତ୍ ହେଲା । ଅନେକ ଭଉଣୀ ମାନଙ୍କ ସହିତ ବିଶେଷ ରୂପେ ସମ୍ପର୍କ ସ୍ଥାପନ ହେଲା । ମୁଁ ଏହା ପୂର୍ବରୁ ଶୁଣିଥିଲି ଯେ ଯମାତ୍ ଅହେମଦୀୟା ଏକ ବିଶ୍ୱବ୍ୟାପୀ ଯମାତ୍ ଅଟେ । କିନ୍ତୁ ଏ ଜଲ୍‌ସାରେ ସାମିଲ୍ ହେବା ପରେ ଯମାତ୍ ଅହେମଦୀୟାର ବିଶ୍ୱବ୍ୟାପି ହେବା ବାସ୍ତବରେ ଅନୁଭବ ହେଲା । ବିଭିନ୍ନ ଦେଶର ସୁନ୍ଦର ସୁନ୍ଦର ପତାକା ଗୁଡିକ ଏକାଠି ଉଡୁଥିବାର ଦେଖି ଗୋଟିଏ ନିଆରା ଅନୁଭବ ହେଲା । ଏବଂ ଏହି ପତାକାଠାରୁ ଅଧିକ ବିଭିନ୍ନ ଦେଶର ଲୋକମାନଙ୍କ ସହିତ ମିଶିବାରେ ମୋତେ ସୁଖ ମିଳିଲା । ଏହି ଜଲ୍‌ସାର ସ୍ମୃତି ମୋର ସାରା ଜୀବନ ମନେ ରହିବ । ମୋର ଆଶା ଅଛି ଯେ ଏହି ଜଲ୍‌ସା ମୋର ଶେଷ ଜଲ୍‌ସା ହେବ ନାହିଁ । କିନ୍ତୁ ପ୍ରଥମ ଜଲ୍‌ସାର ଅନୁଭବ ସବୁବେଳେ ମୋ ସହିତ ରହିବ । ଜଣେ ଭିଏତ୍‌ନାମୀ ଆମେରିକିୟ ବନ୍ଧୁ ଯାହାଙ୍କ ନାମ ଏହ୍‌ସାନ୍ Nguyen ସାହେବ୍ ଏହି ଜଲ୍‌ସାରେ ସାମିଲ୍ ହୋଇଥିଲେ । ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ- ଏ ଜଲ୍‌ସା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବହୁତ ଜବରଦସ୍ତ ଅନୁଭବ ଥିଲା । ଅନେକ ନୂଆ ଲୋକଙ୍କ ସହିତ ସମ୍ପର୍କ ସ୍ଥାପନ ହେଲା । ମୁଁ ଏହା କେବେ ଭାବିନଥିଲି ଯେ ମୁଁ ହଜୁର୍‌ଙ୍କ ପଛରେ ନମାଜ ପଢ଼ିବି ବୋଲି । ମୋର ଗସ୍ତରେ କୌଣସି ପ୍ରକାର ଅଭିଯୋଗ ନାହିଁ । କେବଳ ମୋ ମନରେ ଗୋଟିଏ ଅଭିଳାଷା ରହିଗଲା ଯେ ମୁଁ ଆଉ କିଛି ଦିନ ଏଠାରେ ରହିଥାଆନ୍ତି ଏବଂ ହଜୁର୍ ଅନୁୱର୍‌ଙ୍କ ସହିତ ବାରମ୍ବାର ମିଶିଥାନ୍ତି ।

ଆମେରିକାରୁ ଆସିଥିବ ଆଉ ଜଣେ ମହିଳା ଅତିଥି ଶ୍ରୀମତୀ ରାହିଲା ସାରୁକ୍ ସାହିବା ଯାହାଙ୍କ ଅସଲ ସମ୍ପର୍କ ଓ ସମ୍ବନ୍ଧ ହନ୍ଦୁରାସ ଦେଶ ସହିତ ଥିଲା । ସେ କହିଲେ ମୁଁ ପ୍ରଥମଥର ପାଇଁ ଏ ଜଲ୍‌ସାରେ ସାମିଲ୍ ହୋଇଛି । କିନ୍ତୁ ଆସନ୍ତାକୁ ସବୁବର୍ଷ ଏହି ଜଲ୍‌ସାରେ ସାମିଲ୍ ହେବାପାଇଁ ପ୍ରତ୍ୟେକ ପ୍ରକାରର ମାଲି କୁର୍‌ବାନୀ କରିବି । ଆମେ ସମସ୍ତେ ବିଭିନ୍ନ ଦେଶରୁ ଏଠାକୁ ଆସିଛୁ ଓ ଭିନ୍ନ ଭିନ୍ନ ଭାଷା କହୁଅଛୁ କିନ୍ତୁ ଇମାନ୍ ଆଣିଥିବା ଯୋଗୁ ଆମେ ସମସ୍ତେ ଏକ ଅଟୁ ।

ଜଣେ ଅଣ ଅହେମଦୀ ସୁନ୍ନି ଆମେରିକିୟ ମୁସଲମାନ୍ ରବର୍ଟ ସଲାମ୍ ସାହେବ୍ ନିଜର ଭାବନାକୁ ବ୍ୟକ୍ତ କରି କହିଲେ- ମୋତେ ଏତେ ସୁନ୍ଦର ଅନୁଭବ

ମିଳିଥିବା ଯୋଗୁଁ ମୁଁ ଆପଣମାନଙ୍କୁ ଧନ୍ୟବାଦ ଅର୍ପଣ କରୁଅଛି । ମୁଁ ଏଭଳି ଭାଇଚରା ଏବଂ ମୁଁ ମୋମିନ୍ ମାନଙ୍କୁ ରସୁଲେ କରିମ୍ ସ:ଆ:ସ ଙ୍କ ସହିତ ଥିବା ପ୍ରେମଭାବର ପ୍ରକାଶକୁ ପୂର୍ବରୁ କେଉଁଠାରେ ଦେଖିନାହିଁ । ମୁଁ ଏଠାରେ ଯେଉଁ ଆନନ୍ଦ ଅନୁଭବ କରିଛି ତାହା ଅବର୍ଣ୍ଣନୀୟ । ଅଲ୍ଲାହତାଲା ଆପଣ ସମସ୍ତଙ୍କୁ ଏହାର ଉଚିତ୍ ଫଳ ପ୍ରଦାନ କରନ୍ତୁ । ମୁଁ ଆସନ୍ତା ବର୍ଷ ମଧ୍ୟ ଏହି ଜଲସାରେ ସାମିଲ୍ ହେବାପାଇଁ ଚେଷ୍ଟା କରିବି ।

ଆମେରିକିୟ ୱଫଦରେ ସାମିଲ୍ ହୋଇଥିବା ଆଉଜଣେ ବନ୍ଧୁ ମହମ୍ମଦ୍ ସାଜିଦୁଲ୍ଲାହ ଇବନ୍ ଖଲିଲ୍ ଅବଦୁର୍ ରଶିଦ୍ ସାହେବ୍ ନିଜର ଭାବନାକୁ ବ୍ୟକ୍ତ କରି କହିଲେ-ମୁଁ ଏହି ଜଲସାରେ ଯେଉଁ ପ୍ରକାର ପ୍ରେମ ଓ ସୌହାର୍ଦ୍ଦ୍ୟ ହାସଲ କରିଛି ତାହା ସବୁବେଳପାଇଁ ମୋ ସାଥିରେ ରହିବ । ମୁଁ ଏହି ପ୍ରେମକୁ ଅନ୍ୟମାନଙ୍କ ସହିତ ମଧ୍ୟ ବାଂଟିବି । ଜଲସାର ବ୍ୟବସ୍ଥା ବହୁତ ମହାନ୍ କାର୍ଯ୍ୟ ଅଟେ । ଏ ଜଲସାର ଯୋଜନାକୁ ପ୍ରସ୍ତୁତ କରିବା ଏବଂ ପୁଣି ଏହାକୁ କାର୍ଯ୍ୟରେ ପରିଣତ କରିବା ଏତେ କଠିନ କାର୍ଯ୍ୟ ଅଟେ ଯେ ଏହାକୁ କରିବା ପାଇଁ ଆମେ ଭାବିପାରିବୁ ନାହିଁ ।

ଜଣେ ଆଫ୍ରିକୀୟ ଆମେରିକିୟ ନିବାସୀ ଅହେମଦୀ ମହିଳା ଆସିମା ୱାଇଜ୍ ସାହିବା ଯିଏ ଯମାତ୍‌ରୁ ଦୂରେଇ ଯାଇଥିଲେ ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ- ଯମାତ ଅହେମଦୀୟା ଦୁନିଆର କୋଣ ଅନୁକୋଣରେ ପହଂଚି ସାରିଛି । ଏହି ବାସ୍ତବିକତାକୁ ନିଜ ଆଖିରେ ଦେଖି ବହୁତ ଆଶ୍ଚର୍ଯ୍ୟ ଲାଗୁଛି । ଖଲିଫାଏ ୱକ୍ତ ଆମର ବହୁତ ବିଷୟରେ ମାର୍ଗ ଦର୍ଶନ କରାଉଛନ୍ତି । ଏବଂ ମୁଁ ତାଙ୍କ ନିର୍ଦ୍ଦେଶ ଅନୁସାରେ ନିଜ ଜୀବନକୁ ପରିଚାଳିତ କରିବା ପାଇଁ ଚେଷ୍ଟା କରୁଅଛି । ଏହି ଜଲସାଟି ମୋ ଜୀବନର ସବୁଠାରୁ ଆଧ୍ୟାତ୍ମିକ ଅନୁଭୂତି ଥିଲା । ଯଦିଚ ଏହା ମୋର ପ୍ରଥମ ଜଲସା ଥିଲା କିନ୍ତୁ ଏହା ଶେଷ ହେବନାହିଁ । ମୁଁ ଫେରିଯାଇ ନମାଜ ପଢ଼ିବି ଓ ଦୁଆ ଜାରି ରଖିବି । ଯାମିଆ ଅହେମଦୀୟା, ମସ୍‌ଜିଦ୍ ଫଜଲ୍ ଏବଂ ବାକି ଯାଗାରେ ଆମ ଭଉଣୀମାନେ ଆମର ବହୁତ ଭଲ ଭାବେ ଧ୍ୟାନ ରଖିଲେ । ମୁଁ ଆପଣମାନଙ୍କୁ ଧନ୍ୟବାଦ ଅର୍ପଣ କରୁଛି ।

ଆଉଜଣେ ଆରବୀୟ ନୂତନ ଅହେମଦୀ ବନ୍ଧୁ ତାରିକ ଦଜାନି ସାହେବ ନିଜ ସ୍ତ୍ରୀ (ଯିଏ ସୁନ୍ନି ମୁସଲମାନ ଅଟନ୍ତି) ଏବଂ ତାଙ୍କର ତିନିଜଣ ପିଲାଙ୍କ ସହିତ ଏହି ଜଲସାରେ ସାମିଲ୍ ହୋଇଛନ୍ତି । ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ- ମୁଁ ଯେତେ ଚେଷ୍ଟା କଲେ ମଧ୍ୟ ଏହି ଜଲସାର ଅନୁଭୂତିକୁ ଶବ୍ଦରେ ବ୍ୟକ୍ତ କରିପାରିବି ନାହିଁ । ଏହି ଜଲସା ବିଶେଷ ରୂପେ ଏକ ଆଧ୍ୟାତ୍ମିକ ଜଲସା ଥିଲା, ଯାହା ଭୌତିକ ସଂସାରଠାରୁ ବହୁ ଉର୍ଦ୍ଧ୍ୱରେ । ତେଣୁ ଏହାକୁ ବର୍ଣ୍ଣନା କରିବା ଅସମ୍ଭବ । ସାରାଜୀବନରେ ମୋତେ ଏଭଳି ଅନୁଭୂତି କେବେ ହୋଇନାହିଁ ।

ଆମେରିକିୟ ପ୍ରତିନିଧି ମଣ୍ଡଳରେ ଦୁଇଜଣ ଅତିଥି ମହମ୍ମଦ୍ ଦୀନ୍ ସାହେବ୍ ଏବଂ ହଲିମା ଦୀନ୍ ସାହିବା ମଧ୍ୟ ସାମିଲ୍ ଥିଲେ । ସେମାନଙ୍କ ଅସଲ ସମ୍ବନ୍ଧ ଗୟାନା ଦେଶ ସହିତ ଅଛି । ଏହି ଦୁଇଜଣଯାକ ସୁନ୍ନି ମୁସଲ୍‌ମାନ ଅଟନ୍ତି । ସେମାନେ ତାଙ୍କର ଭାବନାକୁ ବ୍ୟକ୍ତ କରି କହୁଛନ୍ତି । ପ୍ରତ୍ୟେକ ସ୍ୱେଚ୍ଛାସେବୀ କର୍ମୀ ଆମର ସବୁ ପ୍ରକାର ଆବଶ୍ୟକତାକୁ ପୁରା କରିବା ପାଇଁ ଅହରହ ଚେଷ୍ଟା କରିଛନ୍ତି । ଆମେ ଅଣ ଅହେମଦୀ ହିସାବରେ ଏହା କହିବୁ ଯେ ଏହି ଜଲସାର ଅନୁଭୂତି ଆମର ସାରାଜୀବନ ଉପରେ ଲାଗୁ ରହିବ । ଚାରିଆଡ଼େ ପ୍ରେମ, ସ୍ନେହ ଓ ଭାଇଚାରାର ପରିବେଶ ଥିଲା । ଖଲିଫାଙ୍କ ଅଭିଭାଷଣ ଶୁଣିବା ଦ୍ୱାରା ଆମ ଆଧ୍ୟାତ୍ମିକତାରେ ବୃଦ୍ଧି ହୋଇଛି । ଆଲମୀ ବୟତର ଉତ୍ସବ ଦେଖିବାର ଅନୁଭବ ମଧ୍ୟ ଅବର୍ଣ୍ଣନୀୟ ଥିଲା ।

ଏ ଜଲସାରେ ଖଲିଫାଙ୍କର ଉପସ୍ଥିତି ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ ଥିଲା । ତାଙ୍କ ସହିତ ସାକ୍ଷାତ୍ କରିବା ପରେ ଆମକୁ ଆମ୍ ସନ୍ତୋଷ ଲାଭ ହେଲା । ଆମେ ପୁନର୍ବାର ଖଲିଫାଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଇଚ୍ଛୁକ । ଯେଉଁମାନେ ଏ ଜଲସାକୁ ସଫଳ କରିବା ପାଇଁ ଗୁରୁ ଦାୟିତ୍ୱ ବହନ କରିଛନ୍ତି ଆମେ ସେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରୁଅଛୁ ।

ଆମେରିକାରୁ ଆସିଥିବା ଏହି ପ୍ରତିନିଧି ମଣ୍ଡଳଙ୍କ ସାକ୍ଷାତ୍‌କାର୍ ଦିନ ୨:୧୦ ପର୍ଯ୍ୟନ୍ତ ଜାରି ରହିଲା । ପରିଶେଷରେ ୱଫଦ୍‌ର ପ୍ରତ୍ୟେକ ସଦସ୍ୟ ହଜୁରଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ହଙ୍ଗେରୀରୁ ଆସିଥିବା ପ୍ରତିନିଧିଙ୍କ ସହିତ ସାକ୍ଷାତ୍‌କାର୍**

ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ ନିଜ ଦଫ୍‌ତର୍‌କୁ ଫେରି ଆସିଲେ, ଯେଉଁଠାରେ ହଙ୍ଗେରୀ ଦେଶରୁ ଆସିଥିବା ପ୍ରତିନିଧିମାନେ ହଜୁରଙ୍କ ସହିତ ସାକ୍ଷାତ୍ କରିବାର ଗୌରବ ହାସଲ କଲେ । ହଙ୍ଗେରୀରୁ ଦୁଇଜଣ ଅତିଥି ପରିବେଷ୍ଟିତ ଗୋଟିଏ ପ୍ରତିନିଧି ମଣ୍ଡଳ ଆସିଥିଲା । ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ପ୍ରୋଟେଷ୍ଟାଂଟ୍ ଚର୍ଚ୍ଚର ପାଦ୍ରୀ ଗାବର୍ ଟମାସ୍ ସାହେବ୍ ଏବଂ ଦ୍ୱିତୀୟ ଅତିଥି ଜଣକ ହେଉଛନ୍ତି ଶ୍ରୀମତୀ ହେଲ୍‌ଗା ସୋମଗି ସାହିବା ଯିଏ ରେଡ୍‌କ୍ରସ୍‌ର ଡିରେକ୍ଟରଙ୍କ ପ୍ରତିନିଧି ରୂପେ ଏ ଜଲସାରେ ସାମିଲ୍ ହୋଇଥିଲେ ।

ଏହି ଦୁଇଜଣ ଅତିଥିଙ୍କୁ ହଜୁର୍ ଅନୁୱର୍ ଜଲସା ବାବଦରେ ପଚାରିବାରେ ସେମାନେ କହିଲେ- ଏ ଜଲସାର ପ୍ରୋଗ୍ରାମ୍ ବହୁତ ସୁନ୍ଦର ଥିଲା । ଆଉ ଏ ଜଲସାକୁ ବହୁତ ଉପଭୋଗ କରିଲୁ ।

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଏ ସବୁ ବ୍ୟବସ୍ଥା ଅସ୍ଥାୟୀ ରୂପେ କରାଯାଇଛି । ଗୋଟିଏ ପଡ଼ିଆରେ ଗୋଟିଏ ଅସ୍ଥାୟୀ ଗ୍ରାମ ସୃଷ୍ଟି କରାଯାଇଛି । ଏ ଜଲସାର କିଛି ଦିନ ପରେ ଯଦି ଆପଣ ସେଠାକୁ ଯିବେ ତେବେ ଆପଣଙ୍କୁ କେବଳ ଖାଲି ପଡ଼ିଆ ଦୃଷ୍ଟିଗୋଚର ହେବ । ଆପଣ ଜର୍ମାନୀ ଜଲସାରେ ସାମିଲ୍ ହେଉଥିବେ ଓ ସେଠାରେ ଗୋଟିଏ ବିରାଟ ବଡ଼ ଛାତ ତଳେ ସବୁ ପ୍ରକାର ବ୍ୟବସ୍ଥା କରାଯାଏ । କିନ୍ତୁ ଏଠାରେ ପ୍ରତ୍ୟେକ ବ୍ୟବସ୍ଥା ଅସ୍ଥାୟୀ ରୂପେ କରିବାକୁ ପଡ଼ିଥାଏ ।

ପ୍ରୋଟେଷ୍ଟାଂଟ୍ ଚର୍ଚ୍ଚର ପାଦ୍ରୀ ଗାବର୍ ଟମାସ୍ ସାହେବ୍ ନିଜର ଅନୁଭୂତିକୁ ବର୍ଣ୍ଣନା କରି କହୁଛନ୍ତି-ଯଦିଚ ମୁଁ ଖ୍ରୀଷ୍ଟିଆନ୍ ଓ ଆପଣମାନେ ହେଉଛନ୍ତି ମୁସଲମାନ୍ କିନ୍ତୁ ଆପଣମାନଙ୍କ ସହିତ ମିଶିବା ଫଳରେ ମୋତେ ବିଶ୍ୱାସର ଶକ୍ତି ମିଳୁଛି ଏବଂ ମୋର ସ୍ୱାସ୍ଥ୍ୟ ମଧ୍ୟ ଭଲ ରହୁଛି । ପୁଣି କହିଲେ ଖରାପ ପାଣିପାଗ ଯମାତ୍‌ର କୌଣସି ସଦସ୍ୟ ଉପରେ ପ୍ରଭାବ ପକାଇପାରିଲା ନାହିଁ । ବରଂ ପ୍ରତ୍ୟେକ ବ୍ୟକ୍ତି ପ୍ରଥମରୁ ଅଧିକା ଉତ୍ତମ ବ୍ୟବହାର, ଉତ୍ସାହ ଓ ହସ ହସ ଚେହେରା ସହିତ ମିଶୁଥିଲେ । ଏହା ମୋ ପାଇଁ ଏକ ଆଶ୍ଚର୍ଯ୍ୟଜନକ ଦୃଶ୍ୟ ଥିଲା । ଜଲସାର ପରିବେଶ ବହୁତ ଆଧ୍ୟାତ୍ମିକତାରେ ପରିପୁର୍ଣ୍ଣ ଥିଲା । ଜଲସାର କର୍ମୀମାନେ, ସ୍ୱେଚ୍ଛାସେବୀ ସେବକମାନଙ୍କ ଭିତରେ କଣ ଏପରି ଆଧାତ୍ମିକ ଶକ୍ତି ଥିଲା ଯେ ସେମାନେ ସବୁବେଳେ ଏହି କଷ୍ଟକୁ ଖୁସିର ସହିତ ସହନ କରି ଏଥିରୁ ଆନନ୍ଦ ଉଠାଉଥିଲେ ଏବଂ ନିଜ ନିଜର ଡ୍ୟୁଟିକୁ ସୁଚାରୁରୂପେ ତୁଲାଉଥିଲେ । ନିଶ୍ଚିତ ରୂପେ ଏହା ସେହି ଆଧାତ୍ମିକ ଶକ୍ତି ଅଟେ, ଯାହା ବର୍ତମାନ ଯମାତ୍ ଅହେମଦୀୟାକୁ ଛାଡ଼ିଦେଲେ ଆଉ କେଉଁଠାରେ ମିଳୁନାହିଁ । ପୁଣି ସେ କହିଲେ- ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ଏତେ ସଂଖ୍ୟକ ଲୋକ ମିଶୁଛନ୍ତି ସାରା ଦୁନିଆରୁ ପ୍ରତିନିଧିମାନେ ଓ ଅତିଥିମାନେ ଆସୁଛନ୍ତି । କିନ୍ତୁ ଏହି ସତ୍ତ୍ୱେ ମଧ୍ୟ ହଜୁର୍ ମୋତେ ଚିହ୍ନିନେଲେ । ମୁଁ ହଜୁରଙ୍କର ମହାନ ପଦମର୍ଯ୍ୟାଦାକୁ କଳନା କରିପାରୁନାହିଁ । ହଜୁର୍ ଅନୁୱରଙ୍କ ସହିତ ସାକ୍ଷାତ୍ କରିବା ପରେ ଏକ ପ୍ରକାର ପ୍ରେମଭାବ ଓ ଆଧାତ୍ମିକ ଶକ୍ତି ପ୍ରାପ୍ତ ହେଲା । ହଜୁର୍ ଅନୁୱରଙ୍କ ଅଭିଭାଷଣ ଗୁଡିକ ସମସାମୟିକ ସମସ୍ୟାଗୁଡିକର ସମାଧାନ କରିପାରିବ ।

ଶ୍ରୀମତୀ ହେଲଗା ସୋମଗୀ ସାହିବା ନିଜର ଭାବନାକୁ ବ୍ୟକ୍ତ କରି କହୁଛନ୍ତି ଯେ ମୁଁ ପ୍ରଥମଥର ପାଇଁ ଯମାତ୍‌ରେ କୌଣସି ଏକ ପ୍ରୋଗ୍ରାମ୍‌ରେ ସାମିଲ୍ ହୋଇଛି । ପୁରୁଷଙ୍କ ଟେଂଟ୍ ଭିତରକୁ ପ୍ରବେଶ କରିବା ସମୟରେ ଏପରି ଅନୁଭବ ହେଉଥିଲା ଯେ ହଜାର ହଜାର ଲୋକଙ୍କ ଭିତରେ ମୋ ଅବସ୍ଥା କଣ ହେବ ଓ ମୋ ସହିତ କି ପ୍ରକାର ବ୍ୟବହାର କରାଯିବ । କିନ୍ତୁ ଅଳ୍ପ ସମୟ ଭିତରେ ସେହି ବିରକ୍ତିଭାବ ଉଭେଇଗଲା ଯେ ଧକ୍କା ତ ଦୂରର କଥା କୌଣସି ଲୋକ ହାତ ମଧ୍ୟ ଲଗାଇବେ ନାହିଁ ଏବଂ ବହୁତ ସମ୍ମାନର ସହିତ ବସିବା ପାଇଁ ସ୍ଥାନ ଦେଉଥିଲେ ।

ଖାଇବା ନିମନ୍ତେ ଯେଉଁ ଟେଂଟ୍ ଲଗାଯାଇଥିଲା ସେଠାରେ ବିଭିନ୍ନ ଦେଶରୁ ଆସିଥିବା ଭିନ୍ନ ଭିନ୍ନ ରଙ୍ଗ ଓ ଜାତିର ଅତିଥିମାନଙ୍କୁ ଗୋଟିଏ ସ୍ଥାନରେ ଦେଖି ସେ କହିଲେ ଏହା ତ ଗୋଟିଏ ଅଜବ ଦୁନିଆ ଅଟେ । ସମସ୍ତେ ଏପରି ଘୁରି ବୁଲୁଛନ୍ତି ଯେପରି ସମସ୍ତଙ୍କ ସହିତ ସେମାନଙ୍କର ପୁରୁଣା ପରିଚୟ ଅଛି । ଯଦିଚ ବିଭିନ୍ନ ଦେଶରୁ ଆସିଥିବା ଭିନ୍ନ ଭିନ୍ନ ଜାତି ଓ ବର୍ଣ୍ଣର ଲୋକେ ଏଠାକୁ ଆସିଛନ୍ତି ମୁଁ ଏପରି ଦୃଶ୍ୟ ପୂର୍ବରୁ କେଉଁଠାରେ ଦେଖିଛି ନା ଶୁଣିଛି । ଏହି ପ୍ରକାର ଅଜବ ଅନୁଭବକୁ ବର୍ଣ୍ଣନା କରିବା ପାଇଁ ମୋ ପାଖରେ ଶବ୍ଦ ନାହିଁ ।

ପୁଣି ସେ କହିଲେ ରେଡ୍‌କ୍ରସ୍‌ର କର୍ମୀ ହିସାବରେ ମୁଁ ଏହା ଜାଣିଛି ଯେ କୌଣସି ପ୍ରୋଗ୍ରାମ୍‌କୁ ଯୋଗାଡ କରିବା କେତେ କଷ୍ଟକର ବ୍ୟାପାର । ସ୍ୱେଚ୍ଛାସେବୀ ମିଳନ୍ତି ନାହିଁ । କିନ୍ତୁ ଏଠାରେ ପିଲା, ବୁଢ଼ା ଓ ଯୁବକମାନେ ବହୁତ ଖୁସିର ସହିତ ସେବା କରୁଛନ୍ତି, ଯେପରି ତାଙ୍କୁ ଏକ ପ୍ରକାର ଆଧାତ୍ମିକ ଆନନ୍ଦ ହାସଲ ହେଉଅଛି । ଦୁନିଆରେ ଏପରି ଦୃଶ୍ୟ ଆଉ କେଉଁଠାରେ ଦେଖିବାକୁ ମିଳେନାହିଁ । ହଙ୍ଗେରୀରୁ ଆସିଥିବା ଏହି ପ୍ରତିନିଧି ମଣ୍ଡଳଙ୍କ ସାକ୍ଷାତ୍‌କାର ୨:୨୦ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ପ୍ରତିନିଧି ମଣ୍ଡଳର ପ୍ରତ୍ୟେକ ସଦସ୍ୟ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ସାଉଥକୋରିଆରୁ ଆସିଥିବା ପ୍ରତିନିଧି ମଣ୍ଡଳଙ୍କ ସହିତ ସାକ୍ଷାତ୍‌କାର**

ଏହାପରେ ସାଉଥକୋରିଆରୁ ଆସିଥିବା ଅତିଥି Mr. Yeongjin Shin ସାହେବ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ସେ ପେଶାରେ ଜଣେ ଶିକ୍ଷକ ଅଟନ୍ତି ଏବଂ ଇସ୍‌ଲାମ୍ ବିଷୟରେ ଆଗକୁ ଅଧିକା ଅଧ୍ୟୟନ କରୁଛନ୍ତି । ସେ କହିଲେ ମୁଁ ଜଲସାସାଲାନାର ପ୍ରୋଗ୍ରାମ୍ ଗୁଡିକୁ ଓ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ଅଭିଭାଷଣରୁ ବହୁତ କିଛି ଶିଖିବାକୁ ପାଇଲି । ଇସ୍‌ଲାମ୍ ବିଷୟରେ ମୋତେ ବହୁତ ଜ୍ଞାନ ହାସଲ ହେଲା ଏବଂ ମୋ ଜ୍ଞାନର ବହୁତ ବୃଦ୍ଧି ଘଟିଲା । ଏହା ପୂର୍ବରୁ ମୁଁ ଏ ବାବଦରେ କିଛି ଜାଣିନଥିଲି । ମୁଁ ଜାଣିବାକୁ ପାଇଲି ଯେ ଇସ୍‌ଲାମ୍ ହେଉଛି ଶାନ୍ତି ଓ

ସୌହାର୍ଦ୍ଦ୍ୟର ଧର୍ମ । ଏବଂ ସନ୍ତ୍ରାସବାଦ ସହିତ ଏହାର କୌଣସି ସମ୍ପର୍କ ନାହିଁ । ଜଲ୍‌ସାର କାର୍ଯ୍ୟକ୍ରମ ଗୁଡିକ ବହୁତ ଉଚ୍ଚକୋଟୀର ଥିଲା । ବର୍ଷା ହେବା ସତ୍ୱେ ମଧ ସ୍ୱେଚ୍ଛାସେବୀ କର୍ମୀମାନେ ପ୍ରତ୍ୟେକ କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ କଲେ । ଏବଂ କୌଣସି କାମ ରୋକିଗଲା ନାହିଁ ।

ଏହି ସାକ୍ଷାତ୍‌କାର୍ ଦିନ ୨:୨୫ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ସେ ହଜୁର୍‌ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ଜଣିକିଆ ଓ ଫ୍ୟାମିଲି ସାକ୍ଷାତ୍‌କାର୍**

ପ୍ରୋଗ୍ରାମ୍ ମୁତାବକ ଆଜି ସନ୍ଧ୍ୟା ୫:୧୫ ରେ ବିଭିନ୍ନ ଦେଶରୁ ଆସିଥିବା ଯମାତ୍‌ର ସଦସ୍ୟ ଓ ଫ୍ୟାମିଲି ଗୁଡିକ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ଗୌରବ ହାସଲ କଲେ । ଆଜି ୩୭ ଟି ଫ୍ୟାମିଲିର ୧୮୫ ଜଣ ଲୋକ ଏବଂ ଏତଦ୍‌ବ୍ୟତୀତ ୩୧ ଜଣ ଜଣକିଆ ସଦସ୍ୟ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହିପରି ସର୍ବମୋଟ ୨୧୬ ଜଣ ଲୋକ ସାକ୍ଷାତ୍ କରିବାର ସୁଯୋଗ ପାଇଲେ ।

ସାକ୍ଷାତ୍ କରିଥିବା ଏହି ଫ୍ୟାମିଲି ଗୁଡିକ ନିମ୍ନଲିଖିତ ୨୪ ଟି ଦେଶରୁ ଆସିଥିଲେ । ପାକିସ୍ତାନ, ଆମେରିକା, ବୁର୍କିନାଫାସୋ, ନାଇଜର, ଗାମ୍ବିଆ, କାନାଡ଼ା, ହାଣ୍ଡୁରାସ, ହେଇଟି, ସାଉଦିଆରବ, ସୁଇଜରଲାଣ୍ଡ, ବେଲ୍‌ଜିଅମ୍, ଅଷ୍ଟ୍ରେଲିଆ, ଇଣ୍ଡୋନେସିଆ, ଘାନା, ବହରିନ୍, ନରୱେ, ଡୁବାଇ, ଫିଜି, ୟୁଗାଣ୍ଡା, ନାଇଜେରିଆ, ଅବୁଧାବି, ୟୁ.କେ, ଇଣ୍ଡିଆ, ଶାର୍ଜା ।

ସେହି ଫ୍ୟାମିଲିର ପ୍ରତ୍ୟେକ ବ୍ୟକ୍ତି ନିଜ ପ୍ରିୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର୍ ଅନୁୱର୍ ଅ:ବ:ଅ ଶିକ୍ଷା ହାସଲ୍ କରିଥିବା ଛାତ୍ର ଛାତ୍ରୀମାନଙ୍କୁ କଲମ ଉପହାର ଦେଲେ ଏବଂ ଛୋଟ ପିଲାମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ ।

ସାକ୍ଷାତ୍‌କାରର ଏହି ପ୍ରୋଗ୍ରାମ୍ ସନ୍ଧ୍ୟା ୯:୧୫ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ୱଫଦ୍‌ର ପ୍ରତ୍ୟେକ ସଦସ୍ୟ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହାପରେ ହଜୁର୍ ମସ୍‌ଜିଦ୍ ଫଜଲ୍‌କୁ ଚାଲିଯାଇ ନମାଜ ମଗରିବ ଓ ଇସା ଜମା କରି ପଢ଼ାଇଲେ । ନମାଜ ପଢ଼ାଇବା ପରେ ହଜୁର୍ ନିଜର ଆବାସସ୍ଥଳୀକୁ ପ୍ରତ୍ୟାଗମନ କଲେ ।

⁂ ⁂ ⁂

**୧ ଅଗଷ୍ଟ ୨୦୧୭ (ମଙ୍ଗଳବାର)**

ଆଜି ପ୍ରୋଗ୍ରାମ୍ ମୁତାବକ ବଙ୍ଗଳା ଦେଶ, ଇଣ୍ଡୋନେସିଆ, ନିଉଜ୍‌ଲାଣ୍ଡ, ବୁର୍କିନାଫାସୋ, ଗୋଟେମାଲା, ମସ୍କୋ (ରୁଷ୍ୟା), ଶିରିଆଲିଓନ୍, ମିଡ୍‌ଗାସ୍କର, ଲାଇବେରିଆ, କ୍ୟାମେରୁନ୍, ହାଣ୍ଡୁରାସ୍ ଏବଂ ଗୟାନାରୁ ଆସିଥିବା ପ୍ରତିନିଧିମାନେ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ପ୍ରୋଗ୍ରାମ୍ ଥିଲା ।

**ବଙ୍ଗଳା ଦେଶରୁ ଆସିଥିବା ପ୍ରତିନିଧିଙ୍କ ସହିତ ସାକ୍ଷାତ୍‌କାର**

ସାକ୍ଷାତ୍‌କାର୍‌ର ଏହି ପ୍ରୋଗ୍ରାମ୍ ସକାଳ ୧୦:୩୦ ରୁ ଆରମ୍ଭ ହେଲା । ସର୍ବପ୍ରଥମେ ବଙ୍ଗଳା ଦେଶରୁ ଆସିଥିବା ପ୍ରତିନିଧିମାନେ ହଜୁର୍ ଅନୁୱର୍‌ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ବଙ୍ଗଳା ଦେଶର ୱଫଦ୍‌ରେ ଅମୀର୍ ସାହେବ ବଙ୍ଗଳାଦେଶ, ସଦର ଖୁଦାମୁଲ୍ ଅହେମଦୀୟା ବଙ୍ଗଳା ଦେଶ ଏବଂ ନ୍ୟାସ୍‌ନାଲ୍ ସେକ୍ରେଟାରୀ ତାଲିମ୍ ବଙ୍ଗଳାଦେଶ ତାଲିମ୍ ଥିଲେ ।

ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ଗୋଚରରେ ୱଫଦ୍‌ର ସଦସ୍ୟମାନେ ଯାମିଆ ଅହେମଦୀୟା ବଙ୍ଗଳାଦେଶର ନକ୍‌ସା କୁ ଉପସ୍ଥାପନ କରି ଉପଦେଶ ହାସଲ କଲେ । ଯାମିଆ ଅହେମଦୀୟା ବଙ୍ଗଳା ଦେଶର ନୂତନ ଗୃହ ନିର୍ମାଣର ପ୍ରୋଗ୍ରାମ୍ ଅହେମଦ ମଗର୍ ଉତର ବଙ୍ଗଳାରେ ପ୍ରୋଗ୍ରାମ୍ ରଖାଯାଇଛି । ହଜୁର୍ ଅନୁୱର୍ ଅ:ବ:ଅ ନିର୍ଦ୍ଦେଶ ଦେଲେ ଯେ ଯେଉଁ ଗୃହ ନିର୍ମାଣ କରାଯାଉଛି ସେଗୁଡିକୁ ବିଭିନ୍ନ ଥେଜେସ୍‌ରେ ନିର୍ମାଣ କରନ୍ତୁ । ଅମୀର୍ ସାହେବ୍ ବଙ୍ଗଳାଦେଶ ଯମାତ୍‌ର ବିଭିନ୍ନ ବ୍ୟାବସ୍ଥାପକ ବିଷୟରେ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସେବାରେ ତଥ୍ୟ ଉପସ୍ଥାପନ କରି ହଜୁର୍‌ଙ୍କ ନିକଟରୁ ଉପଦେଶମାନ ଗ୍ରହଣ କଲେ । ହଜୁର୍ ଅନୁୱର୍ ସଦର୍ ମଜଲିସ୍ ଖୁଦାମୁଲ୍ ଅହେମଦୀୟାକୁ ନିର୍ଦ୍ଦେଶ ଦେଲେ ଯେ ସେ ନିଜର ଖୁଦାମ୍ ମାନଙ୍କୁ କର୍ମଠ କରନ୍ତୁ । ଏବଂ ସେମାନଙ୍କୁ ବିଭିନ୍ନ ପ୍ରୋଗ୍ରାମ୍‌ର କାର୍ଯ୍ୟରେ ଲଗାନ୍ତୁ । ବଙ୍ଗଳା ଦେଶରୁ ଆସିଥିବା ଏହି ପ୍ରତିନିଧିମାନଙ୍କର ସାକ୍ଷାତ୍‌କାର ପ୍ରୋଗ୍ରାମ୍ ସକଳା ୧୦:୪୫ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ୱଫଦ୍‌ର ପ୍ରତ୍ୟେକ ସଦସ୍ୟ ହଜୁର୍ ଅନୁୱର୍‌ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ।

**ଇଣ୍ଡୋନେସିଆରୁ ଆସିଥିବା ପ୍ରତିନିଧିଙ୍କ ସାକ୍ଷାତ୍‌କାର୍**

ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ ମେହ୍‌ମୁଦ୍ ହଲ୍‌ରେ ପଦାର୍ପଣ କଲେ । ଏଠି ଇଣ୍ଡୋନେସିଆରୁ ଆସିଥିବା ଯମାତ୍ ଅହେମଦୀୟାର ଲୋକମାନଙ୍କ ସହିତ ସାକ୍ଷାତ୍‌କାରର ପ୍ରୋଗ୍ରାମ୍ ରଖାଯାଇଥିଲା । ଇଣ୍ଡୋନେସିଆରୁ ଏ ବର୍ଷ ୧୦୨ ଜଣ ସଦସ୍ୟ ବିଶିଷ୍ଟ ଯମାତର ପୁରୁଷ ଓ ମହିଳାମାନେ ସାମିଲ୍ ହୋଇଥିଲେ ।

ହଜୁର୍ ଅନୁୱର୍ ଅ:ବ:ଅ ସଦସ୍ୟମାନଙ୍କ ଠାରୁ ଏକଥା ପଚାରି ବୁଝିଲେ ଯେ ଏ ଜଲ୍‌ସା ତୁମ୍ଭକୁ କିପରି ଲାଗିଲା । ଏହାର ଉତରରେ ୱଫଦ୍‌ର ସଦସ୍ୟମାନେ ସେମାନଙ୍କ ଭିତରୁ ଅଧିକାଂଶ ମହିଳା ଥିଲେ, କହିଲେ- ଏହା ହେଉଛି ଏଠାରେ ଆମର ପ୍ରଥମ ଜଲ୍‌ସା ସାଲାନା, ଯେଉଁଥିରେ ଆମେ ଯୋଗଦେଇଛୁ । ଆମ ଇମାନ୍‌ରେ ଓ ଆଧାତ୍ମିକତାରେ ବହୁତ ବୃଦ୍ଧି ଘଟିଛି । ଏତେ ସଂଖ୍ୟକ ଏଠାରେ ଲୋକ ଥିବା ସତ୍ୱେ ମଧ ସବୁକାର୍ଯ୍ୟ ଧିରସ୍ଥିର ଭାବେ ହେଉଥିଲା । ଏ ଜଲ୍‌ସା ଆମପାଇଁ ବହୁତ ସ୍ମରଣୀୟ ଥିଲା ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଜଲ୍‌ସା ସମୟରେ ଆପଣମାନେ ଟେଂଟ୍ ଭିତରେ ରହିଥିଲେ । ଆପଣମାନଙ୍କ ପାଇଁ ଏହା ହେଉଛି ଗୋଟିଏ ବଡ଼ ଆଡ୍‌ଭେନ୍‌ଚର୍ । ଏବେ ଜଲ୍‌ସା ପରେ ଆପଣମାନେ ବଇତୁଲ୍ ଫତୁହ୍‌ରେ ରହିଛନ୍ତି । ଏଥିରେ ସଦସ୍ୟମାନେ କହିଲେ ଏଠାରେ ଆମର ପ୍ରତ୍ୟେକ ପ୍ରକାର ଧ୍ୟାନ ରଖାଗଲା । ଏବଂ ଆମେ ବହୁତ ସୁରକ୍ଷିତ ରହିଲୁ ।

ଜଣେ ଇଣ୍ଡୋନେସିଆ ଆଇଟି ଇଂଜିନିୟର୍ ସେ ସାଉଦିଆରବ୍‌ରୁ ଆସିଥିଲେ । ସେ ସେଠିକାର ଯମାତ୍‌ର ଲୋକମାନଙ୍କ ତରଫରୁ ସଲାମ୍ ପ୍ରେରଣ କଲେ । ହଜୁର ଅନୁୱର୍ ଅ:ବ:ଅ କହିଲେ:- ''ଆପଣଙ୍କର ତ ମାସାଆଲା ପୁରା ଫ୍ୟାମିଲି ଏଠାକୁ ଆସିଛନ୍ତି'' ।

ୱଫଦ୍‌ର ସଦସ୍ୟମାନେ ଜଣ ଜଣ ହୋଇ ନିଜର ପରିଚୟ ପ୍ରଦାନ କଲେ ଏବଂ ସମସ୍ତେ ହଜୁର୍ ଅନୁୱର୍‌ଙ୍କ ସେବାରେ ନିଜ ପାଇଁ, ନିଜ ଫ୍ୟାମିଲି ପାଇଁ ଓ ସନ୍ତାନମାନଙ୍କ ନିମନ୍ତେ ଦୁଆର ଦରଖାସ୍ତ କଲେ ।

ହଜୁର୍ ଅନୁୱର୍ ଅ:ବ:ଅ ୱଫଦ୍‌ର ସଦସ୍ୟମାନଙ୍କୁ ଉପହାର ସବୃଶ କଲମ ପ୍ରଦାନ କଲେ ଏବଂ ଛୋଟ ଛୋଟ ପିଲାମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ । ଏହିପରି ୱଫଦ୍ ପ୍ରତ୍ୟେକ ସଦସ୍ୟ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଇଣ୍ଡୋନେସିଅ ୱଫଦ୍‌ଙ୍କ ଏହି ସାକ୍ଷାତ୍‌କାର୍ ୧୧:୨୫ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ ନିଜ ଦଫ୍‌ତର୍‌କୁ ଚାଲିଗଲେ ।

ନିଉଜ୍‌ଲାଣ୍ଡରୁ ଆସିଥିବା ପ୍ରତିନିଧିମାନଙ୍କ ସାକ୍ଷାତ୍‌କାର୍

ଏହାପରେ ପ୍ରୋଗ୍ରାମ୍ ମୁତାବକ ନିଉଜ୍‌ଲାଣ୍ଡରୁ ସେଠିକାର ମାଉରୀ କବିଲା ସହିତ ସମ୍ପର୍କ ରଖୁଥିବା ନୌମୋବାଏ ବନ୍ଧୁ ମାଥିଉ ଅବୁବକର୍ ସାହେବ ଏବଂ ତାଙ୍କ ସ୍ତ୍ରୀ ଡେନାଲିନ୍ ହୱେଲ୍ ସାହିବା ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ସେ ହେଉଛନ୍ତି ମାଉରୀ କବିଲାର ପ୍ରଥମ ଅହେମଦୀ । ଯେବେ ହଜୁର୍ ଅନୁୱର୍ ଅ:ବ:ଅ ଅକ୍ଟୋବର ୨୦୧୩ ମସିହାରେ ନିଉଜ୍‌ଲାଣ୍ଡ୍ ଗସ୍ତ କରିଥିଲେ ସେତେବେଳେ ସେହି ମାଉରୀ କବିଲାର ରାଜା Tuheitia Paki ହଜୁର୍ ଅନୁୱର୍ ଅ:ବ:ଅ ଙ୍କୁ ନିଜର ମୁଖ୍ୟ ସ୍ଥଳ ମରାଏ ଠାରେ ସ୍ୱାଗତ ଜଣାଇଥିଲେ ଏବଂ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ସମ୍ମାନରେ ଏକ ସ୍ୱାଗତ ଉତ୍ସବର ଆୟୋଜନ ମଧ କରିଥିଲେ ।

ଏହି ମାଉରୀ କବିଲାର ଲୋକମାନେ ହେଉଛନ୍ତି ନିଉଜ୍‌ଲାଣ୍ଡର ଆଦିବାସୀ । ଯେଉଁମାନେ ତେରଶହ ଖ୍ରୀଷ୍ଟାବ୍ଦ ସମୟରେ Oceania ର ପୂର୍ବ ଭାଗରୁ Palynesia ଠାରୁ ମାଇଗ୍ରେସନ୍ କରି ନିଉଜ୍‌ଲାଣ୍ଡରେ ବସତି ସ୍ଥାପନ କଲେ । ବର୍ତମାନ ଅଲ୍ଲାଃତାଲାଙ୍କ କୃପାରୁ ଏହି କବିଲାରେ ମଧ ଅହେମଦୀୟତ୍‌ର ବୀଜ ରୋପଣ ହୋଇଗଲାଣି । ଏହି ସ୍ୱାମୀ ସ୍ତ୍ରୀ ଦୁଇଜଣଯାକ ଆମ ଏ ଜଲ୍‌ସାରେ ସାମିଲ୍ ହୋଇଛନ୍ତି । ଏ ଦୁଇଜଣଯାକ କହିଲେ ଯେ ଆମେ ଏହି ଜଲ୍‌ସାସାଲାନାକୁ ବହୁତ ଉପଭୋଗ କଲୁ । ଆମେ ଏଠିକାର ଯମାତ୍‌ର ବ୍ୟବସ୍ଥା ଦ୍ୱାରା ବହୁତ ପ୍ରଭାବିତ ହୋଇଛୁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ବର୍ତମାନ ଆପଣମାନେ ନିଜକୁ ଯମାତ୍‌ର ମିସ୍‌ନାରୀ ରୂପେ ବିବେଚନା କର । ଏବଂ ଏଠାରୁ ଫେରିଯାଇ ମାଉରୀ ଲୋକମାନଙ୍କୁ ତବ୍‌ଲିଗ୍ କରନ୍ତୁ ।

ଏହି ସ୍ୱାମୀ ସ୍ତ୍ରୀ ଦୁଇଜଣ ହଜୁର୍ ଅନୁୱର୍‌ଙ୍କ ଗୋଚରରେ ସନ୍ତାନ ପ୍ରାପ୍ତ ପାଇଁ ଦୁଆର ଦରଖାସ୍ତ କଲେ । ଏବଂ କହିଲେ ଯେ ଏପର୍ଯ୍ୟନ୍ତ ତାଙ୍କର କୌଣସି ପିଲାପିଲି ନାହାଁନ୍ତି । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଅଲ୍ଲାହତାଲା ଫଜଲ୍ ଫରମାଏ ।

ନୌମୋବାଏ ବନ୍ଧୁ ମାଥିଉ ଅବୁବକର୍ ସାହେବ୍‌ଙ୍କର ସ୍ତ୍ରୀ ନିଜର ଭାବନାକୁ ବ୍ୟକ୍ତ କରି କହୁଛନ୍ତି- ମୋତେ ଏ ଜଲ୍‌ସାରେ ସାମିଲ୍ ହୋଇ ହଜୁର୍ ଅନୁୱର୍ ଅ:ବ:ଅ ଙ୍କ ଅଭିଭାଷଣ ଶୁଣିବା ପରେ ଜଣାପଡ଼ିଲା ଯେ ଜିହାଦ୍‌ର ପ୍ରକୃତ ଅର୍ଥ ହେଉଛି କରୁଣା, ଭାଇଚାରା, ସହନଶୀଳତା, ସ୍ନେହ ଓ ପ୍ରେମ । ମୁଁ ଦୁଆ କରୁଛି ଯେ ଯମାତ୍ ଅହେମଦୀୟା ଏହି ଜିହାଦ୍‌କୁ ସଦାସର୍ବଦା ଜାରି ରଖୁ । ଏହି ଜଲ୍‌ସା ମାଧ୍ୟମରେ ଆମେ ସମଗ୍ର ଦୁନିଆର ବିଭିନ୍ନ ଜାତିର ପ୍ରତିନିଧିମାନଙ୍କ ସହିତ ସାକ୍ଷାତ୍ କରିବାର ଅବସର ପାଇଲୁ । ଆମର ଏ ଆନ୍ତରିକ ଇଚ୍ଛା ଯେ ଆମେ ଏହି ସମ୍ପର୍କକୁ ଓ ସମ୍ବନ୍ଧକୁ ଆହୁରି ଆଗକୁ ବଢ଼ାଇବୁ । ଆଲମୀ ବୟତ୍ ର ଦୃଶ୍ୟ ଅତ୍ୟନ୍ତ ଅସାଧାରଣ ଓ ସମ୍ମୋହନକାରୀ ଥିଲା । ପ୍ରତ୍ୟେକ ଲୋକ ଏକ ଜୀବନ ହୋଇ ବୟତ୍‌ର ପ୍ରତିଶ୍ରୁତିକୁ ଦୋହରାଉଥିଲେ । ଏବଂ ହଜୁର୍ ଅନୁୱର୍‌ଙ୍କ ଠାରୁ ବର୍‌କତ୍ ହାସଲ୍ କରୁଥିଲେ । ଏହି ସାକ୍ଷାତ୍‌କାର୍ ୧୧:୩୫ ରେ ଶେଷ ହେଲା ।

*ଅବଶିଷ୍ଟାଂଶ ପୃଷ୍ଠା-୬ ରେ ଦେଖନ୍ତୁ...*

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**
The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
**Postal Reg. No.GDP-40/2017-2019 Vol.3 Thursday 4-11 January 2018 Issue No. 1-2**

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.300/- (Per Issue:Rs.6/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜଲ୍‌ସା ସାଲାନା ବ୍ରିଟେନ୍-୨୦୧୭ ଅବସରରେ କାର୍ଯ୍ୟବ୍ୟସ୍ତତା

## ଯମାତ୍ ଅହେମଦୀୟା ସମଗ୍ର ମାନବ ଜାତି ପାଇଁ ଏକ ଉଦାହରଣ ।
## ହଜୁର୍‌ଙ୍କ ମହାନ୍ ବ୍ୟକ୍ତିତ୍ୱ କୁ କଳନା କରିହେବ ନାହିଁ ।
## ''ହଜୁର୍‌ଙ୍କ ସହିତ ସାକ୍ଷାତ୍‌କାର୍ କରିବା ଦ୍ୱାରା ଏକ ଆଧାତ୍ମିକ ଶକ୍ତି ପ୍ରାପ୍ତ ହେଉଅଛି ।''

★ନିଶ୍ଚିତରୂପେ ସେ ଏପରି ମହାନ୍ ଆଧାତ୍ମିକ କାର୍ଯ୍ୟ ପାଇଁ ଖୁଦାଙ୍କ ତରଫରୁ ବିଶେଷ ରୂପେ ପ୍ରସ୍ତୁତ ହୋଇଛନ୍ତି । ତାଙ୍କର ବାର୍ତାଳାପ ଗୁଡିକ ଅତ୍ୟନ୍ତ ମୋହନୀୟ ଏବଂ ଅସାଧାରଣ ବୁଦ୍ଧିମତାରେ ପରିପୂର୍ଣ୍ଣ । ମୁହଁରେ ଏକ ସୁନ୍ଦର ହସ ପ୍ରସ୍ଫୁଟିତ ହେଉଅଛି, ଯାହାଦ୍ୱାରା ଆପଣଙ୍କ ସହିତ ମିଶୁଥିବା ବ୍ୟକ୍ତିମାନେ ବହୁତ ପ୍ରଭାବିତ ହେଉଛନ୍ତି । ମୋ ହୃଦୟ କହୁଛି ଯେ ଯଦି କୌଣସି ସଚ୍ଚା ଧର୍ମ ଅଛି ତେବେ ତାହା ହେଉଛି ଇସ୍‌ଲାମ୍ ଅହେମଦୀୟତ୍ । (ହେଇଟି ଦେଶର ରାଷ୍ଟ୍ରପତିଙ୍କ ପ୍ରତିନିଧି Joseph Pierre Richard Buplan ସାହେବ) ।

★ଇମାମ୍ ଯମାତ୍ ଅହେମଦୀୟାଙ୍କ ସହିତ ମିଶିବା ପରେ ମୁଁ ଏହା ଅନୁଭବ କଲି ଯେ ସେ ଅତ୍ୟନ୍ତ ଆଧାତ୍ମିକ ବ୍ୟକ୍ତିତ୍ୱ ଅଟନ୍ତି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେ ଅନ୍ୟମାନଙ୍କର ଭାବନାକୁ ବହୁତ ଭଲ ରୂପେ ଜାଣିପାରୁଛନ୍ତି । ସେ ଏତେବଡ଼ ଯମାତ୍‌ର ମୁଖ୍ୟ ହେବା ସତ୍ତ୍ୱେ ମଧ ଅତ୍ୟନ୍ତ ବିନମ୍ର ବ୍ୟକ୍ତି ଅଟନ୍ତି । (ବୌଦ୍ଧ ସ୍କଲାର୍ ଏବଂ ଶିକ୍ଷକ Naresh Shakya ସାହେବ) ।

★ମୋତେ ବହୁତ ଆଶ୍ଚର୍ଯ୍ୟ ଲାଗୁଛି ଯେ ଇସ୍‌ଲାମ୍ ଅହେମଦୀୟତ୍ ଥିବା ସତ୍ତ୍ୱେ ମଧ ମୁସଲ୍‌ମାନ୍‌ମାନେ କିପରି ଚରମପନ୍ଥୀ ହୋଇପାରୁଛନ୍ତି ? ଯମାତ୍ ଅହେମଦୀୟାର ଏହି ଶାନ୍ତିପୂର୍ଣ୍ଣ ବାର୍ତାକୁ ନେପାଳର କୋଣ ଅନୁକୋଣରେ ପହଂଚାଇବା ଆବଶ୍ୟକ । ଯମାତ୍ ଅହେମଦୀୟା ସମଗ୍ର ମାନବ ଜାତିପାଇଁ ଏକ ଉଦାହରଣ । (ଫିଲୋସଫି ଏବଂ ସାଇକୋଲୋଜି ର ପ୍ରଫେସର ଡାଃ ଗୋବିନ୍ଦା ଉପାଧ୍ୟାୟ ସାହେବ୍) ।

★ଜଲ୍‌ସାର ପରିବେଶ ବହୁତ ଆଧାତ୍ମିକ ଥିଲା, ସେବା କରୁଥିବା ଲୋକମାନଙ୍କ ଭିତରେ କଣ ଏପରି ଆଧାତ୍ମିକ ଶକ୍ତି ଥିଲା ଯେ ସେମାନେ ସବୁ ସମୟରେ ପ୍ରତ୍ୟେକ ପ୍ରକାରର କଷ୍ଟ ଉଠାଇବାରେ ଆନନ୍ଦ ଅନୁଭବ କରୁଥିଲେ । ଏବଂ ନିଜ ନିଜର ଡ୍ୟୁଟି କୁ ବହୁତ ଯତ୍ନ ଏବଂ ସତର୍କତାର ସହିତ ନିର୍ବାହ କରୁଥିଲେ । ନିଶ୍ଚିତ ରୂପେ ତାହା ଆଧାତ୍ମିକ ଶକ୍ତି ଥିଲା, ଯାହା ଆଜି ଏ ସଂସାରରେ ଯମାତ୍ ଅହେମଦୀୟାକୁ ଛାଡ଼ିଦେଲେ ଆଉ କେଉଁଠାରେ ମିଳେନାହିଁ, ହଜୁର୍ ଅନୁଓ୍ୱର୍‌ଙ୍କର ମହାନତାକୁ କଳନା କରାଯାଇପାରିବ ନାହିଁ, ହଜୁର୍‌ଙ୍କ ସହିତ ସାକ୍ଷାତ୍ କରିବା ପରେ ଏକ ପ୍ରକାର ପ୍ରେମ, ସହାନୁଭୂତି ଓ ଆଧାତ୍ମିକ ଶକ୍ତି ପ୍ରାପ୍ତ ହେଉଛି । ହଜୁର୍‌ଙ୍କ ସହିତ ସାକ୍ଷାତ୍‌କାର୍ ମୋ ପାଇଁ ଏକ ଅବର୍ଣ୍ଣନୀୟ ଘଟଣା ଅଟେ । ହଜୁର୍ ଅନୁଓ୍ୱର୍‌ଙ୍କ ଅଭିଭାଷଣରେ ବର୍ତମାନ ସମୟର ସମସ୍ୟା ଗୁଡିକର ସମାଧାନର ରାସ୍ତା ମିଳିପାରୁଛି । (ପ୍ରୋଟେଷ୍ଟାଂଟ୍ ଚର୍ଚ ର ପାଦ୍ରୀ Gabor Tamas ସାହେବ) ।

★ମୁଁ ଏହି ଜଲ୍‌ସାରେ ଇସ୍‌ଲାମ୍‌ର ଏକ ନୂଆ ରୂପ ଦେଖିବାକୁ ପାଇଲି । ମୁସଲ୍‌ମାନ ମାନଙ୍କର ଗୋଟିଏ ଏପରି ଯମାତ୍ ଦେଖିଲି ଯିଏ ପ୍ରେମ ଓ ସ୍ନେହର ଅନୁପମ ଦୃଷ୍ଟାନ୍ତ ଅଟେ, ଯିଏ ନିଜ ଇମାନ୍‌କୁ କାର୍ଯ୍ୟରେ ପରିବେଷଣ କରୁଛି । ମୁଁ ଫେରିବା ପରେ ନିଜ ଚତୁଃପାର୍ଶ୍ୱରେ ଥିବା ଲୋକମାନଙ୍କୁ ଓ ଶିକ୍ଷାର୍ଥୀମାନଙ୍କୁ ଏହା ବତାଇବି ଯେ ଯମାତ୍ ଅହେମଦୀୟା ଇସ୍‌ଲାମ୍‌ର ବାସ୍ତବିକ ଓ ସୁନ୍ଦର ଶିକ୍ଷାକୁ ନିଜ କାର୍ଯ୍ୟରେ ଉପସ୍ଥାପନ କରୁଅଛି । ଏବଂ ଯିଏ ନିଜର ବାସ୍ତବିକ ମୋଟୋ ''ମହବତ୍ ସବ୍ କେ ଲିଏ, ନଫରତ୍ କିସି ସେ ନେହିଁ'' ଅର୍ଥାତ୍- (ପ୍ରେମ ସଭିଙ୍କ ପାଇଁ, ଘୃଣା କାହାକୁ ନାହିଁ) ଉପରେ ଅମଳ କରୁଅଛି । (କୋଷ୍ଟାରିକା ଦେଶର ଜାତୀୟ ୟୁନିଭରସିଟିର ପ୍ରଫେସର୍ Sergio Moya ସାହେବ) ।

★ଯମାତ୍ ଅହେମଦୀୟା ଯେଉଁ ସ୍ଥାନରେ ଅଛି ସେ ସ୍ଥାନରେ ମୁଁ କୌଣସି ମୁସଲ୍‌ମାନ୍ ଲିଡର୍‌ଙ୍କୁ ଇସ୍‌ଲାମ୍‌ର ଏପରି ଶିକ୍ଷା ବିଷୟରେ ସ୍ୱଷ୍ଟ ରୂପେ ବର୍ଣ୍ଣନା କରିବାର କଦାପି ଦେଖିନାହିଁ । ଇମାମ୍ ଯମାତ୍ ଅହେମଦୀୟାଙ୍କର ସ୍ୱଭାବ ଅତ୍ୟନ୍ତ ପ୍ରସନ୍ନତା ପୂର୍ଣ୍ଣ ଓ ସୁନ୍ଦର ରୂପେ ସେ ଅଭିଭାଷଣ ମଧ ଦେଉଛନ୍ତି, ଯାହାକୁ ସାଧାରଣତଃ ଅନ୍ୟ ଧାର୍ମିକ ଲିଡର୍‌ମାନଙ୍କ ଠାରେ ଖୁବ୍ କମ୍ ଦେଖିବାକୁ ମିଳେ । ସେ ନିଜ ସମ୍ମୁଖରେ ବସିଥିବା ଲୋକମାନଙ୍କୁ ସହଜ, ସ୍ୱଷ୍ଟ ଓ ଧିର ସ୍ୱରରେ କଥାକୁ ବୁଝାଇ ଦେଉଛନ୍ତି । (Smagin Nikita ସାହେବ୍, ଏଡିଟର୍ Iran Today ମସ୍କୋରସିଆ)

**ଜଲ୍‌ସା ସାଲାନା ବ୍ରିଟେନ୍‌ରେ ସାମିଲ୍ ହୋଇଥିବା ଅତିଥିଗଣ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବା ପରେ**
**ସେମାନଙ୍କର ବିଶ୍ୱାସବର୍ଦ୍ଧକ ମନୋଭାବ**

**(ରିପୋର୍ଟ:-ଅବ୍‌ଦୁଲ୍ ମାଜିଦ୍ ତାହେର୍, ଏଡ଼ିଶିନାଲ୍ ଓକିଲୁଲ୍ ତବ୍‌ଶିର୍ ଲଣ୍ଡନ୍)**

**୩୧ ଜୁଲାଇ ୨୦୧୭ (ସୋମବାର)**

ଆଜି ପ୍ରୋଗ୍ରାମ୍ ମୁତାବକ କବାବୀର (ପାଲେଷ୍ଟାଇନ୍), ଗାମ୍ବିଆ, ହେଇଟି, ଫିଲିପାଇନ୍, କ୍ରୋଏସିଆ, ସାଇପ୍ରସ୍, ଇଣ୍ଡୋନେସିଆ, ନେପାଳ, ଆମେରିକା, ହଙ୍ଗେରୀ ଓ ସାଉଥକୋରିଆ ରୁ ଆସିଥିବା ଅତିଥିଗଣ ଓ ପ୍ରତିନିଧି ମଣ୍ଡଳର ହଜୁର ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍‌କାରର ପ୍ରୋଗ୍ରାମ୍ ରଖାଯାଇଥିଲା । ସାକ୍ଷାତ୍‌କାରର ଏହି ପ୍ରୋଗ୍ରାମ୍ ସକାଳ ୧୧:୧୦ ରେ ଆରମ୍ଭ ହେଲା ।

**କବାବୀର୍‌ର ପ୍ରତିନିଧି ମଣ୍ଡଳଙ୍କ ସହିତ ସାକ୍ଷାତ୍‌କାର୍**

କବାବୀର (ପାଲେଷ୍ଟାଇନ୍) ରୁ ଏ ବର୍ଷ ୫୭ ଜଣ (ପୁରୁଷ ଓ ମହିଳା) ଲୋକ ପରିବେଷ୍ଟିତ ପ୍ରତିନିଧି ମଣ୍ଡଳ ଆସିଥିଲା । ଏହି ପ୍ରତିନିଧି ମଣ୍ଡଳଙ୍କ ସହିତ ସାକ୍ଷାତ୍‌କାରର ବ୍ୟବସ୍ଥା ମେହ୍‌ମୁଦ୍ ହଲ୍‌ରେ କରାଯାଇଥିଲା । ହଜୁର୍ ଅନୁଓ୍ୱର୍ ଅ:ବ:ଅ ପ୍ରତିନିଧି ମଣ୍ଡଳର ସଦସ୍ୟ ମାନଙ୍କଠାରୁ ଜଲ୍‌ସା ବାବଦରେ ପଚାରି ବୁଝିଲେ ।

ଜଣେ ମହିଳା କହିଲେ- ମୁଁ ଦ୍ୱିତୀୟ ଥର ପାଇଁ ଏ ଜଲ୍‌ସାରେ ସାମିଲ୍ ହୋଇଛି । ଆମେ ସମସ୍ତେ ଏ ଜଲ୍‌ସାରେ ସାମିଲ୍ ହୋଇଥିବା ଯୋଗୁଁ ବହୁତ ଆନନ୍ଦିତ । ଜଲ୍‌ସାର ବ୍ୟବସ୍ଥା ପ୍ରୋଗ୍ରାମ୍ ଗୁଡିକ ବହୁତ ଉତମ ଥିଲା । ପୁଣି ସେ କହିଲେ ଆମ କୁଟୁମ୍ବରେ କେବଳ ଜଣେ ଅହେମଦୀ ବାକି ଅନ୍ୟମାନେ ଭୟ କରୁଛନ୍ତି । ସେଥିଯୋଗୁ ଦୁଆ କରନ୍ତୁ ଯେ ଅଲ୍ଲାହ୍‌ତାଲା ସେମାନଙ୍କୁ ମଧ ଅହେମଦୀୟତ୍ ଗ୍ରହଣ କରିବା ପାଇଁ

*ଅବଶିଷ୍ଟାଂଶ ପୃଷ୍ଠା-୧୦ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan